
ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, September 3/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 279 | ମୂଲ୍ୟ ₹୭/-

# ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା ପ୍ରବଣତା ବଢ଼ୁଛି

**ମାନସିକ ଚାପ ଓ ଅବସାଦ ବୃଦ୍ଧି ଯୋଗୁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବିଶ୍ୱରେ ଘଟୁଥିବା ପ୍ରତି ୧୦୦ ମୃତ୍ୟୁ ମଧ୍ୟରୁ ଏକାଧିକ ଆତ୍ମହତ୍ୟାଜନିତ। ବିଶେଷକରି ସ୍ୱଳ୍ପବୟସ୍କଙ୍କ ମାନସିକ ସ୍ୱାସ୍ଥ୍ୟ ସଙ୍କଟ ଏଥିପାଇଁ ଦାୟୀ ବୋଲି ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ତେବେ ଜନସଚେତନତା ସୃଷ୍ଟି ସହ ଉପଯୁକ୍ତ କାଉନ୍‌ସେଲିଂ ଦ୍ୱାରା ଏହାର ନିରାକରଣ ସମ୍ଭବ ବୋଲି ବିଶେଷଜ୍ଞ ତଥା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି।**




## ସଚେତନତା, କାଉନ୍‌ସେଲିଂ ଜରୁରୀ: ବିଶେଷଜ୍ଞ

ଜେନେଭା/ଭୁବନେଶ୍ୱର/କଟକ/ବ୍ରହ୍ମପୁର,୨।୯ (ବନ୍ଦନା ସେଠୀ/ ଶିଳ୍ପା ପ୍ରିୟଦର୍ଶିନୀ/ ଅଶୋକ ସାହୁ)

ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥା ଡବ୍ଲ୍ୟୁଏଚ୍‌ଓ ୨୦୨୧ରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ଏହାର ମାନସିକ ସ୍ୱାସ୍ଥ୍ୟ ବିଭାଗ ଅନ୍ତରୀଣ ମୁଖ୍ୟ ଦେଭୋରା କେଷ୍ଟେଲ କହିଛନ୍ତି, ବିଶ୍ୱରେ ବର୍ଷକୁ ୭.୨୭ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ପ୍ରତି ୧୦୦ ଜଣରେ ଜଣେରୁ ଊର୍ଦ୍ଧ୍ୱ (୧.୧%) ବ୍ୟକ୍ତି ଜୀବନ ହାରୁଛନ୍ତି। ପ୍ରତି ୨୦ଜଣଙ୍କ ଆତ୍ମହତ୍ୟା ଉଦ୍ୟମରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟୁଛି। ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରୁ ୫୩% ହେଉଛନ୍ତି ମହିଳା। ଆତ୍ମହତ୍ୟା ଅଗଣିତ ଜୀବନ ଓ ଜୀବିକାକୁ ଉଜାଡ଼ି ଦେଉଛି। ଆତ୍ମହତ୍ୟାକାରୀଙ୍କ ବନ୍ଧୁ, ସମ୍ପର୍କୀୟମାନେ ଅକଳ୍ପନୀୟ ଅସୁବିଧା ଦେଇ ଗତି କରୁଛନ୍ତି। ବିଶ୍ୱରେ ଭୌଗୋଳିକ ଓ ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସ୍ୱଳ୍ପ ବୟସ୍କମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇ ରହିଆସିଛି। ୨୦୨୧ରେ ୧୫ରୁ ୨୯ ବର୍ଷୀୟା ଝିଅ ଓ ମହିଳାଙ୍କ କ୍ଷେତ୍ରରେ ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ଆତ୍ମହତ୍ୟା ହୋଇଥିବାବେଳେ ସମାନ ବୟସ୍କ ପୁରୁଷଙ୍କ ପାଇଁ ଏହା ତୃତୀୟ ବୃହତ୍ କାରଣ ହୋଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ୨୦୦୦ରୁ ୨୦୨୧ ମଧ୍ୟରେ ଏହି ବୟସ ବର୍ଗର ଲୋକଙ୍କଠାରେ ବିଶ୍ୱବ୍ୟାପୀ ୩୫% ଆତ୍ମହତ୍ୟା ହାର ହ୍ରାସ ପାଇଥିଲେ ମଧ୍ୟ ଏହାକୁ ରୋକିବା ନେଇ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ୨୦୧୫ରୁ ୨୦୩୦ ମଧ୍ୟରେ ଆତ୍ମହତ୍ୟା ହାର ଏକତୃତୀୟାଂଶ ହ୍ରାସ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନର ଅଗ୍ରଗତିକୁ ଦେଖିଲେ ୨୦୩୦ ବେଳକୁ ଏଥିରେ ମାତ୍ର ୧୨% ସଫଳତା ମିଳିପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ଉକ୍ତ ରିପୋର୍ଟରେ ଦର୍ଶାଇଛି। ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଟୁଡେ ଏବଂ ମେଣ୍ଟାଲ ହେଲ୍‌ଥ ଆଟ୍‌ଲାସ୍ ୨୦୨୪ ଶୀର୍ଷକ ଦୁଇଟି ରିପୋର୍ଟକୁ ☞ପୃଷ୍ଠା-୪

# ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ ହେବ ସେମିକଣ୍ଡକ୍ଟର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯ (ରବିନାରାୟଣ ଜେନା)

**ସେମିକନ୍ ଇଣ୍ଡିଆ-୨୦୨୫**

ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ-୨୦୨୫ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଏହି ସେମିକଣ୍ଡକ୍ଟର ସମ୍ମିଳନୀ ଏକ ଐତିହାସିକ ମଞ୍ଚ, ଯେଉଁଥିରେ ବିଶ୍ୱନେତା, ନୀତି ନିର୍ଦ୍ଦେଶକ, ଗବେଷକ, ଷ୍ଟାର୍ଟଅପ୍ ଏବଂ ଶିଳ୍ପ ପ୍ରବର୍ତ୍ତକମାନେ ଭାରତର ସେମିକଣ୍ଡକ୍ଟର ଭବିଷ୍ୟତକୁ ଗଢ଼ିବା ପାଇଁ ଏକତ୍ରିତ ହୋଇଛନ୍ତି। ଭାରତରେ ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍‌ର ଲୋକାର୍ପଣ ସତରେ ପ୍ରେରଣାଦାୟକ, ଯାହା ଆମର ରାଷ୍ଟ୍ରର ପ୍ରଯୁକ୍ତିଗତ ନେତୃତ୍ୱ ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ ସୃଷ୍ଟି କରିଛି।

ଏହି ଅବସରରେ ଓଡ଼ିଶା ପକ୍ଷରୁ ତିନୋଟି ଚିପ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରେ ପିଏମ୍‌ଇସି ବ୍ରହ୍ମପୁର ☞ପୃଷ୍ଠା-୪


ସେମିକନ୍ ଇଣ୍ଡିଆ-୨୦୨୫ରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ।

## ସୁଦାନ ଭୂସ୍ଖଳନରେ ୧୦୦୦ ମୃତ

### ସମ୍ପୂର୍ଣ୍ଣ ଗାଁ ନିଶ୍ଚିହ୍ନ

କାଏରୋ,୨।୯

ସୁଦାନର ଡାର୍‌ଫୁର ପଶ୍ଚିମାଞ୍ଚଳରେ ଭୂସ୍ଖଳନ ଘଟି ଗୋଟିଏ ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଅଗଷ୍ଟ ଶେଷ ଭାଗରେ ପ୍ରବଳ ବର୍ଷା ଲାଗିରହିବା ଫଳରେ କେନ୍ଦ୍ରୀୟ ଡାର୍‌ଫୁରର ମରାହ ପର୍ବତମାଳାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶିକ୍ଷକଙ୍କ ପାଇଁ ପରୀକ୍ଷା**

ଓଡ଼ିଶା ସରକାର
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

No. T-73: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୦୮।୦୯।୨୦୨୫ରିଖ ସୋମବାର ଦିନ ସକାଳ ୧୦.୦୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୦୩।୦୯।୨୦୨୫ରିଖ ଦିବା ୧୧ଘଟିକାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09001/11/0014/2526

DSPL - 246

ଓମ୍‌ଫେଡ୍ କ୍ଷୀର ଓଡ଼ିଶାର | ଓଡ଼ିଶା ଶାସନ | KORAPUT COFFEE TRIBAL COFFEE HOUSE


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭ ଉଦ୍‌ଘାଟନ
ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ଓଡ଼ିଶା ନିବାସ, ନୂଆଦିଲ୍ଲୀ | ୩ ସେପ୍ଟେମ୍ବର ୨୦୨୫, ସନ୍ଧ୍ୟା ୭:୩୦

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ || ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ || ଓମ୍‌ଫେଡ୍ || ଟିଡ଼ିକଲ୍
ଓଡ଼ିଶା ସରକାର

OIPR-06014/13/0053/2526

## ସଂକ୍ଷେପରେ

### ଆଫଗାନିସ୍ତାନ ଭୂକମ୍ପ ମୃତ୍ୟୁସଂଖ୍ୟା ୧,୪୧୧

କାବୁଲ,୨।୯

ଆଫଗାନିସ୍ତାନର କୁନାର ପ୍ରଦେଶରେ ସଂଘଟିତ ଭୟାବହ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ମଙ୍ଗଳବାର ୧,୪୧୧ରେ ପହଞ୍ଚିଥିବାବେଳେ ୩,୧୨୪ ଜଣ ଆହତ ହୋଇଛନ୍ତି। ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦଙ୍କ ସୂଚନା ଅନୁଯାୟୀ, ଭୂକମ୍ପରେ ୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ରବିବାର ବିଳମ୍ବିତ ରାତିରେ ଲୋକେ ଶୋଇଥିବାବେଳେ ଭୂକମ୍ପ ଅନୁଭୂତ ହୋଇଥିଲା। ଫଳରେ ବହୁ ଘର ଭୁଶୁଡ଼ିବା ସହ ଏହାତଳେ ରହିଯାଇ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲା। ଏବେ ବି କେତେଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ଆଶଙ୍କା କରାଯାଉଛି। ତେବେ ଖରାପ ପାଗ ଯୋଗୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ବିଳମ୍ବିତ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ଭଗ୍ନାବଶେଷ ତଳୁ ଲୋକଙ୍କୁ ଖୋଜୁଛି। ୨୦୨୧ରେ ତାଲିବାନ୍ ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହା ତୃତୀୟ ବଡ଼ ଭୂକମ୍ପ।

### ଗୁଳି ଫୁଟାଇ ପୋଲିସ ହାଜତରୁ ଆପ୍ ବିଧାୟକ ଚମ୍ପଟ

ଚଣ୍ଡିଗଡ଼,୨।୯

ଏକ ବଳାତ୍କାର ମାମଲାରେ ଗିରଫ ହୋଇଥିବା ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ପୋଲିସ ଉପରକୁ ଗୁଳି ଫୁଟାଇ ହାଜତରୁ ଖସି ପଳାଇଛନ୍ତି। ବିଧାୟକ ଓ ତାଙ୍କ ସହଯୋଗୀମାନେ ୨ଟି ଗାଡ଼ିରେ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସନୌର ଆସନର ଆପ୍ ବିଧାୟକ ହରମିତ୍ ପଠାନମାଜରା ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବାର ମିଛ କହି ଜଣେ ମହିଳାଙ୍କ ସହ ସମ୍ପର୍କରେ ରହିବା ସହ ତାଙ୍କୁ ଯୌନ ଶୋଷଣ କରିବା, ଧମକ ଦେବା ଆଦି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ବଳାତ୍କାର, ଠକେଇ ଓ ଧମକ ଦେବା ଅଭିଯୋଗରେ ମାମଲା ରୁଜୁ ହେବା ସହ ମଙ୍ଗଳବାର ସକାଳେ କର୍ନାଲରୁ ଗିରଫ କରାଯାଇଥିଲା। ସ୍ଥାନୀୟ ଥାନାରେ ହରମିତ୍ ଓ ତାଙ୍କ ସହଯୋଗୀମାନେ ପୋଲିସ ଟିମ୍ ଉପରକୁ ଗୁଳିମାଡ଼ କରି ୨ଟି ଗାଡ଼ିରେ ଖସିପଳାଇଥିଲେ। ପୋଲିସ ପିଛାକରି ଗୋଟିଏ ଗାଡ଼ିକୁ କାବୁ କରିଥିବାବେଳେ ବିଧାୟକ ଥିବା ଗାଡ଼ିକୁ ଧରିପାରି ନ ଥିଲା।

### ଦିଲ୍ଲୀ ଦଙ୍ଗା ମାମଲା: ଶର୍ଜିଲ, ଉମର ଖାଲିଦଙ୍କୁ ଜାମିନ ମିଳିଲାନି

ନୂଆଦିଲ୍ଲୀ,୨।୯(ପି.ଟି.)

୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ଉମର ଖାଲିଦ, ଶର୍ଜିଲ ଇମାମ ଓ ଅନ୍ୟ ୭ ଜଣଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଅଭିଯୁକ୍ତମାନେ ୨୦୨୦ରୁ ଜେଲରେ ରହିଛନ୍ତି। ସେମାନଙ୍କ ଜାମିନ ଆବେଦନକୁ ତଳକୋର୍ଟ ଖାରଜ କରିଦେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାରତକୁ ବିଶ୍ୱରେ ବଦନାମ କରିବା ପାଇଁ ଦଙ୍ଗା ପଛରେ ସୁଚିନ୍ତିତ ଷଡ଼ଯନ୍ତ୍ର ସହ ଆଗୁଆ ଯୋଜନା ହୋଇଥିଲା ବୋଲି ସରକାରୀ ଓକିଲ କହିବା ସହ ଜାମିନ ଆବେଦନକୁ ବିରୋଧ କରିଥିଲେ।

## ଦିଲ୍ଲୀରେ ଆଜି



ଦିଲ୍ଲୀର ଯଶୋଭୂମି କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମିକନ୍ ଇଣ୍ଡିଆ ୨୦୨୫ର ଉଦ୍‌ଘାଟନ କରିଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା । (ଫଟୋ-ଚମନ ଗୌତମ)

## କେ. କବିତା ବିଆର୍‌ଏସ୍‌ରୁ ନିଲମ୍ବିତ

ନୂଆଦିଲ୍ଲୀ,୨।୯

ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମଙ୍ଗଳବାର ଦଳ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ବିଧାନ ପରିଷଦ ସଦସ୍ୟ କେ. କବିତାଙ୍କୁ ଦଳରୁ ନିଲମ୍ବନ କରିଛି। ବିଆର୍‌ଏସ୍‌ର କେତେଜଣ ବରିଷ୍ଠ ନେତାଙ୍କୁ ସର୍ବସାଧାରଣରେ ସମାଲୋଚନା କରିଥିବାରୁ କବିତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଆର୍‌ଏସ୍ ପକ୍ଷରୁ କୁହାଯାଇଛି, କବିତାଙ୍କ ଦଳବିରୋଧୀ କାର୍ଯ୍ୟ ଓ ମନ୍ତବ୍ୟକୁ ଗମ୍ଭୀରତାର ସହ ନିଆଯାଇଛି। ତାଙ୍କର ଏଭଳି ବ୍ୟବହାର ଦଳକୁ କ୍ଷତି ପହଞ୍ଚାଉଥିବାରୁ ତୁରନ୍ତ ଦଳରୁ



ନିଲମ୍ବନ କରିବାକୁ ଅଧ୍ୟକ୍ଷ କେସିଆର୍ ନିଷ୍ପତ୍ତି ନେଇଥିଲେ। ସମ୍ପର୍କୀୟ ଭାଇ ତଥା ବିଆର୍‌ଏସ୍‌ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଟି. ହରିଶ ରାଓ ଏବଂ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଜେ. ସନ୍ତୋଷ କୁମାର ବିପୁଳ ସମ୍ପତ୍ତି ଠୁଳ କରିବା ସହ କଂଗ୍ରେସ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ସହ ସେମାନଙ୍କର କୌଶଳଗତ ବୁଝାମଣା ଥିବା କବିତା କିଛିଦିନ ପୂର୍ବରୁ ଅଭିଯୋଗ କରିଥିଲେ।

# ଦିଲ୍ଲୀରେ ଲୋକଙ୍କ ଘରେ ପଶିଲା ପାଣି

### ଉତ୍ତର ଭାରତରେ ବର୍ଷା ବିଭ୍ରାଟ
### ଯମୁନା ବିପଦ ସଙ୍କେତ ଉପରେ ପ୍ରବାହିତ

ନୂଆଦିଲ୍ଲୀ,୨।୯

ସମଗ୍ର ଉତ୍ତର ଭାରତରେ ବର୍ଷା ବିଭ୍ରାଟ ଲାଗିରହିଥିବାବେଳେ ଜମ୍ମୁ-କଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ବିଭିନ୍ନ ରାଜ୍ୟରେ ବନ୍ୟା ଆସି ବ୍ୟାପକ ଧନଜୀବନ କ୍ଷତି ହୋଇଛି। ବହୁ ରାସ୍ତା ପାଣିରେ ବୁଡ଼ିରହିବା ସହ ଅନେକ ଘର ଭାସିଯାଇଛି। ବାଦଲଫଟା ବର୍ଷା ଯୋଗୁ ଗତ କିଛିଦିନ ମଧ୍ୟରେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ହଠାତ୍ ବନ୍ୟା ଆସି ଅନେକ ଶହ ଲୋକଙ୍କ ଜୀବନ ଯାଇଛି। ଜମ୍ମୁ-କଶ୍ମୀରରେ ୧୨୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ପଞ୍ଜାବ ବନ୍ୟାରେ



ଦିଲ୍ଲୀରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରିଛି। (ଫଟୋ-ଚମନ ଗୌତମ)

୨୯ ଜଣଙ୍କ ଜୀବନ ଯାଇଛି। ଅନେକ ହଜାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ହିମାଚଳପ୍ରଦେଶରେ ହଠାତ୍ ବନ୍ୟା ଓ ଭୂସ୍ଖଳନରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହିଥିବାରୁ ସେଠାରେ ମଧ୍ୟ ବନ୍ୟା ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ଯମୁନା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଟ୍ରାନ୍ସ-ଯମୁନା ବେଲ୍ଟର ଖାଲୁଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି। ବ୍ୟାରେଜ୍‌ଗୁଡ଼ିକ କ୍ରମାଗତ ପାଣି ଛାଡୁଥିବାରୁ ଜଳପତ୍ତନ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପୁରୁଣା ଯମୁନା ବ୍ରିଜ୍ ନିକଟରେ ବିପଦ ସଙ୍କେତ ୨୦୫.୩୩ ମିଟର ହୋଇଥିବାବେଳେ ସେଠାରେ ୨୦୫.୮୧ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି ଓ ଏହା ଆହୁରି ବଢ଼ିବା ସମ୍ଭାବନା ରହିଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ମଙ୍ଗଳବାର ଜମ୍ମୁ-କଶ୍ମୀର, ଗୁରୁଗ୍ରାମ, ଉତ୍ତରପ୍ରଦେଶ ଓ ଚଣ୍ଡିଗଡ଼ରେ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିଛି। ସୋମବାର ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ୨୦ କିଲୋମିଟର ବ୍ୟାପୀ ଟ୍ରାଫିକ୍ ଜାମ୍ ହୋଇଥିଲା। ଫଳରେ ଗୁରୁଗ୍ରାମର ଘରୋଇ ଓ କର୍ପୋରେଟ୍ ଅଫିସ୍‌ଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ଘରୁ କାମ କରିବାକୁ କହିଥିଲେ। ବନ୍ୟା ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ର ବିଭିନ୍ନ ରାସ୍ତା ସମେତ ଜମ୍ମୁ-କଶ୍ମୀର ଓ ଉତ୍ତରାଖଣ୍ଡର ବହୁ ରାସ୍ତା ଅବରୋଧ ହୋଇଛି। ପଞ୍ଜାବରେ ଅଗଷ୍ଟରେ ୨୫୩.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକଠାରୁ ୭୪ ପ୍ରତିଶତ ଅଧିକ ଏବଂ ୨୫ ବର୍ଷ ମଧ୍ୟରେ ସର୍ବାଧିକ। ସେଠାର ୧୦ ଜିଲାରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ୭ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର, ରାଜସ୍ଥାନ ଓ ହରିୟାଣାରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଛି।

## ମା’ଙ୍କ ଅପମାନ ସହିବନି ଦେଶ

### କଂଗ୍ରେସ, ଆର୍‌ଜେଡିକୁ ପ୍ରଧାନମନ୍ତ୍ରୀଙ୍କ ସମାଲୋଚନା

ନୂଆଦିଲ୍ଲୀ, ୨।୯ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିହାରର ଗ୍ରାମୀଣ ମହିଳାଙ୍କ ପାଇଁ ‘ବିହାର ଷ୍ଟେଟ୍ ଜୀବିକା ନିଧି କ୍ରେଡିଟ୍ କୋ-ଅପରେଟିଭ୍ ଫେଡେରେଶନ ଲିମିଟେଡ୍’ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କଂଗ୍ରେସର ଭୋଟର ଅଧିକାର ଯାତ୍ରାର ଏକ ସଭାରେ ନିଜ ମା’ଙ୍କୁ ନେଇ ଦିଆଯାଇଥିବା ଅଶାଳୀନ ମନ୍ତବ୍ୟକୁ ପ୍ରସଙ୍ଗକରି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଏବଂ ଆର୍‌ଜେଡିର ମଞ୍ଚ ଉପରୁ ତାଙ୍କ ମା’ଙ୍କ ନାଁ ନେଇ ଗାଳିଗୁଲଜ କରାଯାଇଛି। ଏହା କେବଳ ତାଙ୍କ ମା’ଙ୍କ ଅପମାନ ନୁହେଁ ବରଂ ଏହା ଦେଶର ପ୍ରତି ମା’ଙ୍କର ଅପମାନ। ମା’ଙ୍କ ପ୍ରତି ଅପମାନକୁ ଦେଶ ସହିବ ନାହିଁ ଏବଂ



ନରେନ୍ଦ୍ର ମୋଦି

ଏହାକୁ ନେଇ ଦେଶବାସୀ ବିରୋଧୀ ଦଳଗୁଡ଼ିକୁ ଉଚିତ ଜବାବ ଦେବେ ବୋଲି ମୋଦି କହିଛନ୍ତି। ତାଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ମା’ମାନଙ୍କ ମର୍ଯ୍ୟାଦା ଓ ଆତ୍ମସମ୍ମାନକୁ ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି ବୋଲି ସେ କହିଛନ୍ତି।

## ମଣିପୁର ଯିବେ ପ୍ରଧାନମନ୍ତ୍ରୀ

ଗୁଆହାଟୀ,୨।୯

ଜାତିଆଣ ହିଂସା ପ୍ରଭାବିତ ମଣିପୁରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ମାସ ୧୩ ଓ ୧୪ରେ ଗସ୍ତ କରିପାରନ୍ତି। ମୋଦିଙ୍କ ଗସ୍ତ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିବାବେଳେ ମଣିପୁର ସାଧାରଣ ପ୍ରଶାସନ ବିଭାଗ ସରକାରୀ ନୋଟ୍‌ରୁ ଏହା ଅଧିକ ପୁଷ୍ଟ ହୋଇଛି। ଭିଭିଆଇପିଙ୍କ ପ୍ରସ୍ତାବିତ ଗସ୍ତ ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ଅଧିକାରୀଙ୍କୁ ମଣିପୁର ମୁଖ୍ୟ ସଚିବ ସ୍ୱାଗତ କରିଥିଲେ। ଭିଭିଆଇପିଙ୍କ ନାଁ ଉଲ୍ଲେଖ ନ ଥିବାବେଳେ ସେ ଇମ୍ଫାଲର କାଙ୍ଗଲା ଏବଂ ଚୁରାଚାନ୍ଦପୁରର ପିସ୍ ଗ୍ରାଉଣ୍ଡକୁ ଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସରକାରୀ ଅଧିକାରୀମାନେ ଏନେଇ କୌଣସି ସୂଚନା ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆସିବା ନିଶ୍ଚିତ ବୋଲି ଭାଜପାର ଜଣେ ବିଧାୟକ ସ୍ପଷ୍ଟ କରିଛନ୍ତି। ୨୦୨୩ ମେ’ରୁ ମଣିପୁରର ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାରରୁ ଅଧିକ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଦୀର୍ଘଦିନ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଉକ୍ତ ରାଜ୍ୟକୁ ଗସ୍ତ କରିବାକୁ ଯାଉଛନ୍ତି। ଏତେଦିନେ ପ୍ରଧାନମନ୍ତ୍ରୀ ମଣିପୁର ଯିବାକୁ ସାହସ ଓ ସହାନୁଭୂତି ଜୁଟାଇଥିବା କଂଗ୍ରେସ କଟାକ୍ଷ କରିବା ସହ ବହୁତ ବିଳମ୍ବ ହୋଇଗଲା ବୋଲି କହିଛି।

## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ଟିକସ କମିପାରେ

### ଆଜିଠୁ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ

ନୂଆଦିଲ୍ଲୀ,୨।୯(ପି.ଟି.)

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ବିଦ୍ୟୁତ୍‌ଚାଳିତ ଯାନରେ ଟିକସ ହ୍ରାସ ପ୍ରସ୍ତାବ ଉପରେ ବିଚାର ପାଇଁ ବୁଧବାରଠାରୁ ୨ ଦିନିଆ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ବସୁଛି। ବର୍ତ୍ତମାନ ଜିଏସ୍‌ଟିରେ ୪ଟି ସ୍ଲାବ୍ ରହିଥିବାବେଳେ ୧୨ ଏବଂ ୨୮% ସ୍ଲାବ୍‌କୁ ହଟାଇ କେବଳ ୫ ଏବଂ ୧୮% ସ୍ଲାବ୍ ରଖିବାକୁ ପ୍ରସ୍ତାବ ରହିଛି। ତମାଖୁ ଆଦି କେତେକ ସାମଗ୍ରୀ ଉପରେ ୪୦% ଜିଏସ୍‌ଟି ଲଗାଇବା ପ୍ରସ୍ତାବ ଉପରେ ବିଚାର କରାଯିବ। ୧୨ ଏବଂ ୨୮% ସ୍ଲାବ୍‌ରେ ଥିବା ସାମଗ୍ରୀଗୁଡ଼ିକ ୫ ଏବଂ ୧୮% ସ୍ଲାବ୍ ମଧ୍ୟକୁ ଆସିଲେ ବିଭିନ୍ନ ସାମଗ୍ରୀ ଶସ୍ତା ହେବ ବୋଲି ଆଶା କରାଯାଉଛି। ତେବେ ଏହାଦ୍ୱାରା ରାଜ୍ୟଗୁଡ଼ିକ ସହିବାକୁ ଥିବା ରାଜସ୍ୱ କ୍ଷତି ଭରଣା ପାଇଁ ବିରୋଧୀଶାସିତ ରାଜ୍ୟଗୁଡ଼ିକ କ୍ଷତିପୂରଣ ଦାବି କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜିଏସ୍‌ଟି କାଉନ୍‌ସିଲ୍‌ରେ ସମସ୍ତ ରାଜ୍ୟର ମନ୍ତ୍ରୀ ସଦସ୍ୟ ରହିଛନ୍ତି। ଜିଏସ୍‌ଟିରେ ସଂସ୍କାର ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଭାଷଣରେ ସୂଚନା ଦେଇଥିଲେ।

## ଅନଶନ ଭାଙ୍ଗିଲେ ଜରାଙ୍ଗେ

ମୁମ୍ବାଇ, ୨।୯

ମରାଠା ଆନ୍ଦୋଳନର ନେତୃତ୍ୱ ନେଉଥିବା ମନୋଜ ଜରାଙ୍ଗେ ପାଟିଲ ମଙ୍ଗଳବାର ଆଜାଦ ମଇଦାନରେ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ବିଖେ ପାଟିଲଙ୍କ ସହ ଆଲୋଚନା ପରେ ସେ ଅନଶନରୁ ଓହରିଥିଲେ। ଜରାଙ୍ଗେ ୮ ଦାବ ନେଇ ଗତ ୨୯ରୁ ଅନଶନରେ ବସିଥିଲେ। ସେଥିମଧ୍ୟରୁ ମହାରାଷ୍ଟ୍ର ସରକାର ୬ଟି ଦାବି ଗ୍ରହଣ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।


## ତରଳୁଛି ହିମହ୍ରଦ, ନିରୀକ୍ଷଣ ଜରୁରୀ

### ଚିନ୍ତାବ୍ୟକ୍ତ କଲା ସିଡବ୍ଲ୍ୟୁସି

ନୂଆଦିଲ୍ଲୀ, ୨।୯ (ପି.ଟି.)

ଭାରତରେ ୪୦୦ରୁ ଅଧିକ ହିମ ହ୍ରଦ ଚିନ୍ତାଜନକ ଭାବେ ତରଳି ବିସ୍ତାରିତ ହେବାରେ ଲାଗିଛି। ଉତ୍ତର ଭାରତରେ ବନ୍ୟା, ଭୂସ୍ଖଳନ, ବାଦଲଫଟା ବର୍ଷା ପରି ପ୍ରାକୃତିକ ବିପର୍ଯ୍ୟୟ ବଢ଼ି ଚାଲିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ହିମ ହ୍ରଦ ବିସ୍ତାରିତ ହେବାର ଧାରା ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ନେଇ ତୀବ୍ର ନିରୀକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ନିଜର ସଦ୍ୟତମ ରିପୋର୍ଟରେ ପ୍ରକାଶ କରିଛି।

ଗତ ଜୁନ୍ ପାଇଁ ଭାରତରେ ଥିବା ହିମ ହ୍ରଦ ଏବଂ ଜଳାଶୟଗୁଡ଼ିକର ମାସିକ ମନିଟରିଂ ରିପୋର୍ଟରେ ସିଡବ୍ଲ୍ୟୁସି କହିଛି, ଲଦାଖ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଏବଂ ଅରୁଣାଚଳ




ପ୍ରଦେଶରେ ଥିବା ୪୩୨ଟି ହିମ ହ୍ରଦ ବିସ୍ତାରିତ ହେବାରେ ଲାଗିଛି। ଏହାର ପ୍ରଭାବରେ ବିନାଶକାରୀ ବନ୍ୟା ଏବଂ ଭୂସ୍ଖଳନର ସମ୍ଭାବନା ଥିବାରୁ ବିସ୍ତାରିତ ହେଉଥିବା ହିମ ହ୍ରଦଗୁଡ଼ିକ ଉପରେ କଡ଼ା ନଜର ରଖାଯିବାର ଆବଶ୍ୟକତା ରହିଛି। ଗତ ଜୁନ୍‌ରେ ଭାରତରେ ମୋଟ ୬୮୧ଟି ହିମ ହ୍ରଦ ମଧ୍ୟରୁ ୪୩୨ଟିର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ୨୦୧୧ ପରଠାରୁ ଭାରତରେ ଥିବା ହିମହ୍ରଦଗୁଡ଼ିକର ସମୁଦାୟ କ୍ଷେତ୍ରଫଳରେ ୩୦%ରୁ ଅଧିକ ବୃଦ୍ଧି ଘଟିଛି। ୨୦୧୧ରେ ଏହି ସଂଖ୍ୟା ୧,୯୧୭ ହେକ୍ଟର ଥିବାବେଳେ ୨୦୨୫ରେ ଏହା ୨,୫୦୮ ହେକ୍ଟରରେ ପହଞ୍ଚିଛି। ଅରୁଣାଚଳ ପ୍ରଦେଶରେ ଥିବା ସର୍ବାଧିକ ୧୯୭ ହିମ ହ୍ରଦ ବିସ୍ତାରିତ ହୋଇଛି। ଏହା ପଛକୁ ଲଦାଖର ୧୨୦, ଜମ୍ମୁ-କଶ୍ମୀରର ୫୭, ସିକିମର ୪୭, ହିମାଚଳ ପ୍ରଦେଶର ୬ ଏବଂ ଉତ୍ତରାଖଣ୍ଡରେ ଥିବା ୫ ହିମ ହ୍ରଦର ଜଳ ବିସ୍ତାରିତ କ୍ଷେତ୍ରରେ ବୃଦ୍ଧି ଘଟିଥିବା ଏହି ରିପୋର୍ଟ କହିଛି। ଗତ ଜୁନ୍‌ରେ ସାମଗ୍ରିକ ଭାବେ ହିମାଳୟ ଅଞ୍ଚଳରେ ଥିବା ୧,୪୩୫ଟି ହିମ ହ୍ରଦ ତରଳି ବିସ୍ତାରିତ ହୋଇଛି। ବାଦଲଫଟା ବର୍ଷା, ବନ୍ୟା, ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ସମ୍ପ୍ରତି ତାଣ୍ଡବ ରଚିଥିବା ବେଳେ ସିଡବ୍ଲ୍ୟୁସିର ଉକ୍ତ ରିପୋର୍ଟ ସାମ୍ନାକୁ ଆସିଛି।

## ‘ଅଭିନେତ୍ରୀଙ୍କ ସହ ଭେଦଭାବ ହୁଏ’



କ୍ରୀତି ସାନନ୍

**ମୁମ୍ବାଇ:** ସମ୍ପ୍ରତି ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀମାନଙ୍କ ମଧ୍ୟରେ ଅଭିନେତ୍ରୀ କ୍ରୀତି ସାନନ୍ ରହିଛନ୍ତି। ସେ ଅନେକ ବଲିଉଡ୍ ଚଳଚ୍ଚିତ୍ରରେ କାର୍ଯ୍ୟକରି ନିଜ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ଢେର୍ ପ୍ରଶଂସା ସାଉଣ୍ଟିଛନ୍ତି। ସୋମବାର ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କ୍ରୀତି କହିଛନ୍ତି, ବଲିଉଡ୍ ତଥା ଅନ୍ୟାନ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତାଙ୍କ ତୁଳନାରେ ଅଭିନେତ୍ରୀମାନଙ୍କୁ ଭେଦଭାବର ସାମ୍ନା କରିବାକୁ ପଡ଼ିଥାଏ। ତାଙ୍କ ସହ ଏପରି ବ୍ୟବହାର ଅନେକଥର ହୋଇଛି, ଯାହା ତାଙ୍କୁ ହୀନ ମନେ କରାଇଥାଏ। କ୍ରୀତି କହିଛନ୍ତି, ଯଦିଓ ବଲିଉଡ୍‌ରେ ଏପରି ଅଧିକଥର ହୁଏନାହିଁ, ତେବେ ମଧ୍ୟ ଏଠାରେ ଅଭିନେତାମାନଙ୍କୁ ଅଭିନେତ୍ରୀଙ୍କଠାରୁ ଅତିରିକ୍ତ ସୁବିଧା ମିଳିଥାଏ। ସେମାନଙ୍କୁ ଭଲ କାର୍‌ରେ ଯିବାଆସିବା କରିବା ଏବଂ ହୋଟେଲ ରହିବା ପାଇଁ ଭଲ ରୁମ୍ ମିଳିଥାଏ। ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଅଭିନେତାଙ୍କ ପରି ସମାନ ଗୁରୁତ୍ୱ ଏବଂ ସୁବିଧା ମିଳି ନ ଥାଏ। ଏହା ପରୋକ୍ଷରେ ଅଭିନେତ୍ରୀମାନଙ୍କୁ ନିଜକୁ ନେଇ ହୀନ ଅନୁଭବ କରିବାକୁ ବାଧ୍ୟ କରିଥାଏ ବୋଲି କ୍ରୀତି କହିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ଏପରି ଅନେକ ସହକାରୀ ନିର୍ଦ୍ଦେଶକ ରହିଛନ୍ତି, ଯେଉଁମାନେ ଶୁଟିଂ ଲାଗି ଅଭିନେତ୍ରୀମାନଙ୍କୁ ଆଗୁଆ ଡକାଇ ଦିଅନ୍ତି। ଯାହାଫଳରେ ସେମାନଙ୍କୁ ଅଭିନେତାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଏପରି ମାନସିକତାରେ ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ରହିଛି ବୋଲି ସାନନ୍ କହିଛନ୍ତି।




# ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି: ମନ୍ତ୍ରୀ

## ଓଡ଼ିଶାରେ ଟିଇଟି ବାଧ୍ୟତାମୂଳକ ଲାଗୁ ପ୍ରସଙ୍ଗ

ଭୁବନେଶ୍ୱର,୨।୯ (ସୁଚିସ୍ମିତା ସାହୁ)

ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଏବଂ ଚାକିରିରେ ଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଟିଚର ଏଲିଜିବିଲିଟି ଟେଷ୍ଟ(ଟିଇଟି) ପାସ୍‌କୁ ସୁପ୍ରିମକୋର୍ଟ ବାଧ୍ୟତାମୂଳକ କରିଛନ୍ତି। ଏହାକୁ ନେଇ ରାଜ୍ୟର ଶିକ୍ଷକଙ୍କ ମଧ୍ୟରେ ଏକପ୍ରକାର ଭାଳେଣି ପଡିଛି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଓଡ଼ିଶାରେ କେଉଁଭଳି ଭାବେ ପାଳନ ହେଉଚି ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଥିବାବେଳେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ରାଜ୍ୟର ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ଗଣ୍ଡ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଉଛି। ଟିଇଟି ପରୀକ୍ଷା ଉପରେ ଅନ୍ୟ ରାଜ୍ୟଗୁଡ଼ିକ କ'ଣ ପଦକ୍ଷେପ ନେବେ ତା' ଉପରେ ନଜର ରଖାଯିବ। ଆଗରୁ ଓଟିଇଟି ଭଳି ପରୀକ୍ଷା ନ ଥିବାରୁ ଶିକ୍ଷକମାନେ ବିନା ଓଟିଇଟିରେ ଶିକ୍ଷକତା କରୁଛନ୍ତି। ଯେଉଁମାନଙ୍କର ୫ ବର୍ଷରୁ କମ୍ ଚାକିରୀ ସମୟ ରହିଛି, ସେମାନଙ୍କୁ ଏହି ପରୀକ୍ଷାରୁ ବାଦ ଦିଆଯାଇଛି। ଜାତୀୟ ଶିକ୍ଷା ନୀତି ଏବଂ ସୁପ୍ରିମକୋର୍ଟଙ୍କ ରାୟ ଥିବାରୁ ବାଧ୍ୟହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡୁଛି। ୨୦୧୧ ମସିହା ପୂର୍ବରୁ ଶିକ୍ଷକମାନଙ୍କୁ ଓଟିଇଟି କିମ୍ବା ଟିଇଟି ପାଇଁ କୌଣସି ପରୀକ୍ଷା ଦେବାକୁ ପଡି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବାଧ୍ୟତାମୂଳକ କରାଯାଉଛି। ଟିଇଟି ପରୀକ୍ଷା ପାଇଁ ଥିବା ଗାଇଡ୍ ଲାଇନକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ତର୍ଜମା କରାଯିବ। ଶିକ୍ଷକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯିବ। ପୂର୍ବରୁ ନିଯୁକ୍ତି ପାଇଥିବା ବହୁ ଶିକ୍ଷକଙ୍କର ସମୟ ଅଧିକ ହୋଇଗଣାଣି। ସେମାନେ ପରୀକ୍ଷା ଦେବାରେ ଅସୁବିଧା ହେଉଛି। ଏନେଇ ବିଭାଗ ପକ୍ଷରୁ ମଧ୍ୟ ଚିନ୍ତା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ୧୯କୁ ଘୁଞ୍ଚିଲା ଏନ୍ଆରଟିଏସ୍ ପରୀକ୍ଷା

କଟକ,୨।୯(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍ଆରଟିଏସ୍) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଏହି ପରୀକ୍ଷା ସେପ୍ଟେମ୍ବର ୧୯ ତାରିଖ (ଶୁକ୍ରବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରୁ ସେପ୍ଟେମ୍ବର ୧୦ରୁ ଡାଉନ୍‌ଲୋଡ୍ କରାଯାଇପାରିବ ବୋଲି ବୋର୍ଡ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍ଆରଟିଏସ୍ ପରୀକ୍ଷା ସେପ୍ଟେମ୍ବର ୧୦ରେ ହେବାର ଥିଲା।

# ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଅବଧି ବୃଦ୍ଧି

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହାଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବାରେ ବିଶେଷ ସହାୟକ ହେବ। ୦୮୦୧୧/୦୮୦୧୨ ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁରରୁ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଓ ପୁରୀରୁ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଚଳାଚଳ କରିବ। ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସ୍ୱତନ୍ତ୍ର ଶାଲିମାରରୁ ସେପ୍ଟେମ୍ବର ୧୪ ଓ ପୁରୀରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚଳାଚଳ କରିବ। ଯାତ୍ରୀମାନେ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

# ପୂର୍ବ ରାତି ୨ଟାରେ ଫିଟିବ ଶ୍ରୀମନ୍ଦିର ଦ୍ୱାର

## ଛତିଶା ନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଅନୁମୋଦନ

ପୁରୀ,୨।୯ (ଅଜିତ କୁମାର ମହାନ୍ତି)

ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ଛତିଶା ନିଯୋଗର ସଦସ୍ୟ ତଥା ସେବାୟତମାନେ ଉପସ୍ଥିତ ଥିଲେ। ଆଗାମୀ ୭ତାରିଖରେ ଚନ୍ଦ୍ରଗ୍ରହଣ ହେବାକୁ ଥିବାରୁ ବୈଠକରେ ଏ ନେଇ ନୀତି ନିର୍ଘଣ୍ଟ ସ୍ଥିର ହେବା ସହ ଅନୁମୋଦନ କରାଯାଇଛି। ଚନ୍ଦ୍ରଗ୍ରହଣ ଦିବସର ପୂର୍ବରାତ୍ର ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବା ସହ ୨ଟା ୪୦ ସୁଦ୍ଧା ମଙ୍ଗଳ ଆଳତି ନୀତି ସରି ଅନ୍ୟାନ୍ୟ ନୀତିକାନ୍ତି କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଶ୍ରୀମନ୍ଦିରରେ ସେହିଦିନ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ ବୋଲି ସେବାୟତମାନେ ମତ



ରଖିଥିଲେ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର କରାଯାଇଛି। ରାତ୍ର ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିବା ମାତ୍ରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ଦୈନିକ ନୀତି ଅନୁଷ୍ଠିତ ହେବ। ସେହିପରି ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କିପରି ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଯାତ୍ରୀଦର୍ଶନ ନେଇ ସୁବ୍ୟବସ୍ଥା ସମ୍ପର୍କରେ ସମସ୍ତ ନିଯୋଗ ସହିତ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ପରିଡ଼ା ମତ ରଖିଥିଲେ। ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାମରେ ଅନ୍‌ଲାଇନରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୋଲିସ ସହ ଆଲୋଚନା କରାଯାଇଥିବା ପରିଡ଼ା ବୈଠକରେ ସୂଚନା ଦେଇଥିଲେ।

## ପଞ୍ଚମ ବୃତ୍ତି ପରୀକ୍ଷା ୨୨ରେ

କଟକ,୨।୯(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ନିମନ୍ତେ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ବୋର୍ଡ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏହି ପରୀକ୍ଷା ସେପ୍ଟେମ୍ବର ୨୨ (ସୋମବାର) ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀମାନଙ୍କୁ ବୋର୍ଡ ପକ୍ଷରୁ ଅବଗତ କରାଯାଇଛି। ସେହିପରି ମଣ୍ଡଳ ଶିକ୍ଷାଧିକାରୀମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସେପ୍ଟେମ୍ବର ୧୯ଠାରୁ ପ୍ରଶ୍ନପତ୍ର ସଂଗ୍ରହ କରି ସମ୍ପୃକ୍ତ ପରୀକ୍ଷା ପରିଚାଳକଙ୍କୁ ହସ୍ତାନ୍ତର କରିବେ। ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ରଖିବା ପାଇଁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
• ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ ଟା।
• ପ୍ରଣାମ ଗୁରୁଙ୍କ ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ ଟା।

### କଟକ
• ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆସୁଲ୍ୟାନ୍ସରେ ରକ୍ତଦାନ ଶିବିର, ସ୍ଥାନ: ଫୁଆପଡ଼ା ଇଣ୍ଡିପେଣ୍ଡେଣ୍ଟ କ୍ଲବ, ସମୟ: ସକାଳ ୯ଟା।

### ବାଲେଶ୍ୱର
• ଖଇରା ବଜାର ବନ୍ଦ,ସ୍ଥାନ:ପ୍ରସ୍ତାବିତ ଖଇରା ବିଜ୍ଞାପିତ ଅଞ୍ଚଳର ସମସ୍ତ ୩୮ ଗ୍ରାମ, ସମୟ:ସକାଳ ୭ଟାରୁ ଅପରାହ୍ନ ୭ଟା।
• ମଧ୍ୟସ୍ଥତା ତାଲିମ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ:ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
• ଅବସର ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କାଞ୍ଚନ କମଳା ଉଚ୍ଚ ବିଦ୍ୟାଳୟ, ସିମୁଲିଆ, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
• ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗୁଡ଼ଗୁଡ଼ ବଦ୍ଧିବାମନଜୀଉ ଉଚ୍ଚ ବିଦ୍ୟାଳୟ, ଧୁସୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

### କେନ୍ଦୁଝର
• ହରିକଥା (ସାମୂହିକ ଭାଗବତ ପଠନ), ସ୍ଥାନ: ସାମଶାସନ ସୋମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ପାଟଣା, ସମୟ: ସକାଳ ୯ଟା ୪୦।

### ମୟୂରଭଞ୍ଜ
• ମହିଳା ପ୍ରାର୍ଥୀଙ୍କ ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ସକାଳ ୭ଟା।

### ବ୍ରହ୍ମପୁର
• ଉଦ୍ଭିଦ ବିଜ୍ଞାନ ପାଠଚକ୍ର,ସ୍ଥାନ: ମହାମାୟୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
• ଜୋନ୍ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଗୁଣ୍ଡୁପଲ୍ଲୀ ହାଇସ୍କୁଲ ଓ ଚିକିଟି ହାଇସ୍କୁଲ ବାବନପୁର, ଆସିକା ବ୍ଲକ, ସମୟ: ସକାଳ ୯ଟା।

### ଢେଙ୍କାନାଳ
• ଗଣେଶ ପୂଜା ଭସାଣି ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା।

### ଜଗତସିଂହପୁର
• ମିଳିତ ସ୍କୁଲର ଏକେନ୍ଦ୍ରିକ ପକ୍ଷରୁ ଉପକୂଳ ମିଳିତ ସମବାୟସଂଘ ସାଗରଜବତ ୨ ଆରମ୍ଭ, ସ୍ଥାନ: ନେହେରୁ ବଙ୍ଗଳା ମାଛଧରା ବନ୍ଦର, ପାରାଦୀପ, ସମୟ: ସକାଳ ୬ ଟା।
• ପୋର୍ଟ ଡିଏଭି ସ୍କୁଲର ବାର୍ଷିକ କ୍ରୀଡ଼ା କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୮ ଟା।
• ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ସାରଳା ଦେବୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
• ମା' ପାଇଁ ଗଛଟିଏ, ସ୍ଥାନ: ମଣିକୁଣ୍ଡା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
• କଳିଙ୍ଗନଗର ରୋଟାରି କ୍ଲବର ୧୨ତମ ଅଧିଷ୍ଠାନ ଦିବସ, ସ୍ଥାନ: ଯାଜପୁର ରୋଡ୍ ହୋଟେଲ ଯଯାତି କୋର୍ଟୟାର୍ଡ଼, ସମୟ: ସନ୍ଧ୍ୟା ୬ଟା।
• ଭୁବନେଶ୍ୱର ରଘୁନାଥ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

### ନୟାଗଡ଼
• ପାର୍ଶ୍ୱ ପରିବର୍ତ୍ତନ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
• ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୨ୟ ଦିବସ, ସ୍ଥାନ: ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ଟା।
• ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୪ର୍ଥ ଦିବସରେ ପାରାୟଣ, ସ୍ଥାନ: ବଣପଲ୍ଲୀ ଦୁର୍ଗା ବଜାର, ସମୟ: ସକାଳ ୭ଟା। ପ୍ରବଚନରେ ଅଜାମିଳ ଉପାଖ୍ୟାନ ଓ ପ୍ରହ୍ଲାଦ ଚରିତ, ସମୟ: ସନ୍ଧ୍ୟା ୭ଟା।
• ଆଦିବାସୀ ଓ ପ୍ରବାହ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
• ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ, ସ୍ଥାନ: ବଣପଲ୍ଲୀ ସାତପାଟଣା ପିଏମଶ୍ରୀ ରାଧାମୋହନ ଜୀଉ ସୋଲର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
• ମା' ମଣିକେଶ୍ୱରୀ ଚାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ତସୋରଡ଼ା, ଚନ୍ଦ୍ରପୁର, ସମୟ: ଅପରାହ୍ନ ୬ ଟା।

### ନବରଙ୍ଗପୁର
• ଷଷ୍ଠତମ ଜିଲ୍ଲା ପରିଷଦର ଅଷ୍ଟମ ସାଧାରଣ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

### କୋରାପୁଟ
• ନୀତି ଆୟୋଗ ସିଇଓ ଦ୍ୱାରା ଉନ୍ନୟନ ସମୀକ୍ଷା, ସ୍ଥାନ: ଭିସି ହଲ, କୋରାପୁଟ, ସମୟ: ସକାଳ ୯ଟା ୩୦।
• କୋରାପୁଟ ଜିଲ୍ଲାପାଳଙ୍କ ଦଶମନ୍ତପୁର ଗସ୍ତ, ସ୍ଥାନ: ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
• ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ, ସ୍ଥାନ: ଦଶମନ୍ତପୁର କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
• ଗଣେଶଙ୍କ ଲଡୁ ନିଲାମ୍, ସ୍ଥାନ: ପଞ୍ଚାଳି ବଷ୍ଟିଷ୍ଟ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

### ମାଲକାନଗିରି
• ବିଜୁଳି, ଘଡଘଡି ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

### ସମ୍ବଲପୁର
• ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସନ୍ତଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
• ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
• ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହାଷା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
• ବିଏସ୍ଏନ୍ଏଲ୍ ପେନସନ ଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶିବିର,ସ୍ଥାନ: କରେଜାସ୍ଥିତ ବିଏସ୍ଏନ୍ଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ବଲାଙ୍ଗୀର
• ଯଙ୍ଗ ମୁସଲିମ କମିଟି ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଭିକୁ ପଞ୍ଚାୟକ ରେଡକ୍ରସ ରକ୍ତଭଣ୍ଡାର, କଣ୍ଟାବାଞ୍ଜି, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୬ଟା।

### ରାଉରକେଲା
• ଇସ୍ପାତ ପକ୍ଷରୁ ସାମୂହିକ ନଗର ସଫେଇ, ସ୍ଥାନ: ଇସ୍ପାତ, ଛେଣ୍ଡ, ସମୟ: ସକାଳ ୬ଟା ୩୦।
• ଯୁଗିଆଉ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜେଲ୍ ରୋଡ୍, ଛେଣ୍ଡ, ସମୟ: ସକାଳ ୮ଟା।
• ସୁଶୀଳାବତୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
• ସତ୍ୟନାରାୟଣ ଏଜୋସିଏସନ ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

### ସୁନ୍ଦରଗଡ଼
• ରାଜୀ କରମା ପୂଜା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ନିକଟସ୍ଥ ସିରାସୀତା ଗୁଲୁରୀ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
• ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା,ସ୍ଥାନ: ଚଣ୍ଡୀଭଟା ହାଇସ୍କୁଲ ପଡ଼ିଆ ଝାରବନ୍ଧ, ସମୟ: ସକାଳ ୯ଟା।
• ଜିଲାସ୍ତରୀୟ ସଂସ୍କୃତ ଦିବସ,ସ୍ଥାନ: ମହର୍ଷି ଦୟାନନ୍ଦ ଗୁରୁକୁଳ ଆଶ୍ରମ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
• କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ହୋଟେଲ କ୍ଲାସିକ, ସମୟ: ପୂର୍ବାହ୍ନ ୧୧ଟା।
• ଭେଟେରିନାରୀ ସର୍ଜନଙ୍କ କଳାବ୍ୟାଜ୍ ପରିଧାନ, ସ୍ଥାନ: ଜୁନାଗଡ଼ ଭେଟେରିନାରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

### ଦେବଗଡ଼
• ଜିଲା ପ୍ରକ୍ରିୟା ପ୍ରୟୋଗଶାଳା, ସ୍ଥାନ: ଦେବଗଡ଼ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
• ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
• ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

### ସୁବର୍ଣ୍ଣପୁର
• ବିଜୁପ୍ରଗତି ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ତରଭା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
• ବାଳସେବା ମଞ୍ଚ ନୂଆପଡା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ପଶ୍ରୋପଦର ଗାଁ, ସମୟ: ସକାଳ ୯ଟା ୪୫।
• ଏନ୍‌ଡିଏଙ୍କେ ସଂଘର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
• ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପ୍ରଥମ ପୃଷ୍ଠାରୁ...

### ସୁଦାନ ଭୂସ୍ଖଳନରେ...

ଟାରାସିନ୍ ଗ୍ରାମରେ ରବିବାର ଭୂସ୍ଖଳନ ହୋଇଥିଲା। ଉକ୍ତ ଗାଁ ମାଟିରେ ମିଶିଯିବା ସହ ୧,୦୦୦ରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ଜୀବନ ଯାଇଛି। କେବଳ ଜଣେ ଜୀବିତ ଥିବା ସୁଦାନ ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମୃତଦେହଗୁଡ଼ିକୁ ବାହାର କରିବାରେ ଜାତିସଂଘ ଏବଂ ଅନ୍ତର୍ଜାତୀୟ ସହାୟତା ପ୍ରଦାନକାରୀ ସଂଗଠନର ସାହାଯ୍ୟ ମଗାଯାଇଛି। ସୁଦାନରେ ୨୦୨୩ ଏପ୍ରିଲରୁ ସେନା ଏବଂ ଅର୍ଦ୍ଧସାମରିକ ରାପିଡ୍ ସପୋର୍ଟ ଫୋର୍ସ (ଆର୍ଏସ୍ଏଫ୍) ମଧ୍ୟରେ ସଂଘର୍ଷ ପରେ ଗୃହଯୁଦ୍ଧ ଲାଗିରହିଥିବାବେଳେ ଏଭଳି ବିପର୍ଯ୍ୟୟ ଦେଖାଦେଇଛି। ତେବେ ସେନା ଓ ଆର୍ଏସ୍ଏଫ୍ ମଧ୍ୟରେ ସଂଘର୍ଷ ଓ କଟକଣା ଯୋଗୁ ଜାତିସଂଘ ଓ ଅନ୍ୟାନ୍ୟ ସହାୟତାକାରୀ ସଂସ୍ଥା ମରାହ ପର୍ବତମାଳା ସମେତ ଡାର୍‌ଫୁର ଅଞ୍ଚଳର ଅଧିକାଂଶ ଭାଗରେ ପହଞ୍ଚିବା ସହଜ ନୁହେଁ। ସୁଦାନ ଗୃହଯୁଦ୍ଧରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧.୪ କୋଟି ଲୋକ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ଦେଶରେ ବିଭିନ୍ନ ଭାଗରେ ଦୁର୍ଭିକ୍ଷ ଦେଖାଦେଇଥିବାବେଳେ ଲୋକେ ଜୀବନ ବଞ୍ଚାଇବା ପାଇଁ ଘାସ ଖାଉଛନ୍ତି।

### ଅଭିବୃଦ୍ଧି ପାଇଁ ମାଇଲଖୁଣ୍ଟ...

ଦ୍ୱାରା ହାଇ ପର୍ଫମାନ୍ସ ମଲ୍ଟିପ୍ଲେୟାର ଆଇସି-ସି୨ଏସ୍୦୦୬୧ର ବିକାଶ ସହିତ ଏନ୍ଆଇଟି ରାଉରକେଲା ଦ୍ୱାରା ଭିଜି ଆମ୍ପ୍ଲିଫାୟାର ଏବଂ ସେନସର ସର୍କିଟ-ସି୨ଏସ୍୦୦୧୮ ଏସ୍ପ୍ରେଜେଣ୍ଟ ଏନକ୍ରିସନ କୋର୍-ସି୨ଏସ୍୦୦୧୭ ରହିଛି। ଏହା ଭାରତର ପ୍ରଥମ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍ ପ୍ରୟାସର ଅଂଶ ହୋଇଥିବାରୁ ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅସାଧାରଣ ସଫଳତା ଆମ ରାଜ୍ୟରେ ନୂତନ ପ୍ରତିଭା ଓ ନବୀନତାକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର୍ ଯାତ୍ରାରେ ଓଡ଼ିଶାର ଗତିଶୀଳ ଭୂମିକାକୁ ସ୍ପଷ୍ଟ କରୁଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଜ୍ୟ କ୍ୟାବିନେଟ୍ ନୂତନ ସେମିକଣ୍ଡକ୍ଟର ନୀତି-୨୦୨୫ ଆଣିଛି। ଯେଉଁଥିରେ ଭୁବନେଶ୍ୱରରେ ଦୁଇଟି ନୂତନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ରହିଛି। ଆଗାମୀ ଦିନରେ ସେମିଣ୍ଡକ୍ଟର ବିଶ୍ୱର ବିକାଶକୁ ନିର୍ଣ୍ଣୟ କରିବାକୁ ରହିଥିବାବେଳେ ଏଥିରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ସାରାବିଶ୍ୱ ଭାରତକୁ ବିଶ୍ୱାସ ଓ ଭରସା କରୁଛି ଏବଂ ଭାରତ ସହିତ ସେମିକଣ୍ଡକ୍ଟର ଭବିଷ୍ୟତ ନିର୍ମାଣ କରିବାକୁ ବିଶ୍ୱ ପ୍ରସ୍ତୁତ ହେଉଛି। ତେବେ ପୂର୍ବରୁ 'ତେଲ ଥିଲା କଳା ସୁନା, କିନ୍ତୁ ସେମିକଣ୍ଡକ୍ଟର ଚିପ୍ସଗୁଡ଼ିକ ଏବେ ଡିଜିଟାଲ ଡାଇମଣ୍ଡ(ହୀରା) ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାର ୩ ଚିପ୍ ଉପହାର




ସେମିକନ୍ ଇଣ୍ଡିଆ-୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉପହାର ଦିଆଯାଇଥିବା ଓଡ଼ିଶା ନିର୍ମିତ ୩ ଚିପ୍।

ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ଦଶନ୍ଧି ତୈଳ ଦ୍ୱାରା ପରିଭାଷିତ ହୋଇଥିଲା। ତୈଳ କୂପ ଜରିଆରେ ଦୁନିଆର ଭାଗ୍ୟ ନିର୍ଦ୍ଧାରଣ ହେଉଥିଲା। ଏସବୁ କୂପରୁ କେତେ ପେଟ୍ରୋଲିୟମ ଉତ୍ପାଦିତ ହେଉଛି, ତାହାକୁ ଆଧାରକରି ବିଶ୍ୱ ଅର୍ଥବ୍ୟବସ୍ଥାର ଉତ୍ଥାନପତନ ନିରୂପଣ ହେଉଥିଲା। ତେବେ ଏକବିଂଶ ଶତାବ୍ଦୀର ସାମର୍ଥ୍ୟ କ୍ଷୁଦ୍ର ଚିପ୍ ଉପରେ ନ୍ୟସ୍ତ ରହିଛି। କ୍ଷୁଦ୍ରାକୃତି ହେବା ସତ୍ତ୍ୱେ ଏସବୁ ଚିପରେ ବିଶ୍ୱର ପ୍ରଗତିକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବାର ଅପାର ସମ୍ଭାବନା ରହିଛି।

ମୋଦି କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ବଜାରର ଆକାର ୬୦୦ ବିଲିୟନ ଡଲାରରେ ପହଞ୍ଚି ସାରିଛି। ଆଗାମୀ ଦିନରେ ଏହା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଯେଉଁଭଳି ଗତିରେ ଅଗ୍ରସର ହେଉଛି, ତାକୁ ଦେଖିଲେ ୧ ଟ୍ରିଲିୟନ ଡଲାର ବଜାରରେ ଭାରତ ଏକ ବଡ଼ ଅଂଶଧନ ହାସଲ କରିବ। ଭାରତ ଯେଉଁ ଗତିରେ ଆଗକୁ ବଢ଼ୁଛି ତାହା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ୨୦୨୧ ମସିହାରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୦୨୩ ସୁଦ୍ଧା ଭାରତର ପ୍ରଥମ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ମଞ୍ଜୁର କରାଯାଇଥିଲା। ବର୍ତ୍ତମାନ ୧୦ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଚାଲିଛି। ଏଥିରେ ୧୮ ବିଲିୟନ ଡଲାରରୁ ଅଧିକ, ଅର୍ଥାତ୍ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସାମିଲ ରହିଛି। ଏହା ଭାରତ ପ୍ରତି ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି।

ସେ କହିଥିଲେ, ଫାଇଲ୍‌ଠାରୁ କାରଖାନା ପର୍ଯ୍ୟନ୍ତ ସମୟ ଯେତେ କମ୍ ହେବ ଏବଂ କାଗଜପତ୍ର କାମ ଯେତେ କମ୍ ହେବ, ସେତେ ଶୀଘ୍ର ୱେଫର କାର୍ଯ୍ୟ ଆରମ୍ଭ ହୋଇପାରିବ। ସରକାର ଏହି ପଦ୍ଧତିରେ ଏବେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଜାତୀୟ ଏକକ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି, ଯାହା କେନ୍ଦ୍ର ଏବଂ ରାଜ୍ୟ ଉଭୟଙ୍କ ସମସ୍ତ ଅନୁମୋଦନକୁ ଗୋଟିଏ ପ୍ଲାଟ୍‌ଫର୍ମରେ ଉପଲବ୍ଧ କରିପାରିବ। ଫଳସ୍ୱରୂପ, ନିବେଶକମାନଙ୍କୁ ବ୍ୟାପକ କାଗଜପତ୍ରରୁ ସମସ୍ୟାରୁ ମୁକ୍ତ କରାଯିବାରେ ସହାୟକ ହୋଇପାରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆଜିର ସମାରୋହରେ ପ୍ରାୟ ୪୦ରୁ ୫୦ଟି ଦେଶର ପ୍ରତିନିଧିତ୍ୱ ସହିତ ବିଶ୍ୱର ବିଭିନ୍ନ ସ୍ଥାନରୁ ସେମିକଣ୍ଡକ୍ଟର କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତର ନବସୃଜନ ଏବଂ ଯୁବଶକ୍ତିର ଉପସ୍ଥିତି ମଧ୍ୟ ରହିଛି। ଏହି ଅନନ୍ୟ ମିଶ୍ରଣ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଅବସରରେ ଚଳିତ ବର୍ଷର ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ସଂଖ୍ୟା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ଅଭିବୃଦ୍ଧି ପୁଣିଥରେ ସବୁ ଆକଳନ, ପ୍ରତ୍ୟାଶା ଏବଂ ପୂର୍ବାନୁମାନକୁ ପଛରେ ପକାଇ ଦେଇଛି। ସେ କହିଥିଲେ, ସାରା ବିଶ୍ୱର ବିଭିନ୍ନ ଅର୍ଥବ୍ୟବସ୍ଥା ନାନା ସମସ୍ୟାର ସାମ୍ନା କରୁଛନ୍ତି। ଆର୍ଥିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ଆହ୍ୱାନ ସତ୍ତ୍ୱେ ଭାରତ ୭.୮ ପ୍ରତିଶତ ବିକାଶ ହାର ହାସଲ କରିଛି। ଉତ୍ପାଦନ, ସେବା, କୃଷି ଏବଂ ନିର୍ମାଣ ସମେତ ସବୁ କ୍ଷେତ୍ରରେ ଅଭିବୃଦ୍ଧି ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଛି। ଅଭିବୃଦ୍ଧିର ଏହି ଗତିପଥ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଗୋଟିଏ ପ୍ଲଗ୍-ଏଣ୍ଡ-ପ୍ଲେ ଭିତ୍ତିଭୂମି ମଡେଲ ଅଧୀନରେ ଦେଶବ୍ୟାପୀ ସେମିକଣ୍ଡକ୍ଟର ପାର୍କ ବିକଶିତ କରାଯାଉଛି, ଯାହା ଜମି, ବିଦ୍ୟୁତ୍ ଯୋଗାଣ, ବନ୍ଦର ଓ ବିମାନବନ୍ଦର ସଂଯୋଗୀକରଣ ଏବଂ ଏକ ଦକ୍ଷ ଶ୍ରମିକ ପୁଲ ଭଳି ସୁବିଧା ପ୍ରଦାନ କରିଥାଏ। ଯେତେବେଳେ ଏପରି ଭିତ୍ତିଭୂମିକୁ ପ୍ରୋତ୍ସାହନ ସହିତ ଯୋଡାଯାଏ, ସେତେବେଳେ ଶିଳ୍ପ ଅଭିବୃଦ୍ଧି ଅନିବାର୍ଯ୍ୟ। ଭାରତ ବ୍ୟାକଏଣ୍ଡ କାର୍ଯ୍ୟରୁ ଆଗକୁ ବଢ଼ି ଏକ ପୂର୍ଣ୍ଣ-ଷ୍ଟାକ୍ ସେମିକଣ୍ଡକ୍ଟର ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି। ସେହି ଦିନ ଆଉ ବେଶୀ ଦୂର ନାହିଁ ଯେତେବେଳେ ଭାରତର ସବୁଠାରୁ ଛୋଟ ଚିପ୍ ବିଶ୍ୱର ସବୁଠାରୁ ବଡ଼ ପରିବର୍ତ୍ତନ ଆଣିବ। ସେହି ଦିନ ଆଉ ବେଶୀ ଦୂରରେ ନାହିଁ ଯେତେବେଳେ ବିଶ୍ୱ କହିବ: ଭାରତରେ ଡିଜାଇନ୍, ଭାରତରେ ନିର୍ମିତ ସାମଗ୍ରୀକୁ ବିଶ୍ୱ ଭରସା କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱଳ୍ପବୟସ୍କଙ୍କ ଆତ୍ମହତ୍ୟା...

ବିଶ୍ଳେଷଣ କରି କୁହାଯାଇଛି, ଲିଙ୍ଗ ଅନୁସାରେ ମାନସିକ ରୋଗରେ ଭିନ୍ନତା ଥାଇପାରେ। କିନ୍ତୁ ମୋଟାମୋଟି ଭାବେ ମହିଳାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ଦେଶର ସରକାର ନିଜସ୍ୱ ମାନସିକ ସ୍ୱାସ୍ଥ୍ୟ ନୀତି ଆଣି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରୁଛନ୍ତି। ଏପରି କି ଲୋକଙ୍କୁ ମାନସିକ ରୋଗରୁ ରକ୍ଷା କରିବା ପାଇଁ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରୁଛନ୍ତି। ତଥାପି ମେଣ୍ଟାଲ ହେଲ୍‌ଥ ସର୍ଭିସ୍ ବର୍ତ୍ତମାନ ଏକ ବୃହତ୍ ଆହ୍ୱାନରେ ପରିଣତ ହୋଇଛି ବୋଲି ଡବ୍ଲ୍ୟୁଏଚ୍‌ଓ ନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି।

#### ବିଶେଷଜ୍ଞଙ୍କ ମତରେ...

#### ■ ସଚେତନତା ଜରୁରୀ



ମାନସିକ ଚାପ ବା ଅବସାଦ ଆତ୍ମହତ୍ୟାର ଅନ୍ୟତମ ପ୍ରମୁଖ କାରଣ। ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାର ବହୁ ପୂର୍ବରୁ ତାଙ୍କଠାରେ ମାନସିକ ଅବସାଦର ଲକ୍ଷଣ ଦେଖାଦେଇଥାଏ। ସେହି ସମୟରେ ଅନ୍ୟ ଲୋକ ଉକ୍ତ ମଣିଷକୁ ସେଥିରୁ ବାହାର କରି ଆଣିପାରିବେ। ଡାକ୍ତରଙ୍କ ପରାମର୍ଶ ହେଉ କିମ୍ବା ଦୁଇପଦ ଭଲ କଥା ହେବା ଦ୍ୱାରା ମାନସିକ ଅବସାଦରୁ ମଣିଷ ବଞ୍ଚି ଯାଇପାରିବ। ଏହାସହ ଲୋକଙ୍କୁ ଅଧିକରୁ ଅଧିକ ମାତ୍ରାରେ ସଚେତନ କରିବା ଜରୁରୀ ରହିଛି।

– ପ୍ରଫେସର ଡା. ଅଜୟ ମିଶ୍ର, ବିଭାଗୀୟ ମୁଖ୍ୟ, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ

#### ■ କାଉନ୍‌ସେଲିଂର ଆବଶ୍ୟକତା ରହିଛି



ମାନସିକ ଚାପ କେବଳ ଆତ୍ମହତ୍ୟା କାରଣ ହୋଇ ନ ଥାଏ। କାରଣ ମଣିଷର ମଧ୍ୟ ମସ୍ତିଷ୍କରେ ସେରୋଟନିୟମ ସ୍ନାୟୁ ଦୋଷ ଥାଏ, ଯାହାର ପରିମାଣ କମିଗଲେ ମଧ୍ୟ ମଣିଷ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥାଏ। ମାନସିକ ଚାପ ହେଉ ବା ଏହି ସ୍ନାୟୁଦୋଷର ପରିମାଣ କମିବା ହେଉ ଉଭୟ ହେଲେ ଏହାର ଲକ୍ଷଣ ଦେଖାଦେବ। କୌଣସି ବ୍ୟକ୍ତିଙ୍କଠାରେ ଯଦି ଏଭଳି କୌଣସି ଲକ୍ଷଣ ଦେବା ମାତ୍ରେ ତାଙ୍କ ପରିବାର ଲୋକ ହୁଅନ୍ତୁ ବା ଆଖପାଖ ଲୋକ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତର ପରାମର୍ଶ କରାଇବା ଆବଶ୍ୟକ, ଯଦ୍ୱାରା ଉପଯୁକ୍ତ କାଉନସେଲିଂ ଉକ୍ତ ବ୍ୟକ୍ତିଙ୍କ ମାନସିକ ଏହି ଚିନ୍ତାଧାରାକୁ ବଦଳାଇପାରିବ।

– ଡା. ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ

#### ■ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଗିଡ଼ାଉଛି



ଜଣଙ୍କୁ ଆକ୍ରମଣ କରିବା ଯେଭଳି ପାପ, ଆତ୍ମହତ୍ୟା ମଧ୍ୟ ଏକ ଅପରାଧ। କିଛିବର୍ଷ ମଧ୍ୟରେ ସୋସିଆଲ ମିଡିଆ ଯୋଗୁ ଏହା ବହୁ ଗୁଣରେ ବଢ଼ିଛି। ପୂର୍ବରୁ ଯେଉଁଠି ଆତ୍ମହତ୍ୟା ହେଉଥିଲା ଜଣାପଡୁ ନ ଥିଲା। କିନ୍ତୁ ଏବେ ଆତ୍ମହତ୍ୟା ପଛରେ ଷ୍ଟୋରି। ସାମାଜିକ ଗଣମାଧ୍ୟମରୁ କିଭଳି ଆତ୍ମହତ୍ୟା କରିବ, କିଭଳି ଆକ୍ରମଣ କରିବ ସେଥିରୁ ଜଣେ ଶିଖୁଛି। ଆତ୍ମହତ୍ୟା ବଢ଼ିବାର କାରଣ ସାମାଜିକ ଗଣମାଧ୍ୟମ ଓ ସହନଶୀଳତାର ଅଭାବ। ଯେଉଁମାନେ ବିଷାଦଗ୍ରସ୍ତ ଥିବେ, ସେମାନେ କାହାକୁ କହିପାରିବେନି। ମାନସିକ ବିଷାଦଗ୍ରସ୍ତଙ୍କ ପାଇଁ କେନ୍ଦ୍ର ସରକାର ଏକ ନମ୍ବର ୧୪୪୧୬ ଜାରି କରିଛନ୍ତି। ଏହା ହେଉଛି ଟେଲି ମାନସ ନମ୍ବର। ଏଥିରେ ଫୋନ କଲେ ୨୪ ଘଣ୍ଟା ସାଇକୋଲୋଜିଷ୍ଟମାନେ ଉପଦେଶ ଦେବେ। ଓଡ଼ିଶା ଟେଲିମେଡିସିନ ସେଲ୍‌ର ନୋଡାଲ ଅଫିସର ଭାବେ କହିବି ଯେ, ଏହି ନମ୍ବରରେ ଫୋନ କଲେ ବହୁ ସମାଧାନ ହୋଇପାରିବ। ଏପରି କି ଅନେକ ଲୋକ ଏଥିରୁ ଉପକୃତ ହୋଇଥିବା ମଧ୍ୟ ଜଣାପଡ଼ିଛି। ସେମାନେ ଆତ୍ମହତ୍ୟା ନ କରି ବଞ୍ଚିବା ଶିଖିଛନ୍ତି।

– ଡା. ବିଭୁ କଲ୍ୟାଣ ସାହୁ, ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ, ବ୍ରହ୍ମପୁର

#### ■ ମାନସିକ ବିଷାଦଗ୍ରସ୍ତ ବ୍ୟକ୍ତି ନିଜ ଭିତର ଦୁଃଖକୁ ମାରିବାକୁ ଚାହିଁଥାଏ



ମାନସିକ ବିଷାଦଗ୍ରସ୍ତ କ'ଣ, ସେନେଇ ପ୍ରଥମେ ସମସ୍ତେ ସଚେତନ ହେବା ଆବଶ୍ୟକ। କୌଣସି ଖରାପ ପରିସ୍ଥିତି ଆମ ଜୀବନରେ ଆସିଲେ ତାହାର ସମ୍ମୁଖୀନ ନ ହୋଇ ସବୁବେଳେ ଦୁଃଖରେ ରହିବା, ନକାରାତ୍ମକ ଚିନ୍ତା କରିବା, ଜୀବନରେ ସବୁ ସରିଯାଇଛି ଭାବି ଆତ୍ମହତ୍ୟା କରିବାକୁ ଭାବିବା, ନିଜକୁ ମୂଲ୍ୟହୀନ ଭାବିବା, ଲୋକଙ୍କ ସହ ନ ମିଶିବା ଆଦି ଲକ୍ଷଣ ୧୫ ଦିନରୁ ଅଧିକ ଲାଗିକି ରହିଲେ ତାହାକୁ ମାନସିକ ବିଷାଦ ରୋଗ ବା ଡିପ୍ରେସନ ବୋଲି କୁହାଯାଏ। ମାନସିକ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଥିବା ଲୋକ ବାସ୍ତବରେ ମରିବାକୁ ଚାହିଁ ନ ଥାଏ, ସେ ନିଜ ଭିତରେ ଥିବା ଦୁଃଖ, ସମସ୍ୟାକୁ ମାରିବାକୁ ଚାହିଁ ଏଭଳି ପଦକ୍ଷେପ ନେଇଥାଏ। ତେବେ ମାନସିକ ବିଷାଦ ରୋଗ ସମ୍ପୂର୍ଣ୍ଣରୂପେ ନିରାକରଣ ହୋଇପାରିବ। ଏଥିପାଇଁ ମେଡିସିନ ଖାଇବେ କିମ୍ବା ସାଇକୋଲୋଜିକାଲ ଥେରାପି ନେଇ ରୋଗକୁ ପ୍ରତିହତ କରିହେବ।

– ଡା. ପ୍ରଶାନ୍ତ କୁମାର ସେଠୀ, କ୍ଲିନିକାଲ ସାଇକୋଲୋଜି ଲେକ୍‌ଚରର୍, ଏସ୍‌ସିବି ମେଡିକାଲ କଲେଜ

#### ■ ମାନସିକ ଅବସାଦ ଏକ ରୋଗ



ମାନସିକ ଅବସାଦ ଏକ ରୋଗ। ମାତ୍ର ଏହାକୁ ରୋଗ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି ନାହିଁ। ଜଣେ ଅବସାଦଗ୍ରସ୍ତ ହୋଇଥିବାବେଳେ ସେ ଜାଣିଶୁଣି ଅଭିନୟ କରୁଛି ବୋଲି କହିଥାନ୍ତି, ମାତ୍ର ବାସ୍ତବ କଥାକୁ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ। ଫଳରେ ମାନସିକ ଚାପର ବଶବର୍ତ୍ତୀ ହୋଇ ଧୀରେ ଧୀରେ ସେ ଆତ୍ମହତ୍ୟା କରିବାକୁ ପଛାଇ ନ ଥାଏ। ଜଣେ ମାନସିକ ବିଷାଦଗ୍ରସ୍ତ କି ନୁହେଁ ତାହା ତାଙ୍କ ପାଖଲୋକ ବା ଘରଲୋକ ଲକ୍ଷଣ ଦେଖି ଜାଣିପାରିବେ। ନିଦ ନ ହେବା, ଚିଡ଼୍‌ଚିଡ଼୍ ହେବା, ଖିଆପିଆ ଠିକ୍ ଭାବେ ନ କରିବା, ନିଜର ଯତ୍ନ ନ ନେବା, ନକାରାତ୍ମକ ଚିନ୍ତା କରିବା, ଆତ୍ମହତ୍ୟା କରିବା ନେଇ ବାରମ୍ବାର କହିବା ଆଦି ଲକ୍ଷଣ ଦେଖାଯାଇଥାଏ। ମାନସିକ ବିଷାଦଗ୍ରସ୍ତ ହେବା ସହଜ କଥା ନୁହେଁ, ମାତ୍ର ପାଖଲୋକ ନିରୀକ୍ଷଣ କଲେ ଆରମ୍ଭରୁ ହିଁ ଜାଣିପାରିବେ। ମାତ୍ର କିଛି କ୍ଷେତ୍ରରେ ଘରଲୋକ ଏହାକୁ ଗୁଣି କିମ୍ବା ଖରାପ ସମୟ ଭାବି ଜ୍ୟୋତିଷ ଏବଂ ଗୁଣିଆ ପାଖକୁ ଦୌଡ଼ିଥାନ୍ତି। ତେବେ ମାନସିକ ବିଷାଦରୁ ରକ୍ଷା ପାଇବା ପାଇଁ ହେଲେ ଯୋଗ, ବ୍ୟାୟାମ କରିବା ସହିତ ନିଜକୁ ସମୟ ଦେବା ଦରକାର ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ।

– ଡା. ଅଂଶୁମୋଚନ ସାହୁ, ଆସୋସିଏଟ୍ ପ୍ରଫେସର, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ କଲେଜ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଡେଇ ଦଉଚି ପରକୁ
ବୁଦ୍ଧି ନ ଆସଇ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଟେ ଯାଉ ଯାଉ ଦେଖିଲି କୂଅ;
ଆଉ ବୁଢ଼ୀକାଳେ ହୋଇବ ପୁଅ?**

ବୟସ ଓ ସମୟ ଆଗରେ ମଣିଷ ହାର ମାନିଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳାକୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହଯୋଗ ପ୍ରଭାବ ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଆର୍ଥିକ ସଙ୍କଟ ଦୂର ହେବା ସହ ନୂତନ ଯୋଜନା ଆରମ୍ଭ କରିବାକୁ ମନ ବଳାଇବେ ଓ ସଫଳତା ମଧ୍ୟ ପାଇବେ। ବ୍ୟବସାୟ କ୍ଷେତ୍ର, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ଏପରିକି ପାରିବାରିକ ଜୀବନରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ବିରୋଧଭାବ ପୋଷଣ କରିବ। ଆର୍ଥିକ ସ୍ଥିତି ଭଲ ରହିବାରୁ ଖୁସି ମିଜାଜରେ କାମ କରିବାର ସ୍ପୃହା ଜାଗ୍ରତ ହେବ।

**ମିଥୁନ**
ସର୍ବୋଚ୍ଚିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ନୀରବ ରହିବେ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପାଖରେ ପାଇପାରୁ ନ ଥିବା ଫାଇଲ୍ ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ବିବାଦ ବଢ଼ିପାରେ।

**କର୍କଟ**
ସଫଳତାଜନିତ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। କର୍ମରେ ପ୍ରତିପଦ ହେବ, ମାତ୍ର ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ନିର୍ମାଣ, ବାଣିଜ୍ୟ ତଥା ପରିବହନରେ ସମସ୍ୟା ସମାଧାନ ହେବ। ପରିବାରରେ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସ୍ୱସ୍ଥତା ବ୍ୟାହତ ହେବାର ସମ୍ଭାବନା ରହିଛି।

**ସିଂହ**
ପାରିବାରିକ କ୍ଷେତ୍ର ଭଲ ରହିବ କିନ୍ତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସାନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା**
ପରୋକ୍ଷ ଶତ୍ରୁତାଜନିତ ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ବିବାଦୀୟ ଆଲୋଚନାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଆଜି ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବ।

**ତୁଳା**
ଆଜି ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବା ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଯାତ୍ରା, ବନ୍ଧୁମିଳନ, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି।

**ବିଛା**
ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଟଙ୍କା ପଇସା ହଜିଯାଇପାରେ। ସାହିତ୍ୟ, ସଂଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବାର ସୁଯୋଗ ପ୍ରାପ୍ତ ହେବ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**
ଆପଣଙ୍କ ଜଣାଶୁଣା ବ୍ୟକ୍ତି ଈର୍ଷାପରାୟଣବଶତଃ ସମସ୍ୟା ସୃଷ୍ଟି କରିପାରନ୍ତି। ଆଲୋଚନା ବେଳେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ।

**ମକର**
କର୍ମବ୍ୟସ୍ତତା ମଧ୍ୟରେ ଅସୁସ୍ଥତାଜନିତ ମନ ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାରରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆଜିର ଯାତ୍ରାରେ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ।

**କୁମ୍ଭ**
ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ ହୋଇପାରନ୍ତି। ସହକର୍ମୀଙ୍କ ସ୍ୱର୍ଣ୍ଣକାତର କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ଆଜିର ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ମୀନ**
ଆଜି ନୂଆ କାମଟିଏ ଆରମ୍ଭ କରି ଖୁସି ରହିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଆନୁଷ୍ଠାନିକ କାମ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇ ପାରନ୍ତି।

ଆଜି ସେପ୍ଟେମ୍ବର ୩ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ପାର୍ଶ୍ୱପରିବର୍ତ୍ତନ, ବଡ଼ ଏକାଦଶୀ ବୁଧବାର, ବୁଧିବାମନ ଓଷା ଶେଷ ପାଳି। ରାଶିନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୫ମି. ଗତେ ଘ.୦୭.୧୪ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୧୮ମି. ମଧ୍ୟେ ରାହୁ କାଳ।

# ବର୍ଷାରେ ବୁଡ଼ିଲା ବାଲେଶ୍ୱର



ନୂଆସାହି ଛକରେ ବର୍ଷା ଜଳରେ ଆସୁଥିବା ଆମ୍ବୁଲାନ୍ସ।



ଶପିଂ ମଲ୍‌ରେ ପାଣି ପଶିଯାଇଛି।

- ଆମ୍ବୁଲାନ୍ସ ଉପରେ ପଡ଼ିଲା ଗଛ
- ପ୍ରଭାବିତଙ୍କୁ ଶୁଖିଲା, ରନ୍ଧା ଖାଦ୍ୟ ବଣ୍ଟନ

**ବାଲେଶ୍ୱର, ୨।୯ (ବାଞ୍ଛାନିଧି ଦେ)** ସୋମବାର ବିଳମ୍ବିତ ରାତି ୨ଟାରୁ ଆରମ୍ଭ ହୋଇଥିଲା ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା। ଦୀର୍ଘ ୪ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା ଫଳରେ ମଙ୍ଗଳବାର ସହରର ଅବସ୍ଥା ବେହାଲ୍ ହୋଇପଡ଼ିଥିଲା। ସହରର କେତେକ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ବିଭିନ୍ନ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ପ୍ରବାହିତ ହୋଇ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ବାଲିଆଛକଠାରେ ଥିବା ଏକ ଶପିଂ ମଲ୍‌ରେ ପାଣି ପଶିଯାଇଥିଲା। ସହରର ତଳିଆ ଅଞ୍ଚଳର ବିଭିନ୍ନ ଗଳି, ଛକ ଓ ରାସ୍ତାରେ ୩/୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ରାସ୍ତା ଓ ଛକଗୁଡ଼ିକରେ ବର୍ଷାଜଳ ଜମି ରହି ଯାତାୟାତ ପ୍ରଭାବିତ ହୋଇଥିଲା। ବହୁ ଦୋକାନ ଓ ଘର ଭିତରେ ବର୍ଷା ପାଣି ପ୍ରବେଶ କରିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଜଳ ନିଷ୍କାସନ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଉପଜିଲାପାଳ ଶିବ ମାଲବୀୟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ପ୍ରମୁଖ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

ଜିଲାରେ ୬୦୫ମି.ମି. ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସହରରେ ୧୨୮ ମି.ମି. ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଚିଡ଼ିଆପୋଲ ରାସ୍ତାରେ ବର୍ଷା ଜଳ ସୁଅ ଛୁଟୁଥିବା ବେଳେ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଇଥିଲା। ସେହିପରି ବସ୍‌ଷ୍ଟାଣ୍ଡ-ରେମୁଣା ଗୋଲେଇ ରାସ୍ତାର ନୂଆସାହି ଛକଠାରେ ୪ ଫୁଟ୍ ଉଚ୍ଚର ବର୍ଷା ଜଳ ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଏପରିକି ରାସ୍ତା ପାର୍ଶ୍ୱରେ ଥିବା ବହୁ ଦୋକାନ ଓ ଘର ଭିତରକୁ ବର୍ଷା ପାଣି ପଶିଯାଇଥିଲା। ଟ୍ରାଫିକ ସମସ୍ୟା ଉପୁଜିବା ଫଳରେ ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଥିବା ଶତାଧିକ ଦୋକାନ ଦିନତମାମ ବନ୍ଦ ରହିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଠପ୍ ହୋଇଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପଛପଟ ରାସ୍ତାରେ ଏକ ଗଛର ଡାଳ ଭାଙ୍ଗି ଆମ୍ବୁଲାନ୍ସ ଉପରେ ପଡ଼ିଥିଲା। ଦମକଳ ବାହିନୀ ପହଞ୍ଚି ଗଛକାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଚିଡ଼ିଆପୋଲ, ସେଲଟ୍ୟାକ୍ସ କଲୋନୀ, ଗୋପାଳଗାଁ, ମାଣିଖମ୍ବ, ସୁଏଲପୁର, ସିନେମା ଛକ, କଂଗ୍ରେସ ଗଳି, ମୋତିଗଞ୍ଜ, ପଞ୍ଚୁଆଁପଦା, ଆଇଟିଆଇ ଛକ, ତେଲେଙ୍ଗାସାହି, ଶୋଭାରାମପୁର, ପ୍ରୁଫ୍‌ରୋଡ୍, ଆଇଟିଆର୍ କଲୋନୀ, ଖପରାପଦା ଛକ, ସେଣ୍ଟ୍ରାଲ ସ୍କୁଲ ଛକ, ଅରଡ଼ବଜାର, ରାଣୀପାଟଣା, ନୂଆସାହି, ଗୁଡ଼ିପଦା, ଏକତାନଗର ଓ ଦ୍ୱାରିକାନଗର, ହରିପୁର ଆଦି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତଳିଆ ଅଞ୍ଚଳରେ ବର୍ଷାପାଣି ପଶିଥିବାରୁ ଲୋକମାନେ ଘରୁ ବାହାରି ପାରି ନ ଥିଲେ। ଏପରିକି ଘର ଭିତରେ ପାଣି ଲହଡ଼ି ମାରୁଥିବାରୁ ରୋଷେଇ ବନ୍ଦ ରହିଥିଲା। ବହୁ ମାଟି ଘର ଭୁଶୁଡ଼ି ପଡ଼ିଥିଲା। ରାସ୍ତା ପାର୍ଶ୍ୱ ଦୋକାନୀ ଓ ତଳିଆ ଅଞ୍ଚଳରେ ଥିବା ଘର ଭିତରୁ ପାଣି ପମ୍ପ ଲଗାଯାଇ ଜଳ ନିଷ୍କାସନ କରାଯାଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ଗୁଡ଼ିପଦା, ଅରଡ଼ବଜାର, କଂଗ୍ରେସ ଅଫିସ ଗଳି, ତେଲେଙ୍ଗାସାହି, ପଞ୍ଚୁଆଁପଦା ଆଦି ଅଞ୍ଚଳରେ ପ୍ରଭାବିତ ଲୋକମାନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ତହସିଲ ପକ୍ଷରୁ ଭୁଶୁଡ଼ି ପଡ଼ିଥିବା ଘର ପାଇଁ ପଲିଥିନ୍ ପ୍ରଦାନ କରାଯାଇଥିଲା।

## ତାଲୁଆରେ ଝାଡ଼ାବାନ୍ତି: ଜଣେ ମୃତ, ୮ ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଚଣ୍ଡିଖୋଲ, ୨।୯ (ପ୍ରଦୀପ୍ତ କୁମାର ପୃଷ୍ଟି)** ଯାଜପୁର ଜିଲା ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତାଲୁଆ ଗ୍ରାମର ୧୨ନଂ. ୱାର୍ଡରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଆକ୍ରାନ୍ତ ହୋଇ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଗ୍ରାମର ଝରଣା ମଲିକ(୪୭)ଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ୮ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଦୁଇ ଜଣ କାଳୀ ମଲିକ ଓ ପୁଅ ଉମାକାନ୍ତ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ପଞ୍ଚୁ ମଲିକ (୭୦) ଓ ପୁଅ ପ୍ରଭାତ ମଲିକ(୪୦) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ଜିଲା ମହାମାରୀ ବିଶେଷଜ୍ଞ ଡାକ୍ତର ଜ୍ୟୋତିରଞ୍ଜନ ରାଉତ, ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଗାଁରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିଛନ୍ତି। ଲୋକଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇଛନ୍ତି। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଉକ୍ତ ଗ୍ରାମରେ ପ୍ରାୟ ୧୭ ପରିବାରର ଲୋକସଂଖ୍ୟା ୮୦ରୁ ଊର୍ଦ୍ଧ୍ୱ ହେବ। ସମସ୍ତେ ଗରିବ ଅନୁସୂଚିତ ଜାତିବର୍ଗର। ଏଠାରେ ଗୋଟିଏ ହେଲେ ବି ସରକାରୀ ନଳକୂପ ନାହିଁ। ସମସ୍ତେ ଏକ ଖୋଲାକୂଅ ପାଣି ବ୍ୟବହାର କରନ୍ତି। କାହାରି ଘରେ ଶୌଚାଳୟ ନାହିଁ। ଗ୍ରାମ ଚାରିପଟେ ନାଗଦଳ ଭର୍ତ୍ତି ଜଳାଶୟ ରହିଛି। ତେବେ ଦୂଷିତ ପାନୀୟ ଜଳ ପାଇଁ ଝାଡ଼ାବାନ୍ତି ବ୍ୟାପୁଥିବା ଡାକ୍ତରୀ ଦଳ ପ୍ରକାଶ କରିଛନ୍ତି।



ଡାକ୍ତରୀଦଳ ତାଲୁଆ ଗ୍ରାମରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି।

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଗିରଫ ଭୟରେ ସ୍ୱାମୀଙ୍କ ଆତ୍ମହତ୍ୟା

**ପାଟଣା, ୨।୯ (ବୀରକିଶୋର ଦାଶ)** କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଦାଶରଥିପୁର ଗ୍ରାମର ଜଣେ ବିବାହିତ ଯୁବକ(୪୦) ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଗିରଫ ଭୟରେ ନିଜେ ଆତ୍ମହତ୍ୟା କରିଛନ୍ତି। ସୋମବାର ରାତିରେ ଏହି ଘଟଣା ଘଟିଛି। ଉକ୍ତ ଯୁବକ ହେଲେ ଅଭିମନ୍ୟୁ ମହାନ୍ତ। ଗତ ଶନିବାର ସ୍ୱାମୀ ଅଭିମନ୍ୟୁ ସ୍ତ୍ରୀ ରଷୁନି(୩୩)ଙ୍କୁ ୩ ହଜାର ଟଙ୍କା ମାଗିଥିଲେ। ରଷୁନି ଟଙ୍କା ନ ଦେବାରୁ ଅଭିମନ୍ୟୁ ତାଙ୍କୁ ମାଡ଼ ମାରି ହାତଗୋଡ ବାନ୍ଧି ଘର ନିକଟ ଅମରିବୁଦା ନିକଟରେ ପକାଇ ଦେଇଥିଲେ। ରୁଷୁନିଙ୍କୁ ଗ୍ରାମବାସୀ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରୁଷୁନି ମୃତ୍ୟୁ ସହ ଡାକ୍ତରଖାନାରେ ସଂଘର୍ଷ କରୁଥିବା ବେଳେ ଅଭିମନ୍ୟୁ ଗିରଫ ଭୟରେ ସୋମବାର ରାତିରେ ଘର ସମ୍ମୁଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୨୫) ରୁଜୁ ହୋଇଥିବା ଏସ୍‌ଆଇ କିଶୋର ପାତ୍ର କହିଛନ୍ତି।

## ୩ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇନେଲା ପୋଲିସ

**ଫୁଲବାଣୀ, ୨।୯ (ରାକେଶ କୁମାର ରାଉତ)** ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁପ୍ରବେଶ କାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳର ରହୁଥିବା ଜାଫର ସେକ୍‌ସ(୬୮) ଓ ତାଙ୍କ ସ୍ତ୍ରୀ କମିଲା ବେଗମ(୬୦)ଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସେମାନେ ଦୀର୍ଘବର୍ଷ ଧରି ରହି ଆସୁଛନ୍ତି। ଦମ୍ପତିଙ୍କର ୨ଟି ପୁଅ ଓ ଗୋଟିଏ ଝିଅ ଅଛି। ଜାଫର ଛତା ମରାମତି କରନ୍ତି। ସେହିପରି କୋଟଗଡ ଅଞ୍ଚଳରେ ରହୁଥିବା ନାଜୁର୍ ମୁଲ୍ଲା(୪୨)ଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଛି। ସେ ରାଜମିସ୍ତ୍ରି କାମ କରି ଚଳୁଥିଲେ। ନାଜୁର ସ୍ଥାନୀୟ ଅଞ୍ଚଳରେ ବିବାହ କରିଛନ୍ତି ଏବଂ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ। ସମସ୍ତଙ୍କୁ ଷ୍ଟେ ହୋମକୁ ପଠାଇ ଦିଆଯାଇଛି। ନାଗରିକତା ପ୍ରମାଣ ପାଇଁ ୩୦ ଦିନ ସମୟ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## କଲରାପତରିଆ ବାଘଛାଲ ଜବତ ଘଟଣା, ଆଉ ୨ ଗିରଫ



### ୪ ବାଘଦାନ୍ତ, ଧନୁ ଓ ରକ୍ତଲଗା ଦା' ଜବତ

**ପାରଳାଖେମୁଣ୍ଡି/ମୋହନା, ୨।୯ (ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର)** ଗଞ୍ଜାମ ଜିଲା ଘୁମୁସର ବନଖଣ୍ଡ କର୍ମଚାରୀ ଗତ ରବିବାର କଲରାପତରିଆ ବାଘଛାଲ ଜବତ କରି ୭ ଜଣଙ୍କୁ ଗିରଫ କରିଥିଲେ। ଗିରଫ ୭ ଅଭିଯୁକ୍ତଙ୍କ ମଧ୍ୟରେ ଥିବା ଗଜପତି ଜିଲା ମୋହନା ବ୍ଲକର ଗୋଛାଗଡା ଗ୍ରାମର ଚିତ୍ରା ମଲ୍ଲିକଙ୍କ ଘର ଉପରେ ବନ ବିଭାଗର ୨ଟି ଟିମ ମିଳିତ ଚଢ଼ାଉ କରିଥିଲେ। ସେଠାରୁ
୪ଟି କଲରାପତରିଆ ବାଘଦାନ୍ତ, ଗୋଟିଏ ଧନୁ, ଗୋଟିଏ ଦେଶୀ ବନ୍ଧୁକ, ବିଭିନ୍ନ ପ୍ରକାର ଫାସ, ଗୋଟିଏ ମୋବାଇଲ ଫୋନ, ବ୍ଲୁଟୁଥ୍ ଏବଂ ରକ୍ତ ଲାଗିଥିବା ଏକ ଦା' ଜବତ ହୋଇଛି। ଏଥିସହ ଦୁଇ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ସେମାନେ ହେଲେ ଚିତ୍ରାଙ୍କ ପୁଅ ସୁକଦେ ମଲ୍ଲିକ(୨୫) ଓ ତାଙ୍କ ସହଯୋଗୀ ଲୁଲୁ ମଲ୍ଲିକ(୨୮)। ଉଭୟଙ୍କୁ ଘୁମୁସର ଡିଭିଜନ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। କଲରାପତାରିଆ ବାଘଛାଲ ବନ ବିଭାଗ ଜବତ କରିଥିବା ବେଳେ କେଉଁ କାରଣରୁ ତାହା ଘରେ ରଖାଯାଇଥିଲା ଏହା କୌଣସି କଳାବଜାର ସହ ସମ୍ପୃକ୍ତ କି ନାହିଁ ଓ କେଉଁ ସ୍ଥାନରେ କଲରାପତରିଆ ବାଘକୁ ମରାଯାଇଛି ସବୁ ଦିଗକୁ ନେଇ ତଦନ୍ତ କରୁଛି ବନ ବିଭାଗ। ପାରଳାଖେମୁଣ୍ଡି ବନ ବିଭାଗର ଗୋଟିଏ ଟିମ ଏବଂ ଘୁମୁସର ଡିଭିଜନର ଉତ୍ତର ଶାଖାର ଗୋଟିଏ ଟିମ ମିଳିତ ଭାବେ ପାରଳାଖେମୁଣ୍ଡି ଏସିଏଫ ସାଇନଶ୍ରୀ ଦାସଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି ବୋଲି ଗଜପତି ବନ ଖଣ୍ଡ ଅଧିକାରୀ କେ. ନାଗରାଜୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଇନ୍‌ଫର୍ମର ସନ୍ଦେହରେ ୨ ଜଣଙ୍କୁ ହତ୍ୟା

**ମାଲକାନଗିରି, ୨।୯ (ଦୁର୍ଯ୍ୟୋଧନ ପାତ୍ର)** ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ଗ୍ରାମର ୨ ବ୍ୟକ୍ତିଙ୍କୁ ସୋମବାର ହତ୍ୟା କରିଛନ୍ତି। ସେମାନେ ହେଲେ ସିରସେଟୀ ପଞ୍ଚାୟତର ପଦାମ ପୋଜା ଓ ପଦାମ ଦେବେନ୍ଦ୍ର। ଉଭୟଙ୍କୁ ମାଓବାଦୀମାନେ ସୋମବାର ରାତିରେ ଘରୁ ଅପହରଣ କରିନେଇ ହତ୍ୟା କରିଥିଲେ। ଏଥିସହ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ି ଯାଇଛନ୍ତି। ଉକ୍ତ ପୋଷ୍ଟରରେ ଏହି ୨ଜଣ ପୋଲିସ ସୂଚନାଦାତା ହୋଇଥିବାରୁ ଏମାନଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି।






## ଡ୍ରେନ୍ ସଫାକରି ସଚେତନ କଲେ ବିଡିଓ



ଡ୍ରେନ୍ ସଫା କରୁଛନ୍ତି ବିଡିଓ।

**ନୂଆପଡ଼ା, ୨।୯ (ମକାରୁ ବେମାଲ)** ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) କାର୍ମି ଓରାମ ନିଜ ହାତରେ ଡ୍ରେନ୍ ସଫାକରି ଚର୍ଚ୍ଚାକୁ ଆସିଛନ୍ତି। ଏହାସହ ସେ ଡ୍ରେନ୍‌ରେ ଅଳିଆ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ସଚେତନ କରିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ସୋମବାର ସିନାପାଲି ପଞ୍ଚାୟତଠାରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ଓରାମଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଓ ରାଜନୈତିକ ଦଳର ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସିନାପାଲି ବସ୍‌ଷ୍ଟାଣ୍ଡ ଅଞ୍ଚଳର ଡ୍ରେନ୍‌ଗୁଡିକ ଅଳିଆ ଆବର୍ଜନାରେ ଭରି ରହିଛି ବୋଲି କେତେଜଣ ଲୋକ ଅଭିଯୋଗ କରି ପ୍ରଶାସନକୁ ସମାଲୋଚନା କରିଥିଲେ। ଏହା ଶୁଣିବା ପରେ ବିଡିଓ ଓରାମ ସଙ୍ଗେ ସଙ୍ଗେ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଡ୍ରେନରେ ଅଳିଆ, ଆବର୍ଜନା ଥିବା ଦେଖିବାକୁ ପାଇଥିଲେ। ଅଳିଆ ପଡିଥିବାରୁ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏହା ଦେଖି ବିଡିଓ ନିଜ ହାତରେ ଅଳିଆ ସଫା କରିଥିଲେ। ଏହି ସମୟରେ ପାଖରେ ଥିବା ଅଧିକାରୀ, କର୍ମଚାରୀ ଓ ଅଭିଯୋଗକାରୀ ଏହା ନ କରିବାକୁ କହିଥିଲେ। ହେଲେ ବିଡିଓ କାହା କଥା ନ ଶୁଣି ଅଳିଆ ସଫା କରିବାରେ ଲାଗିଥିଲେ। ପରେ କର୍ମଚାରୀମାନେ ଦେଇଥିବା ଗ୍ଲୋବକୁ ବିଡିଓ ହାତରେ ଲଗାଇ ପୁଣି ଅଳିଆ ସଫା କରିବା ଆରମ୍ଭ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ।




ଜ୍ଞାନ ଅର୍ଜନ କରିବା ନିଶ୍ଚୟ ଭଲ କଥା। କିନ୍ତୁ ଜ୍ଞାନକୁ ନେଇ ବଞ୍ଚିବା ତା'ଠାରୁ ଭଲ ଏବଂ ନିଜେ ଜ୍ଞାନର ସ୍ୱରୂପ ହୋଇଉଠିବା ସବୁଠାରୁ ଭଲ। -ଶ୍ରୀମା

-ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ, ହଳ ନିଷେଧ



# ଶିକ୍ଷକଙ୍କ ପାଇଁ ପରୀକ୍ଷା

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ୬ରୁ ୧୪ ବର୍ଷ ବୟସ ମଧ୍ୟରେ ସବୁ ବାଳିକା ବାଳକଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିଶ୍ଚିତ କରାଯାଇଛି। ଏହି ଦୁଇ ସ୍ତରର ସ୍କୁଲ ସହ ମାଧ୍ୟମିକ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପାଇଁ ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ୍ ଚିଲ୍ଡ୍ରେନ୍ସ ଏମରଜେନ୍ସି ଫଣ୍ଡ(ୟୁନିସେଫ୍) ସରକାରଙ୍କ ସହ ମିଶି କାମ କରୁଛି। ଏହା ସହ ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ସମାନ ଓ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାର ଲକ୍ଷ୍ୟ ରଖିଛି। ଶିକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକର ସହଭାଗିତା ରହିଥିଲେ ମଧ୍ୟ ଦେଶରେ ସ୍କୁଲ ପିଲାଙ୍କ ଶିକ୍ଷାରେ ଉନ୍ନତି ପାରିପାର୍ଶ୍ୱିକ ଶୈକ୍ଷିକ ପରିବେଶ ଉପରେ ନିର୍ଭରକରେ। ସ୍କୁଲକୁ ଯେପରି ସବୁ ପିଲା ପଢ଼ିବାକୁ ଯିବେ ସେଥିପାଇଁ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ମାଗଣାରେ ସାଇକେଲ, ପୋଷାକ, ବହି ଆଦି ଯୋଗାଇ ଦିଆଯାଉଛି। ଏପରିକି ମାଡ଼ ଭୟରେ ପିଲାମାନେ ସ୍କୁଲ ଛାଡ଼ି କିଭଳି ନ ଯିବେ ସେଥିପାଇଁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ନାମିତ କରାଯାଇଛି। କେବଳ ନାମରେ ଅଟକିଯାଇନାହିଁ, ଯଦି କୌଣସି ଶିକ୍ଷୟିତ୍ରୀଶିକ୍ଷକ ମାଡ଼ ମାରୁଥିବାର ପ୍ରମାଣ ମିଳୁଛି,ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାର ଦୃଷ୍ଟାନ୍ତ ମଧ୍ୟ ଗଣମାଧ୍ୟମରୁ ଜଣାପଡୁଛି। ଶିକ୍ଷକଙ୍କ ଶିକ୍ଷାଦାନର ପ୍ରତିବଦ୍ଧତା ଉପରେ ପିଲାଙ୍କ ପାଠପଢ଼ା ନିର୍ଭର କରେ। ଛାତ୍ରୀଛାତ୍ର କିଭଳି ସହଜରେ ପାଠ ବୁଝିପାରିବେ ଓ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବ, ସେହି ଦିଗରେ ଶିକ୍ଷକମାନେ ଚେଷ୍ଟା କରିବା ଦରକାର। ଏହା କହିଲାବେଳକୁ ନିଶ୍ଚିତ ଭାବେ ଧ୍ୟାନ ଦିଆଯିବା ଦରକାର ଯେ, ଶ୍ରେଣୀଗୃହ ଓ ମାଷ୍ଟରଙ୍କର ସର୍ବନିମ୍ନ ଯୋଗ୍ୟତା ସହ ଚାହିଦା ମଧ୍ୟ ପୂରଣ ହେବା କଥା। କେବଳ ଦରମା ବଢ଼ିଲେ ଶିକ୍ଷୟିତ୍ରୀ ଶିକ୍ଷକ ଉଚିତ ମାନର ପାଠ ପଢ଼ାଇବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ। ଆଜକୁ ଚାରି ପାଞ୍ଚ ଦଶନ୍ଧି ପୂର୍ବେ ଶିକ୍ଷକମାନଙ୍କ ଅନୁଶାସନରେ ପିଲାମାନେ ରହୁଥିଲେ। ଅର୍ଥାତ୍ ପାଠପଢ଼ାରେ ଶ୍ରେଣୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିଲା। ପିଲାମାନେ ମଧ୍ୟ ବିନା ଟ୍ୟୁଶନରେ ଭଲ ପଢ଼ିବାକୁ ଚେଷ୍ଟା କରୁଥିଲେ। ଶିକ୍ଷକଙ୍କ ପ୍ରତି ସମ୍ମାନ ଓ ଭୟ ମଧ୍ୟ ଥିଲା। ସାଧାରଣରେ କୁହାଯାଇଥାଏ-ଭୟ ଥିଲେ ଜୟ ହୁଏ। ଏବେ ଶୈକ୍ଷିକ ବାତାବରଣ ଫୁଲାଫାଙ୍କିଆ ହୋଇଯାଇଥିବାରୁ ଅନେକ ପିଲା ଶ୍ରେଣୀରେ ମନ ଦେଇ ପଢୁନାହାନ୍ତି। ପ୍ରାଇଭେଟ୍ କୋଚିଂ ଧୀରେ ଧୀରେ ଶ୍ରେଣୀଗୃହ ପଢ଼ାକୁ ପ୍ରତିସ୍ଥାପନ କରିଚାଲିଛି, ଯାହା ଆଗକୁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କଲାଣି।

ଏବେ ସ୍କୁଲ ପାଠ ପାଇଁ ଯେମିତି ଟ୍ୟୁଶନ ହୋଇଯାଇଛି ସବୁକିଛି। କେନ୍ଦ୍ରର କମ୍ପ୍ରେହେନସିଭ୍ ମୋଡ୍ୟୁଲାର ସର୍ଭେ( ସିଏମ୍ଏସ୍) ପକ୍ଷରୁ ଅଗଷ୍ଟ ଶେଷ ସପ୍ତାହରେ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଦେଶରେ ସରକାରୀ ଓ ବେସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ପାଖାପାଖି ୩୦ ପ୍ରତିଶତ ସ୍କୁଲ ପାଠ ବୁଝିବା ପାଇଁ ଘରୋଇ କୋଚିଂ ଉପରେ ନିର୍ଭର କରୁଛନ୍ତି। ନ୍ୟାଶନାଲ ସାମ୍ପୁଲ ସର୍ଭେର ୮୦ ତମ ରାଉଣ୍ଡର ଏକ ଅଂଶ ଭାବେ ସିଏମ୍ଏସ୍ ଏହି ତଥ୍ୟ ପ୍ରସ୍ତୁତ କରିଛି ଏବଂ ଏହାକୁ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପନ କରାଯାଇଛି। ଏଥିରେ ଓଡ଼ିଶାର ତଥ୍ୟକୁ ଦେଖିଲେ ନବମ ଓ ଦଶମ ଶ୍ରେଣୀର ୬୮.୭ ପ୍ରତିଶତ ପିଲା ଏବଂ ପ୍ରାଥମିକ ସ୍ତରରେ ୩୪.୨ ପ୍ରତିଶତ (ମୋଟ ପିଲା ସଂଖ୍ୟାର ୫୦ ପ୍ରତିଶତରୁ ଅଧିକ) ପିଲାଙ୍କୁ ସେମାନଙ୍କ ଅଭିଭାବକମାନେ ଟ୍ୟୁଶନ ପଠାଉଛନ୍ତି। ଏଥିପାଇଁ ସହରାଞ୍ଚଳରେ ଅଭିଭାବକମାନେ ବାର୍ଷିକ ୧୦,୮୯୯ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗ୍ରାମାଞ୍ଚଳରେ ଏହା ୩,୫୪୭ ଟଙ୍କା।

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଲାଗି ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ହେଲେ ସବୁ ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ସେଭଳି ଶିକ୍ଷକ ନ ଥିବାରୁ ପିଲାମାନେ ଠିକ୍ ଭାବେ ପାଠ ବୁଝିପାରୁନାହାନ୍ତି। ଫଳସ୍ୱରୂପ, ଘରୋଇ ଟ୍ୟୁଶନ ଦରକାର ପଡୁଛି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ୧ ସେପ୍ଟେମ୍ବରରେ ଦେଇଥିବା ରାୟ ପ୍ରଣିଧାନଯୋଗ୍ୟ। ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଚାହୁଁଥିବା ଓ ଚାକିରିରେ ଥିବା ଶିକ୍ଷକ ପଦୋନ୍ନତି ପାଇଁ ଆଶା ରଖିଥିଲେ, ସେମାନଙ୍କୁ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)ରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ବୋଲି କୋର୍ଟ କହିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ମାନ କମ୍ ଥିବା ସ୍ପଷ୍ଟ ହେଉଛି। ପାଠ ବୁଝିପାରୁ ନ ଥିବାରୁ ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ପିଲାଙ୍କୁ ଟ୍ୟୁଶନ ଦେବାକୁ ବାଧ୍ୟ ହେଉଛନ୍ତି। ଅଧିକ ମାର୍କ ରଖିବା ଲୋଭରେ ନିଜ ପିଲାଙ୍କୁ ଦୌଡ଼ାଉଥିବା ମାତାପିତା ଟ୍ୟୁଶନକୁ ଯେଭଳି ଗୁରୁତ୍ୱ ଦେଉଛନ୍ତି, ସ୍କୁଲ ଶିକ୍ଷାର ମାନ ପ୍ରତି ପ୍ରାଧାନ୍ୟ ଦେଉନାହାନ୍ତି। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଯଦି ଟ୍ୟୁଶନ ଉପରେ ପିଲାମାନେ ଅଧିକ ନିର୍ଭରଶୀଳ ହେବେ, ତା'ହେଲେ ସେହି ଟ୍ୟୁଶନର ମୂଲ୍ୟ ବୃଦ୍ଧି ହେବ ଏବଂ ଅଭିଭାବକଙ୍କୁ ଅଧିକା ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ସେଭଳି ସ୍ଥିତି ଉପୁଜିଲେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀରେ ପ୍ରଥମେ କନ୍ୟା ଓ ଦ୍ୱିତୀୟ ସ୍ତରରେ ପୁଅପିଲାମାନଙ୍କର ପାଠପଢ଼ିବା ବନ୍ଦ ହୋଇଯାଇପାରେ, ଯାହା ଦେଶ ପାଇଁ ଅଧିକ କ୍ଷତିକାରକ ହେବ। ଦୁଃଖର ବିଷୟ, ଏହି ଦିଗକୁ କେହି ଧ୍ୟାନ ଦେଉନାହାନ୍ତି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | 1 | | |
| | 4 | 2 | | | | | 7 | |
| | 9 | | | | 5 | 4 | 2 | 3 |
| 3 | | | | 8 | | | | |
| | | | 6 | | 3 | | | 7 |
| | 5 | 4 | | | | 3 | | |
| 7 | | | | | | | | |
| | | | | | 6 | | | |
| | | | 3 | 5 | 9 | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 3 | 2 | 5 | 6 | 9 | 7 |
| 5 | 2 | 7 | 6 | 8 | 9 | 1 | 4 | 3 |
| 3 | 6 | 9 | 1 | 4 | 7 | 2 | 8 | 5 |
| 6 | 7 | 2 | 4 | 5 | 8 | 3 | 1 | 9 |
| 8 | 4 | 1 | 9 | 3 | 2 | 5 | 7 | 6 |
| 9 | 5 | 3 | 7 | 6 | 1 | 8 | 2 | 4 |
| 7 | 9 | 5 | 2 | 1 | 3 | 4 | 6 | 8 |
| 2 | 8 | 4 | 5 | 9 | 6 | 7 | 3 | 1 |
| 1 | 3 | 6 | 8 | 7 | 4 | 9 | 5 | 2 |

ଗତକାଲିର ଉତ୍ତର

# ୟୁଏସ୍ ଦୋକାନରେ ଟ୍ରମ୍ପ୍ ମ୍ୟାନେଜର



ସହଦେବ ସାହୁ

ଗୋଟିଏ ବଡ଼ କୋଠା ଭିତରେ ବଜାର ଥିଲେ ତାକୁ ଆମେରିକାରେ ମଲ୍ କହନ୍ତି (ସବୁଦିନିଆ ହାଟ ବା ବିପଣି)। ଗୋଟିଏ ପ୍ରକୋଷ୍ଠରେ ବା ସାନ କୋଠାରେ ପ୍ରାୟ ସବୁ ଜିନିଷ ବିକୁଥିବା ଦୋକାନକୁ ଡିପାର୍ଟମେଣ୍ଟ ଷ୍ଟୋର୍ କହନ୍ତି । ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ପାଳିର ରାଷ୍ଟ୍ରପତିତ୍ୱରେ ସାରା ଯୁକ୍ତରାଷ୍ଟ୍ରକୁ ଏକ ଡିପାର୍ଟମେଣ୍ଟ ଷ୍ଟୋର୍ ବୋଲି ଭାବି ଏପ୍ରିଲ ୨(୨୦୨୫)ରୁ ଏକ ଅର୍ଥନୈତିକ ଜରୁରୀ ପରିସ୍ଥିତି ଜାରି କରି ତାହାର ମ୍ୟାନେଜର ଭଳି କାମ କରୁଛନ୍ତି। ତାଙ୍କର ଅର୍ଥନୈତିକ ଜ୍ଞାନ ତାଙ୍କୁ ହିଁ ଜଣା, 'ଫେଡେରାଲ୍ ରିଜର୍ଭ'ର ଚେୟାରମ୍ୟାନ ଜିରୋମ୍ ପୋୱେଲ୍ କାହିଁକି ସୁଧହାର କମାଉ ନାହାନ୍ତି ତାଙ୍କ ଉପରେ ଖପା, ବିଦେଶରେ କାରଖାନା ବସାଇ ବାଣିଜ୍ୟ ଯୁଦ୍ଧର ଫଳ ଓଲଟା କରିବାକୁ ହାର୍ଲି ଡାଭିଡସନ୍ କାମ କରୁଛି ବୋଲି ତାକୁ ଗାଳି, ତାଙ୍କ ଅଫିସିଆଲ୍ ବିମାନ ଏଆରଫୋର୍ସ ୱାନ୍‌ର ଦାମ୍ କାହିଁକି ବଢ଼ାଇଲ ବୋଲି ବୋଇଂ କମ୍ପାନୀକୁ ଗାଳି। ଟ୍ରମ୍ପଙ୍କ ପ୍ରଥମ ପାଳିରେ ଥିଲା ଗାଳି, ଦ୍ୱିତୀୟ ପାଳିରେ ଟାରିଫ୍ ବା ବହିର୍ଶୁଳ୍କକୁ ଅସ୍ତ୍ର କରିଛନ୍ତି । ତାଙ୍କ ଆର୍ଥିକ ଜୁଲମ୍ (ଏକ୍ସଟର୍ସନ୍) ଚାଇନାର ଜିଙ୍କ କମ୍ୟୁନିଷ୍ଟ ପୁଞ୍ଜିବାଦ ଭଳି ଦିଶୁଛି। ଏପରି ତାଙ୍କ ନିଜ ଦଳ ରିପବ୍ଲିକାନ୍ ପାର୍ଟିର ଆଦର୍ଶ ସିଏ ଭୁଲି ଯାଉଛନ୍ତି। ସରକାର ଓ ବ୍ୟବସାୟ ଭିତରେ ଥିବା ସମ୍ପର୍କକୁ କଳୁଷିତ କରୁଛନ୍ତି। ଫେଡେରାଲ୍ ରିଜର୍ଭ (କେନ୍ଦ୍ର ବ୍ୟାଙ୍କ)ର ବୋର୍ଡ ଅଫ୍ ଗଭର୍ନର୍ସର ଜଣେ କୃଷ୍ଣକାୟ ମେମ୍ବର ଲିସା କୁକ୍‌ଙ୍କୁ ବହିଷ୍କାର ଆଦେଶ ଦେଇଛନ୍ତି। ବାଣିଜ୍ୟ ଦରକାର କରେ ସ୍ଥିରତା, ଭବିଷ୍ୟତକୁ ଦେଖି ବର୍ତ୍ତମାନର ଉତ୍ପାଦନ। କିନ୍ତୁ ଟ୍ରମ୍ପ କେତେବେଳେ ହସ୍ତକ୍ଷେପ କରିବେ କି ପଦକ୍ଷେପ ନେବେ ସମସ୍ତେ ଅନିଶ୍ଚିତ। ଟ୍ରମ୍ପଙ୍କ ଖିଆଲ ଅଜଣା ରହୁଥିବାରୁ ବ୍ୟବସାୟ ହ୍ରାସ ପାଉଛି । କିଛିଦିନ ତଳେ କଷ୍ଟରେ ଚାଲୁଥିବା ସେମିକଣ୍ଡକ୍ଟର କମ୍ପାନୀ 'ଇଣ୍ଟେଲ୍'ର ସିଇଓ ଲିପ୍ ବୁ ଟାନ୍ ଇସ୍ତଫା ଦିଅନ୍ତୁ ବୋଲି ଟ୍ରମ୍ପ କହୁଥିଲେ, ପରେ କହିଲେ, ଇଣ୍ଟେଲ୍ କମ୍ପାନୀର ଅଂଶଧନର ୧୦% ସରକାରଙ୍କୁ ନ ଦେଲେ ତାଙ୍କୁ ବାଇଡେନ୍ ସରକାର ସମୟର ଅନୁଦାନ ଫେରାଇବାକୁ ପଡ଼ିବ। ଏତକ ପାଇବା ପରେ ଟ୍ରମ୍ପ ଟାନ୍‌ଙ୍କୁ ପ୍ରଶଂସା କଲେ। ସରକାର ଘରୋଇ କମ୍ପାନୀର ଇକ୍ୱିଟି ଗ୍ରହଣ କରନ୍ତି ନାହିଁ, କିନ୍ତୁ ଟ୍ରମ୍ପ କରୁଛନ୍ତି। ଏନ୍‌ଭିଡିଆ ବିଶ୍ୱର ବୃହତ୍ତମ ସେମିକଣ୍ଡକ୍ଟର କମ୍ପାନୀ ଯାହାର ଚିପ୍ ଗୁଡ଼ିକ 'ଏଆଇ' ଉତ୍କର୍ଷ କାଳରେ ଅତ୍ୟାବଶ୍ୟକ । ଏପ୍ରିଲ ମାସରେ ଟ୍ରମ୍ପ ତାର ଚାଇନାକୁ ରପ୍ତାନି କରିବା ଉପରେ ୨୦% ଶୁଳ୍କ ବସାଇଲେ, କମ୍ପାନୀ ତା'ର ରୋଜଗାରର ୧୫% ସରକାରଙ୍କୁ ଦେବ ବୋଲି ରାଜି ହେଲାରୁ ଏପ୍ରିଲରେ ତା' ପ୍ରତ୍ୟାହାର କଲେ । ରପ୍ତାନି ଉପରେ ଟିକସ ବସାଇପାରିବ ନାହିଁ ବୋଲି ସମ୍ବିଧାନରେ ଥିବା ବ୍ୟବସ୍ଥାର ଖିଲାପ କରୁଛନ୍ତି ଟ୍ରମ୍ପ । ନିପ୍ପନ ଷ୍ଟିଲ୍ ଯେତେବେଳେ ୟୁଏସ୍ ଷ୍ଟିଲ୍‌କୁ କିଣିନେବାକୁ ଚାହିଁଲା ଟ୍ରମ୍ପ ରୋକିଦେଲେ – ଯେ ପର୍ଯ୍ୟନ୍ତ କମ୍ପାନୀ କେତେଗୁଡ଼ିଏ କାମ ଉପରେ ଯଥା କର୍ମଚାରୀମାନଙ୍କ ଦରମା, କମ୍ପାନୀର ନାମ ବଦଳାଇବା ଆଦି କ୍ଷେତ୍ରରେ ସରକାରଙ୍କୁ ଭିଟୋ କ୍ଷମତା ନ ଦେଇଛି ।



ଟ୍ରମ୍ପଙ୍କ ଶିଳ୍ପନୀତିରେ ଶୁଳ୍କ ଏକ ଖଣ୍ଡାଧାର ଏବଂ ଯୁକ୍ତରାଷ୍ଟ୍ର ଏକ ପ୍ରକାଣ୍ଡ ଡିପାର୍ଟମେଣ୍ଟ ଷ୍ଟୋର ; ସେ ଷ୍ଟୋର୍‌ର ଏକ ମାତ୍ର ମ୍ୟାନେଜର ଟ୍ରମ୍ପ । ଟ୍ରମ୍ପଙ୍କ ଟିକସ ଓ ବ୍ୟୟର ପରିମାଣ ଉପରେ ଟ୍ରମ୍ପଙ୍କ ନୀତି ପ୍ରତି ଓ ତାଙ୍କ ପ୍ରତି କିଏ କେତେ ସମର୍ଥନ କରୁଛି ତାହା ଲକ୍ଷ୍ୟ କରି ହ୍ୱାଇଟ୍ ହାଉସ୍ ୫ଟି କମ୍ପାନୀ ଓ ବ୍ୟବସାୟଗୋଷ୍ଠୀର ଏକ ତାଲିକା ତିଆରି କରିଛି, ଯଥେଷ୍ଟ ଦେଉ ନ ଥିବା କମ୍ପାନୀମାନେ ସମର୍ଥନ ପାଇବେ ନାହିଁ। କାରଣ ଏବେ ୱାଶିଂଟନରେ ଡିମୋକ୍ରାଟ୍ କି ରିପବ୍ଲିକାନ୍ ନାହାନ୍ତି, କେବଳ ଆମର ଆଉ ପର। ଟ୍ରମ୍ପଙ୍କ ନିକଟରେ ପହଞ୍ଚିବାକୁ ଦରକାର ଟ୍ରମ୍ପଙ୍କ ପାଖ ଲୋକ, ଯିଏ ଲବି କରିପାରୁଥିବ, ମନଜିଣି ପାରୁଥିବ ଅର୍ଥାତ୍ ଲବିଷ୍ଟ –ଲବିକରିବା ଲୋକ। ପାକିସ୍ତାନ ଲବିକରିବାରେ ଜିତି ଯାଇଛି, ପାକିସ୍ତାନ ନିଯୁକ୍ତ କରିଛି କିଥ୍ ସିଲର୍, ସେ ଦୁଇ ଦଶନ୍ଧି ଧରି ଟ୍ରମ୍ପଙ୍କ ବଡି ଗାର୍ଡ ଥିଲେ । ପାକିସ୍ତାନ ତାଙ୍କୁ ମାସିକ ଡଲାର ୫୦,୦୦୦ ଦେଉଛି। ମାସକ ପରେ ମେ ମାସରେ ଭାରତ ନିଯୁକ୍ତ କଲା ଜାସନ ମିଲର୍‌କୁ। ମିଲର ସିନିୟର ଉପଦେଷ୍ଟା ଥିଲେ ଟ୍ରମ୍ପଙ୍କ ୨୦୧୬, ୨୦୨୦ ଆଉ ୨୦୨୪ ନିର୍ବାଚନୀ ପ୍ରଚାରରେ। ବର୍ଷକୁ କଣ୍ଟ୍ରାକ୍ଟ ଡଲାର ୧୮ ଲକ୍ଷ, ମାସିକ ଫି ୧୫୦,୦୦୦ ଡଲାର । ଦୁହେଁ ଟ୍ରମ୍ପଙ୍କ କାନକୁହା । କିନ୍ତୁ ପାକିସ୍ତାନ ମାତ୍ ମାରିନେଲା । ସିଲରଙ୍କ ଲବି (କାନକୁହା) ଟ୍ରମ୍ପଙ୍କ ପାକିସ୍ତାନୀ ପ୍ରେମ ବଢ଼ାଇଦେଲା, ପାକିସ୍ତାନ ସେନାମୁଖ୍ୟ ମୁନିର ହ୍ୱାଇଟ୍‌ହାଉସକୁ ନିମନ୍ତ୍ରଣ ପାଇଲା, ଜୁନ ୧୮ରେ ଟ୍ରମ୍ପଙ୍କ ଅତିଥି, ପାକିସ୍ତାନ ଉପରେ ଟାରିଫ୍ ୧୯%ରେ ରହିଲା – ଅଥଚ ଭାରତ ଉପରେ ଟାରିଫ୍ ୨୫%, ପରେ ଆଉ ୨୫% । ଟ୍ରମ୍ପ କାକୁତି ମିନତି ଚାହାନ୍ତି, ବିଦେଶୀ ନେତାଏ ତାଙ୍କୁ ଫୋନ୍ କରନ୍ତୁ, ତୋଷାମୋଦ କରନ୍ତୁ, କୋଟି କୋଟି ଡଲାର ପୁଞ୍ଜି ନିବେଶ କରିବାର ପ୍ରତିଶ୍ରୁତି ଦିଅନ୍ତୁ । ଯଦି ତାଙ୍କ ସହ ଗଲ୍ଫ ଖେଳିପାରିବେ ଓ ହାରିବେ ତ ଆହୁରି ଭଲ (ଯଥା ପ୍ରାକ୍ତନ ଜାପାନୀ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଏହା କରିଥିଲେ)। ମୋଦି ତ ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଫୋନ୍ ଧରିଲେ ନାହିଁ । ଯେମିତି ୟୁକ୍ରେନର ଜେଲେନେସ୍କି କି ଦକ୍ଷିଣ ଆଫ୍ରିକାର ସିରିଲ୍ ରାମଫୋସା ଓଭାଲ୍ ଅଫିସ୍‌ରେ ଗାଳି ଖାଇଲେ ମୋଦିଙ୍କ କ୍ଷେତ୍ରରେ ସେମିତି ହୋଇଥିଲେ ରାହୁଲ କେତେ ମଜା ଉଠାଇଥାଆନ୍ତେ ! ମେକ୍ସିକୋ ପ୍ରେସିଡେଣ୍ଟ କ୍ଲଡିଆ ଶୀନବାମ ଆଉ ଭିଏଟ୍‌ନାମର ଲୋ ଟାମ୍ ଓ ଦକ୍ଷିଣ କୋରିଆର ଲି ଜାଏ-ମିୟୁଙ୍ଗ ଫୋନ୍ କରି ନିମ୍ନତର ଟାରିଫ୍ କରାଇନେଲେ। ଅଥଚ ସୁଇଜରଲାଣ୍ଡର ପ୍ରେସିଡେଣ୍ଟ କାରୀନ୍ କେଲ୍ଲର-ଶଟର ଆସିଲେ ବି ଟ୍ରମ୍ପ ଦେଖାକଲେ ନାହିଁ କି ୩୯% ଟାରିଫ୍ କମିଲା ନାହିଁ।

ୟୁଏସ୍ ଏକ ସୁନ୍ଦର ଡିପାର୍ଟମେଣ୍ଟ ଷ୍ଟୋର୍, ତା'ର ମ୍ୟାନେଜର୍ ମୁଁ ବୋଲି ଟ୍ରମ୍ପ ତାଙ୍କ ଆଚରଣରେ ଦେଖାଉଛନ୍ତି । ରାଷ୍ଟ୍ରପତି ପଦରେ ଯୋଗଦେବାର ୩ ମାସ ଭିତରେ କହିଲେ ଇଣ୍ଟରନେଟ୍ ଦେଶର ବ୍ୟବସାୟକୁ ସାରିଦେଇଛି । ଆମ ବିନା ମେକ୍ସିକୋ ଆଉ କାନାଡା ତିଷ୍ଠିପାରିବେ ନାହିଁ । ଚାଇନା ଆଉ ଜାପାନ ଆମଠୁ ଡଲାର୍ ଆଦାୟ କରୁଛନ୍ତି । ଟାରିଫ ବଢ଼ାଇ ସେମାନଙ୍କ ସାମଗ୍ରୀରୁ ଡଲାର ଉଠାଇବାକୁ ପଡ଼ିବ। ସେତେବେଳେ ସେମାନେ ଦେଖିବେ ଯେ ଶୁଳ୍କ ଖୁବ୍ ବେଶି, ସେମାନେ ଆମ ପାଖକୁ ଦଉଡ଼ିବେ, ମୂଲଚାଲ କରିବେ। ଆମ ପାଖରେ ଗୋଟିଏ ଜିନିଷ ଅଛି ଯାହା ସେମାନଙ୍କର ନାହିଁ, ମାର୍କିନ୍ ଖାଉଟି, ଆମେରିକାନ୍ କଞ୍ଜୁମର୍ସ। ଆମେରିକା ଖାଦ୍ୟ ଆମଦାନୀ କରୁଛି ୧୦୦୦ କୋଟି ଡଲାରରୁ ବେଶି। କିନ୍ତୁ ଟ୍ରମ୍ପଙ୍କ ଅର୍ଥନୈତିକ ବୋକାମି ଆମେରିକା ପାଇଁ ବହୁତ ଜଞ୍ଜାଳ ଆଣିବ। ଆମେରିକା ଗୋଟିଏ ସୁପର୍ ଲଗଜୁରି ଷ୍ଟୋର୍, ସେଠି ମାଲମତା ଭରି ରହିଛି – ଏପରି ଭାବିବା ଭୁଲ୍। ଦେଶଟା ଗୋଟିଏ କମ୍ପାନୀ ବା ଦୋକାନ ନୁହେଁ କି ପ୍ରେସିଡେଣ୍ଟ ସିଇଓ (ମୁଖ୍ୟ ପରିଚାଳକ) ନୁହନ୍ତି । ଆମେରିକାର ଶ୍ରମିକମାନେ ତାଙ୍କ କର୍ମଚାରୀ ନୁହନ୍ତି। ଯେତେବେଳେ ବର୍ତ୍ତମାନର ଭଣ୍ଡାର ସରିଯିବ ଦୋକାନୀ ନୂଆ ସାମଗ୍ରୀ କିଣିବା ବେଳେ ଅଧିକା ମୂଲ୍ୟ ଦେବ, କାରଣ ଟାରିଫ୍ ବଢ଼ିଛି। ଦେଶର ରାଜସ୍ୱ ବଢ଼ିଲା, କିନ୍ତୁ ଖାଉଟିର କ୍ରୟଶକ୍ତି କମିଲା, କମ୍ ବିକ୍ରି ହେଲେ ଦୋକାନୀ କ୍ଷତିରେ ପଡ଼ିବ, ଦୋକାନର କର୍ମଚାରୀମାନେ ଛଟେଇ ହେବେ। ଶେଷରେ ଦୋକାନ ଦେବାଳିଆ ହୋଇ ବନ୍ଦ ହୋଇଯିବ। ସୁପର ମାର୍କେଟ୍ ବା ଡିପାର୍ଟମେଣ୍ଟ ଷ୍ଟୋର୍ ତ କଳାବଜାର ବା ହୋର୍ଡିଂ କରିପାରିବ ନାହିଁ। ତୋଷାମଦ କରି ଯେଉଁ ରାଷ୍ଟ୍ରନେତାମାନେ ଏବେ ଶୁଳ୍କ କମାଇଛନ୍ତି ସେମାନେ ଜବାବ୍ ଦେଇଥିବା ପୁଞ୍ଜି (ଯଥା ୟୁରୋପୀୟ ସଂଘ ୬୦୦ ବିଲିଅନ୍ ଡଲାର୍ ପୁଞ୍ଜି ଲଗାଇବ ୨୦୨୮ ସୁଦ୍ଧା) ଆସିବ ତ! ସେତେବେଳକୁ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟ ଓ ମନ ଭଲ ଥିଲେ ତ! ଟ୍ରମ୍ପ ଆଇନକୁ ଦୁଇଥାକିଆ କରିଛନ୍ତି, ସାଙ୍ଗ ଓ ମିତ୍ରମାନଙ୍କୁ କ୍ଷମାଦେବା ଓ ଶତ୍ରୁମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା । ମୋ ବନ୍ଧୁମାନଙ୍କ ପାଇଁ ସବୁକିଛି, ବିରୋଧୀମାନଙ୍କ ପାଇଁ ଆଇନ । ଦୋଷୀ ସାବ୍ୟସ୍ତ ନ ହେଲା ଯାଏ ବ୍ୟକ୍ତିଟି ନିର୍ଦ୍ଦୋଷ- ଏ ନୀତି ଟ୍ରମ୍ପଙ୍କ ଆଖିକୁ ଦିଶୁନାହିଁ । ବିଶ୍ୱର ସମସ୍ତଙ୍କୁ ନୀଚକରି ଦେଖିଲେ କ'ଣ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ ସମ୍ଭବ ହେବ, ଯୁକ୍ତରାଷ୍ଟ୍ରକୁ ମହାନ୍ କହିବାକୁ କେହି ବାହାରିବେ ନାହିଁ।

sahadevas@yahoo.com

# ପେଟ ପାଇଁ ସବୁ ନାଟ



ଉମାଶଙ୍କର ପ୍ରସାଦ

ଭାରତୀୟ ଜନସଂଖ୍ୟାର ୩ ଭାଗରୁ ୧ ଭାଗ ହେଉଛନ୍ତି ଶିଶୁ। ସେମାନଙ୍କ ମଧ୍ୟରୁ କେତେକେ ଅଭାବ ଅନଟନ, ବିଭିନ୍ନ ପ୍ରକାର ରୋଗ ଏବଂ ଦାରିଦ୍ର୍ୟର ଶିକାରହୋଇ ନିଜର ଶୈଶବକୁ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିକୁ ଆଦରି ନେଇଥାନ୍ତି। ଦାରିଦ୍ର୍ୟର କଷାଘାତ ରେ ପ୍ରପୀଡ଼ିତ ହୋଇ ପେଟ ଚାଖଣ୍ଡକ ପାଇଁ ସେମାନେ ଜୀବନକୁ ପାଣିଛଡ଼ାଇ ଅନେକ ଦୁଃସାହସିକ କାର୍ଯ୍ୟକରି ଦର୍ଶକଙ୍କ ମନୋରଞ୍ଜନକରି ନିଜ ପେଟ ତଥା ପରିବାର ପ୍ରତିପୋଷଣ କରିଥାନ୍ତି। ଏଇ କିଛିଦିନ ତଳେ ଭୁବନେଶ୍ୱର ନାଲ୍‌କୋ ଛକରେ ଦେଖିଲି ୧୦ ରୁ ୧୧ ବର୍ଷର ଝିଅଟିଏ ବାଉଁଶରେ ବନ୍ଧାଯାଇଥିବା ଏକ ଦଉଡ଼ି ଉପରେ ବାଡ଼ିଟିଏ ଧରି ନିଜର ସନ୍ତୁଳନ ରକ୍ଷାକରି ଦୁଃସାହସିକ ବାଉଁଶରାଣୀ ଖେଳ ଦେଖାଇ କିଛି ଅର୍ଥ ରୋଜଗାର କରୁଛି। ମୁଁ ଏହି ଖେଳ ପ୍ରଦର୍ଶନ କରୁଥିବା ନିରୀହ ଝିଅଟିର ବାପାଙ୍କୁ ପଚାରିବାରୁ ସେ ଲୁହ ଛଳ ଛଳ ଆଖିରେ କହିଥିଲେ, ବାବୁ ଆମର ସମ୍ବଳ କିଛି ନାହିଁ । ତେଣୁ ପିଲାଟି ଦିନୁ ଆମ ପିଲାମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ଖେଳ ଶିଖାଇଥାଉ । ତେବେ ଏ ଦୁଃସାହସିକ ଖେଳ ଜୀବନକୁ ପାଣିଛଡ଼ାଇ ଦର୍ଶକଙ୍କ ମନୋରଞ୍ଜନ କରିବା ପଛର କାରଣ ହେଉଛି ଏ ପେଟ ପାଇଁ ନାଟ। ଡୋମ୍ବାରୀ ତଥା ଅନେକ ଆଦିବାସୀ ସମ୍ପ୍ରଦାୟର ପରିବାର ନିଜର ଏପରି ଦୁଃସାହସିକ ଖେଳ ପ୍ରଦର୍ଶନ କଲାବେଳେ ସମଗ୍ର ସମାଜକୁ ଏକ ବାର୍ତ୍ତା ଦେଇଥାଏ ଯାହା ହେଉଛି ଆଜି ମଧ୍ୟ ଦାରିଦ୍ର୍ୟର କଷାଘାତରେ ଶଢୁଥିବା ଲୋକ ଏବଂ ଧନିକ ମଧ୍ୟରେ ରହିଛି ବିରାଟ ପାର୍ଥକ୍ୟ। ଏହି ପାର୍ଥକ୍ୟର କେବେ ଅବସାନ ଘଟିବ ଏହି ନିରୀହ ଶିଶୁମାନେ ନିଜ ଜୀବନ ସହ ଖେଳିବା ବନ୍ଦକରି ନିଜ ଜୀବନକୁ ବିକଶିତ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରେ। ସରକାର କିନ୍ତୁ ଏହି ସମ୍ପ୍ରଦାୟର ବିକାଶ ପାଇଁ ବାହୁଛୋଟ ମାରିଥିବା ବେଳେ ଏହା ପଛରେ ଥିବା ବାସ୍ତବତାକୁ ଏ ପର୍ଯ୍ୟନ୍ତ ଉପଲବ୍ଧି କରି ନ ପାରିବା ପରିତାପର ବିଷୟ।

କେବଳ ଡୋମ୍ବାରୀ ସମାଜର ସେହି ପିଲାମାନେ ନୁହନ୍ତି, ଆମ ଦେଶରେ ୧୬ ବର୍ଷ ବୟସର ପିଲା ୩ ଭାଗରୁ ଭାଗେ ଶିଶୁ ଶ୍ରମରେ ନିୟୋଜିତ ହୋଇ ନିଜର ପରିବାରର ପ୍ରତିପୋଷଣ କରିଥାନ୍ତି। ସାରା ପୃଥିବୀରେ ୧୦ ରୁ ୧୪ ବର୍ଷ ମଧ୍ୟରେ ଅଗଣିତ ବାଳିକା ବାଳକ ଶିଶୁ ଶ୍ରମିକ ଭାବେ କାମ କରିବାର ଦେଖାଯାଏ! ବାଲ୍ୟକାଳକୁ ମଣିଷ ଜୀବନ ଗଠନ ପ୍ରଣାଳୀର ଆଦ୍ୟଭୂମି ବୋଲି କୁହାଯାଏ। କିନ୍ତୁ ଏହି ସମୟରେ ପିଲାଟି ବିଦ୍ୟାଳୟ ଯିବା ପରିବର୍ତ୍ତେ ଜୀବିକାର୍ଜନ କରିବା ପାଇଁ ଶ୍ରମଭୂମିକୁ ଯାଏ ଖଟିବାକୁ। ନିଜ ଜୀବନରେ ଥିବା ଆଖିରେ ଆଖିଏ ସ୍ୱପ୍ନ ବାଉଁଶରାଣୀ ଦଉଡ଼ି ଉପରେ ଝୁଲି ରହିଥାଏ। ତେବେ ଏହି ପରିସ୍ଥିତି ପାଇଁ ଦାୟୀ କିଏ ? ଉଭୟ ଗ୍ରାମ ଓ ସହରାଞ୍ଚଳରେ ଏ ଦୃଶ୍ୟ ଅତିବ ମର୍ମସ୍ପର୍ଶୀ। ମାତାପିତାଙ୍କ ଦାରିଦ୍ର୍ୟ, ନିରକ୍ଷରତା ଏବଂ ସମାଜର ପଛୁଆ ଜାତି ହିସାବରେ ସେମାନଙ୍କ ପିଲା ଯେକୌଣସିମତେ ଗୋଟି ଖଟିବା ସହ ଏପରି ବିପଦପୂର୍ଣ୍ଣ ଖେଳ ଖେଳିବାକୁ ବାଧ୍ୟ ହୋଇଥାନ୍ତି। ପାଠ ପଢ଼ିବା ସମୟରେ ଏହି ସମ୍ପ୍ରଦାୟର ପିଲାମାନଙ୍କୁ ଛୋଟ ବୟସରୁ ଦୁଃସାହସିକ ବାଉଁଶରାଣୀ ଖେଳର ତାଲିମ ଦିଆଯାଇଥାଏ। ସାଇକେଲ ରିମ୍ ଭିତରେ ନିଜର ସମଗ୍ର ଶରୀରକୁ ପ୍ରବେଶ କରାଇବା ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କ ଛଡ଼ା ଅନ୍ୟାନ୍ୟ ସମ୍ପ୍ରଦାୟର ୧୦ରୁ ୧୫ ବର୍ଷର ପିଲାମାନେ ପରଦୁଆରେ ଶ୍ରମକରି ନିଜର ତଥା ପରିବାରର ପ୍ରତିପୋଷଣ କରନ୍ତି।



ଯଦି ଭାରତର ସମ୍ବିଧାନକୁ ଆଖି ପକାଇବା ତେବେ ଦେଖିବାକୁ ପାଇବା ଧାରା ୨୪ରେ ସ୍ପଷ୍ଟ ଉଲ୍ଲିଖିତ ହୋଇଛି ଯେ ୧୪ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କଳକାରଖାନା, ଖଣିଖାଦାନ ବା କୌଣସି ବିପଦସଙ୍କୁଳ ସ୍ଥାନରେ କାମ କରିପାରିବେ ନାହିଁ। କିନ୍ତୁ ଆଇନ ତା' ବାଟରେ, ଆଜି ମଧ୍ୟ ସ୍ୱଳ୍ପ ବୟସର ଶିଶୁ ଶ୍ରମିକମାନେ ବାଣ କାରଖାନା, ହାତବୁଣା ଗାଲିଚା ଶିଳ୍ପ, କାଚ କାରଖାନାରେ ଖଟୁଥିବା ଦେଖାଯାଏ! ଏପରି ହେବାର କାରଣ ଆଇନକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବାବୁମାନଙ୍କ ଉପରେ ପଦକ୍ଷେପ ନିଆଯାଉନାହିଁ। ଗ୍ରାମାଞ୍ଚଳରେ ଶିଶୁଶ୍ରମିକମାନେ କ୍ଷେତ, ବୃକ୍ଷରୋପଣ, ମତ୍ସ୍ୟ ଏବଂ କୁଟୀରଶିଳ୍ପରେ ନିୟୋଜିତ ହେବାର ଦେଖାଯାଏ। ସରକାରୀ ବିଦ୍ୟାଳୟରେ ମାଗଣା ପାଠ ପଢ଼ିବାର ସମସ୍ତ ସୁବିଧା ଏଯୋଗାଇ ଦିଆଯାଉଥିଲେ ସୁଦ୍ଧା ବାଳିକାବାଳକମାନେ ପରିବାରର ଆୟ ବୃଦ୍ଧି ନିମନ୍ତେ ଅର୍ଥ ଲୋଭରେ ପଡ଼ି ପାଠପଢ଼ା ଛାଡ଼ିଦେଇଥାନ୍ତି। ବାଳଶ୍ରମିକ ନିଯୁକ୍ତି ନ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ବାଳଶ୍ରମିକ ନିଯୁକ୍ତି ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଗଲାଣି। ଯେଉଁ ଶିଳ୍ପ କାରଖାନାରେ ବାଳଶ୍ରମିକ ଖଟୁଛନ୍ତି , ତା'ର ଉତ୍ପାଦ କ୍ରୟ କରିବାକୁ ଲୋକେ ସଂଘବଦ୍ଧ ହୋଇ ବାରଣ କରୁଛନ୍ତି। ୧୯୯୫ ମସିହାରେ ଭାରତୀୟ ଗାଲିଚା ଉତ୍ପାଦନକାରୀ, ରପ୍ତାନିକାରୀ ଏବଂ ସ୍ୱେଚ୍ଛାସେବୀ ସଂଘଗୁଡ଼ିକ 'ରୁଗ୍‌ମାର୍କ' ନାମରେ ଏକ ବ୍ରାଣ୍ଡ୍ ନାମ ସୃଷ୍ଟି କରିଛନ୍ତି, ଯାହା ସାର୍ଟିଫିକେଟ ପରି କାମକରେ। ଏହି ନାମର ମୋହର ବସିବା ଦ୍ୱାରା ଜଣାଯାଏ ଉକ୍ତ ଉତ୍ପାଦନକାରୀ ପଦାର୍ଥରେ ବାଳଶ୍ରମିକ ନିଯୁକ୍ତି ହୋଇନାହାନ୍ତି। ଆଜିକାଲି ବୈଷୟିକ ଶିକ୍ଷା ଏକ ବାଧ୍ୟ ପାଠ୍ୟକ୍ରମ ରୂପେ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି ଯାହା ଶିଶୁ ଶ୍ରମିକଙ୍କ ପେଟ ପାଇଁ ନାଟର ପରିସମାପ୍ତି ଘଟାଇ ଆଶାର କିରଣ ସଞ୍ଚରଣ କରୁଛି। କିନ୍ତୁ ଏହାକୁ ଫଳପ୍ରଦ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଲେ ଉକ୍ତ ସମସ୍ୟାର ସମାଧାନ ହେବ।

ମୋ: ୬୩୭୦୬୭୫୫୬୨

## ଏଇ ଭାରତରେ

ଅହମଦାବାଦ୍‌ର ଝିଅ ହ୍ରିଧିମା ୩ ବର୍ଷ ବୟସରୁ ସାପ, କଇଁଛ ଓ ଅନ୍ୟ ଜୀବଙ୍କୁ ଉଦ୍ଧାର କରୁଛନ୍ତି। ହ୍ରିଧିମାଙ୍କ ବୟସ ଏବେ ୪ ବର୍ଷ। ତାଙ୍କ ବୟସ ଯେତେବେଳେ ୩ ବର୍ଷ ଥିଲା, ସେତେବେଳୁ ତାଙ୍କ ମା' ସାପ ଓ ଅନ୍ୟ ଜୀବ ଉଦ୍ଧାର କରିବାକୁ ଯିବା ସମୟରେ ସେ ସାଙ୍ଗରେ ଯାଉଥିଲେ। ଏହି ସମୟରେ ଉଦ୍ଧାର କାର୍ଯ୍ୟର ପ୍ରତ୍ୟେକଟି ପର୍ଯ୍ୟାୟକୁ ସେ ଧ୍ୟାନର ସହ ନିରୀକ୍ଷଣ କରୁଥିଲେ। ହ୍ରିଧିମାଙ୍କ ଆଗ୍ରହକୁ ଦେଖି ମାତାପିତା ତାଙ୍କୁ ଏହି କାର୍ଯ୍ୟ ଲାଗି ଉତ୍ସାହିତ କରିଥିଲେ। କିନ୍ତୁ ପ୍ରତିଟି କ୍ଷେତ୍ରରେ ତାଙ୍କ ସହ ରହୁଥିଲେ। ଏବେ ସତର୍କତା ଅବଲମ୍ବନପୂର୍ବକ ମାତାପିତାଙ୍କ ତତ୍ତ୍ୱାବଧାନରେ ସେ ସାପ ଓ କଇଁଛ ଉଦ୍ଧାରକରି ସୁରକ୍ଷିତ ସ୍ଥାନରେ ଛାଡୁଛନ୍ତି। କିନ୍ତୁ ଅତ୍ୟନ୍ତ ବିପଜ୍ଜନକ ଓ ବଡ଼ ପ୍ରାଣୀ ଉଦ୍ଧାର କରିବାକୁ ତାଙ୍କୁ ସୁଯୋଗ ଦିଆଯାଉନାହିଁ। କମ୍ ବୟସରେ ସେ ପ୍ରକୃତି ଓ ପ୍ରାଣୀଙ୍କୁ ଭଲପାଇଥିବାରୁ ତାଙ୍କ ମନରେ ସାହସ ସୃଷ୍ଟି ହୋଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୭୬

- ହିମାଳୟର ପୂର୍ବ ଓ ପଶ୍ଚିମାଞ୍ଚଳର ପ୍ରାୟ ୧୦୦ଟି ସ୍ଥାନରେ ତମ୍ବା, ସିସା ଓ ଦସ୍ତା ଗଚ୍ଛିତ ଥିବା ଭାରତୀୟ ଭୂତତ୍ତ୍ୱ ସର୍ଭେର ଅନୁସନ୍ଧାନରୁ ଜଣାପଡ଼ିଛି।
- ଜ୍ଞାନପୀଠ ବିଜେତା, ବିଶିଷ୍ଟ ମରାଠୀ ସାହିତ୍ୟିକ ବିଷ୍ଣୁ ସଖାରାମ ଖାଣ୍ଡେକରଙ୍କ ୭୯ ବର୍ଷ ବୟସରେ ପରଲୋକ।
- ପାର୍ଲାମେଣ୍ଟ ସଭ୍ୟମାନଙ୍କୁ ପେନ୍‌ସନ୍ ଦେବା ସମ୍ପର୍କୀୟ ବିଲ୍ ଲୋକସଭାରେ ବିପୁଳ ହର୍ଷଧ୍ୱନି ମଧ୍ୟରେ ଗୃହୀତ।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି ।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରକ୍ଷଣାବେକ୍ଷଣ କରିବ କିଏ

ମହାଶୟ,

ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଛି ଯେ, ସରକାର ୨୦୨୫-୨୬ ବର୍ଷରେ ୩୦ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଇବେ। ପୂର୍ବ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ୨୫ ଜଣ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ପ୍ରଶ୍ନ ଉଠେ ଯେ, ଏହି ପ୍ରତିମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ କରିବ କିଏ ? ରକ୍ଷଣାବେକ୍ଷଣ ବିହୀନ ପ୍ରତିମୂର୍ତ୍ତି ସ୍ଥାପନ ସେମାନଙ୍କ ପ୍ରତି ଅସମ୍ମାନ ହେବ। ଜୟନ୍ତୀ ଓ ଶ୍ରାଦ୍ଧଦିବସରେ ଆମେ ସେମାନଙ୍କୁ ସ୍ମରଣ କରି ପୁଷ୍ପମାଲ୍ୟ ଅର୍ପଣ କରିଥାଉ, କିନ୍ତୁ ବାକି ଦିନଗୁଡ଼ିକରେ ଶୁଖିଲା ଫୁଲ, ପକ୍ଷୀମାନଙ୍କ ମଳ, ଚୂନ ଛାଡ଼ି ଯାଇଥିବା ଆସ୍ଥାନର କାନ୍ଥ, ଅରମା ଲଟାବୁଦା ଗହଣରେ ଧୂଳି ଧୂସରିତ ପ୍ରତିମୂର୍ତ୍ତିଗୁଡ଼ିକ ନାରଖାର ଦିଶନ୍ତି। ଏପରି ଦୟନୀୟ ଅବସ୍ଥାରେ ପ୍ରତିମୂର୍ତ୍ତିଗୁଡ଼ିକୁ ଉନ୍ମୁକ୍ତ ଆକାଶ ତଳେ ଛାଡ଼ିଦେବା ବରପୁତ୍ରମାନଙ୍କ ପ୍ରତି ଘୋର ଅପମାନ। ମୂର୍ତ୍ତି ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ମାନ ପରିବର୍ତ୍ତେ ଅସମ୍ମାନରେ ପରିଣତ ହେବ। ତେଣୁ ସରକାରଙ୍କୁ ଅନୁରୋଧ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସେହି ମୂର୍ତ୍ତିଗୁଡିକର ରକ୍ଷଣାବେକ୍ଷଣର ସ୍ଥାୟୀ ବ୍ୟବସ୍ଥା କରିବାକୁ ଭୁଲନ୍ତୁ ନାହିଁ।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିସୁଟ୍ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ଠାବ

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ୩ ଦଳ ଗଠନ କରି ତଦନ୍ତ କରୁଛି ପୋଲିସ

ସମ୍ବଲପୁର,୨।୯(ପ୍ରମୋଦ ବହିହାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଜଣେ ଛାତ୍ରଙ୍କ କ୍ଷତାକ୍ତ ମୃତଦେହ ନିକଟସ୍ଥ ପାୱାର ଚ୍ୟାନେଲ ବ୍ରିଜ୍‌ତଳୁ ମଙ୍ଗଳବାର ଜବତ କରାଯାଇଛି। ମୃତକ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଶେଷବର୍ଷ ଛାତ୍ର ଏବଂ ଯେ ଯାଜପୁର ମଙ୍ଗଳପୁର ଥାନା ଅନ୍ତର୍ଗତ ନାରାୟଣ ଅଞ୍ଜନେୟ ଦାସ(୨୨) ବୋଲି ଚିହ୍ନଟ କରାଯାଇଛି। ସୋମବାର ରାତିରେ ନିକଟସ୍ଥ ପାୱାର ଚ୍ୟାନେଲ(ପିସି) ବ୍ରିଜ୍‌କୁ କେତେଜଣ ସହପାଠୀ ଅଞ୍ଜନେୟଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭିମ୍ସାର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ସ୍ୱରୂପ ପୋଲିସ ୩ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସନ୍ଧ୍ୟାରେ ଛାଡ଼ିଦେଇଛି। ପଚରାଉଚରା ବେଳେ ସହପାଠୀ ଛାତ୍ରମାନେ କହିଛନ୍ତି, ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଅଞ୍ଜନେୟଙ୍କ ଜଣେ ସହପାଠିନୀ ସେମାନଙ୍କୁ ଫୋନ କରିଥିଲେ। ଅଞ୍ଜନେୟଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଛି, ମାତ୍ର ମୋବାଇଲ ଲୋକେସନ ପାୱାର ଚ୍ୟାନେଲ ବ୍ରିଜ୍ ନିକଟରେ ଦର୍ଶାଉଛି ବୋଲି କହିଥିଲେ। ସେମାନଙ୍କୁ ଯାଇ ସେଠାରେ ଯାଞ୍ଚ କରିବାକୁ ଯୁବତୀ ବନ୍ଧୁ ନିବେଦନ କରିଥିଲେ। ତାଙ୍କ ନିବେଦନ ଅନୁସାରେ, ସହପାଠୀମାନେ ସେଠାରେ ପହଞ୍ଚିବାବେଳକୁ ବ୍ରିଜତଳେ ଅଞ୍ଜନେୟ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଏକ ଆମ୍ବୁଲାନ୍ସରେ ଭିମ୍ସାରକୁ ନେଇଥିଲେ। ସେତେବେଳେ ସେ ଜୀବିତ କି ମୃତ ସେମାନେ ଜାଣି ପାରି ନ ଥିଲେ। ମାତ୍ର ଭିମ୍ସାରରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଅଟକ ଛାତ୍ରମାନେ କହିଥିବା ବୁର୍ଲା ଏସ୍‌ଡିପିଓ ବଳେଶ୍ୱର ଗିଡ଼ି କହିଛନ୍ତି। ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ସମସ୍ତ ଦିଗରୁ ତଦନ୍ତ କରାଯାଉଛି। ୩ଟି ସ୍ୱତନ୍ତ୍ର ଦଳ ଗଠନ କରାଯାଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ମୃତ ଅଞ୍ଜନେୟ ରହୁଥିବା ପ୍ଲସ୍ପ ହଷ୍ଟେଲ ୱାର୍ଡେନ୍‌ଙ୍କଠାରୁ ବିଳମ୍ବିତ ରାତିରେ ଖବର ପାଇ ତାଙ୍କ କକା, ମାମୁ ଓ ଭାଇ ଆସି ମଙ୍ଗଳବାର ସକାଳେ ବୁର୍ଲାରେ ପହଞ୍ଚିଥିଲେ। ତାଙ୍କ କକା ରବୀନ୍ଦ୍ର ନାଥ ଦାସ ଅଞ୍ଜନେୟଙ୍କୁ ହତ୍ୟା କରାଯାଇଛି ବୋଲି ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ତାଙ୍କୁ ଏଠାରେ ହତ୍ୟା କରି ବ୍ରିଜ୍‌ତଳେ ଫିଙ୍ଗି ଦିଆଯାଇଛି। ତାଙ୍କ ଜଙ୍ଘ, ମୁହଁ ଓ ଛାତିରେ ଗଭୀର କ୍ଷତ ଦେଖିବାକୁ ମିଳିଛି। ସେହିପରି ସେ ହାତରେ ପିନ୍ଧିଥିବା ସୁନାମୁଦି, ମୋବାଇଲ୍ ଓ ପର୍ସ ମିଳିନାହିଁ। ତେଣୁ କେହି ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିଥାଇପାରନ୍ତି ବୋଲି ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବୁର୍ଲା ଥାନାରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଦଫା ୧୦୩(୧)ରେ ଏକ ମାମଲା(ନଂ-୩୮୧/୨୫)ରେ ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମଙ୍ଗଳବାର ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଅଞ୍ଜନେୟ ହେଉଛନ୍ତି ତାଙ୍କ ମାତାପିତାଙ୍କ ଦ୍ୱିତୀୟ ପୁତ୍ର। ବର୍ତ୍ତମାନ ତାଙ୍କ ମାତାପିତା ତୀର୍ଥଯାତ୍ରାରେ ଅଛନ୍ତି ବୋଲି ପରିବାର ଲୋକେ କହିଛନ୍ତି।



ମୃତ ଭିସୁଟ୍ ଛାତ୍ର ଅଞ୍ଜନେୟ ଦାସ।

# ବେଲପାହାଡ଼ ପୌର ପରିଷଦ ପୂର୍ବତନ ନିର୍ବାହୀ ଅଧିକାରିଣୀ ଗିରଫ

**ଉନ୍ନତି ଯୋଜନା ଆତ୍ମସାତ୍ ଘଟଣା**

**ଆଜି ହେବେ କୋର୍ଟ ଚାଲାଣ**

ବେଲପାହାଡ଼, (ସୁବାସ ପ୍ରଧାନ)/ ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)



ମଧୁସ୍ମିତା ସିଂ

ସରକାରୀ ଟଙ୍କା ଆତ୍ମସାତ୍ ଘଟଣାରେ ଝାରସୁଗୁଡ଼ା ବେଲପାହାଡ଼ ପୌର ପରିଷଦର ପୂର୍ବତନ ନିର୍ବାହୀ ଅଧିକାରିଣୀ ତଥା ବର୍ତ୍ତମାନର ମୟୂରଭଞ୍ଜ ଜିଲା ଜାମଦା ତହସିଲଦାର ମଧୁସ୍ମିତା ସିଂଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ମଙ୍ଗଳବାର ଗିରଫ କରିଛି। ଉନ୍ନତି ଯୋଜନାରେ ଆସିଥିବା ଅର୍ଥକୁ ଅନ୍ୟ କାମରେ ବିନିଯୋଗ କରି ଅର୍ଥ ହେରଫେର କରିବା ଅଭିଯୋଗରେ ମଧୁସ୍ମିତାଙ୍କୁ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଙ୍କଡ଼କେଣ୍ଡଆସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଥିବାବେଳେ ବୁଧବାର ସମ୍ବଲପୁର ଓପିଆଇଡି କୋର୍ଟକୁ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ବେଲପାହାଡ଼ ପୌରପରିଷଦ ନିର୍ବାହୀ ଅଧିକାରୀ ଗୌର ପ୍ରଧାନଙ୍କ ଏତଲା ଆଧାରରେ ବେଲପାହାଡ଼ ଥାନାରେ ଅଗଷ୍ଟ ୧୮ରେ ଏକ ମାମଲା(ନଂ-୧୭୦/୨୦୨୫) ରୁଜୁ ହୋଇଥିଲା। ପରେ ଏହାର ତଦନ୍ତ ଭାର ଇଓଡବ୍ଲୁ ନେଇ ଖୋଳତାଡ଼ ଆରମ୍ଭ କରିଥିଲା। 'ଉନ୍ନତି ଯୋଜନା'ରେ ମିଳିଥିବା ପ୍ରାୟ ୨କୋଟି ଟଙ୍କା ହେରଫେର ଘଟଣାରେ ପ୍ରଥମେ ପୌରପରିଷଦ ଆକାଉଣ୍ଟାଣ୍ଟ ବିଭୂତି ସାହୁ ଓ ସାନିଟେଶନ୍ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଲିଙ୍କ ବିରୋଧରେ ଏତଲା ହୋଇଥିଲା। ଇଓଡବ୍ଲୁ ଅଗଷ୍ଟ ୨୩ରେ ମାମଲା(ନଂ-୧୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ପୌରପରିଷଦ ପାଇଁ ଉନ୍ନତି ଯୋଜନା ଅଧୀନରେ ଆବଣ୍ଟିତ ଅର୍ଥ ନିର୍ଦ୍ଦିଷ୍ଟ ଖର୍ଚ୍ଚ ପାଇଁ ଥିବାବେଳେ ଉପଯୁକ୍ତ ଦସ୍ତାବିଜ୍ ଏବଂ ଅନୁମୋଦନ ବିନା ଅନ୍ୟ କାମରେ ବ୍ୟବହାର ହୋଇଥିଲା। ମଧୁସ୍ମିତା ୨୦୨୨ ଅକ୍ଟୋବର ୪ରୁ ୨୦୨୫ ମେ ୩୧ ପର୍ଯ୍ୟନ୍ତ ବେଲପାହାଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୌରପରିଷଦକୁ ଉନ୍ନତି ଯୋଜନା ଅଧୀନରେ ୨ କୋଟି ଟଙ୍କା ମିଳିଥିଲା, ଯାହାକି ରାସ୍ତା, ଡ୍ରେନ୍ ଆଦିର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ହେବାର ଥିଲା। ହେଲେ ଏହି ଅର୍ଥକୁ ସୌନ୍ଦର୍ଯ୍ୟକରଣ ଏବଂ ସାଜସଜ୍ଜା କାର୍ଯ୍ୟରେ ଖର୍ଚ୍ଚ କରାଯାଇଥିବା ଦେଖାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଉନ୍ନତି ପାଣ୍ଠିରୁ ୧.୫୬ କୋଟି ଟଙ୍କା ବିନା କାଗଜପତ୍ର ଏବଂ ଅନୁମୋଦନରେ ଖର୍ଚ୍ଚ ହୋଇଛି। ଏପରିକି ଏଥିପାଇଁ କୌଣସି ଦସ୍ତାବିଜ୍ ମଧ୍ୟ କରାଯାଇ ନାହିଁ। ୨୦୦ଟି ଡେକୋରେଟିଭ୍ ଲାଇଟ୍ (ପ୍ରତି ଲାଇଟ୍ ମୂଲ୍ୟ ୭୮ ହଜାର ଟଙ୍କା) ଟଙ୍କା ହିସାବରେ କିଣାଯାଇଥିବା ପୌରପରିଷଦର ଦସ୍ତାବିଜ୍‌ରେ ଉଲ୍ଲେଖ ରହିଛି। କିନ୍ତୁ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ୧୭୧ ଲାଇଟ୍ ଲଗାଯାଇଥିବାବେଳେ ଏହା ବାବଦକୁ ୨୨.୭୨ ଲକ୍ଷ ଟଙ୍କା ଅଭିଯୁକ୍ତ ମଧୁସ୍ମିତା ଏବଂ ଅନ୍ୟମାନେ ମିଳିମିଶି ହେରଫେର କରିଥିଲେ। ସେହିପରି ୩ଲକ୍ଷ ୮୭ହଜାର ୪୪୫ ଟଙ୍କା ଆନନ୍ଦ ସପ୍ଲାୟର୍ସଙ୍କୁ ବ୍ଲକ କେମିକାଲ୍ ଯୋଗାଣ ପାଇଁ ଦିଆଯାଇଥିବା ଦର୍ଶାଯାଇଥିବା ବେଳେ ଏନେଇ କୌଣସି ଦସ୍ତାବିଜ୍ ମଧ୍ୟ ରଖାଯାଇନାହିଁ। ସେହିପରି କୌଣସି ଭାଉଚର୍, ବିଲ୍ ଆଦି ବିନା ଲାଲ୍ତି ଏଣ୍ଟରପ୍ରାଇଜେସ୍‌କୁ ୧୮ ଲକ୍ଷ ୨୮ ହଜାର ୪୦୦ ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। ଏହି ମାମଲାରେ ଆକାଉଣ୍ଟାଣ୍ଟ ବିଭୂତି ଗିରଫ ହୋଇଥିବାବେଳେ ସୌମ୍ୟ ଫେରାର ଅଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗତ ୩୦ତାରିଖରେ ମଧୁସ୍ମିତାଙ୍କୁ ସରକାର ନିଲମ୍ବନ କରିଥିଲେ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ



ସ୍କୁଲ ଆଗରେ ଉତ୍ତେଜିତ ଗ୍ରାମବାସୀ।

- ତାଟିଲେ ଲୋକେ, ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଲେ
- ଉଦ୍ଧାର ପାଇଁ ଯାଇଥିବା ପୋଲିସ ହଟହଟା

ଭବାନୀପାଟଣା,୨।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଳଦିଆମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଥିଲା। ପ୍ରଧାନଶିକ୍ଷକ ଭୁଲେନ୍ଦ୍ର ମେହେର ସ୍କୁଲର କେତେଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ଅପରାହ୍ନରେ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟିତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀ ଉତ୍ତେଜିତ ହୋଇ ମାଡ଼ିଆସିବା ଦେଖି ଭୟରେ ପ୍ରଧାନ ଶିକ୍ଷକ ମେହେର ସ୍କୁଲ ଭିତରକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ଉପସ୍ଥିତ ଗ୍ରାମବାସୀ ମଧ୍ୟ ଆଗପଟରୁ ତାଲା ପକାଇ ଦେଇଥିଲେ। ପରିସ୍ଥିତି ଅଣାୟତ ହେବା ଦେଖି ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ ଭିତରୁ ପ୍ରଧାନଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଗାଡ଼ିରେ ବସାଇବାବେଳେ ଉତ୍ତେଜିତ ଲୋକେ ପୋଲିସ ଗାଡ଼ିକୁ ଛାଡ଼ି ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଏଥିଯୋଗୁ ସ୍କୁଲ ସମ୍ମୁଖରେ ଯାଇଥିବା ୨୬ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏପରି କି ପ୍ରଧାନ ଶିକ୍ଷକ ମେହେରଙ୍କୁ ସ୍କୁଲ ବାହାରକୁ ଆଣିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ପ୍ରାୟ ଘଣ୍ଟାଏ ପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ଆଣିବାରେ ସକ୍ଷମ ହୋଇଥିଲା। ଏ ନେଇ ଜୁନାଗଡ଼ ବିଇଓ ତପନ ମାଝୀଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ଏବିଇଓ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ପଠାଯାଇଥିଲା। ବୁଧବାର ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଅନ୍ୟପଟେ ପ୍ରଧାନ ଶିକ୍ଷକ ମେହେରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ନାବାଳିକାଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ, ଯୁବକ ଗିରଫ

ବଣ୍ଟପାଳ,୨।୯ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍କୋନଗର ଥାନା ଅଞ୍ଚଳର ଜଣେ ୪ ବର୍ଷର ନାବାଳକଙ୍କ ସହ ଅପ୍ରାକୃତ ଯୌନସମ୍ପର୍କ କରାଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ନାରାୟଣ ଗୁରୁ (୨୮)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନାବାଳକ ଜଣକ ଘର ପାଖରେ ଖେଳୁଥିବା ବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଚୋକୋଲେଟ୍ ଖାଇବାକୁ ଦେବାର ପ୍ରଲୋଭନ ଦେଖାଇ ନିଜଘରେ ପୋଲିସଙ୍କୁ ନେଇ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପ୍ରାୟ ଘଣ୍ଟାଏ ପରେ ନାବାଳକ ଜଣକ କାନ୍ଦି କାନ୍ଦି ଘରକୁ ଆସି ଘଟଣା ବିଷୟରେ କହିଥିଲେ। ଏହାପରେ ନାବାଳକଙ୍କ ବାପା ନାଲକୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

# କୋର୍ଟରେ ଆତ୍ମସମର୍ପଣ କଲେ ଗ୍ୟାଙ୍ଗଷ୍ଟର ସକିଲ

କଟକ,୨।୯(କାର୍ତ୍ତିକ ସାହୁ)

ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମଙ୍ଗଳାବାଗ ଥାନାରେ ଏକାଧିକ ମାମଲାରେ ସକିଲ ଅଭିଯୁକ୍ତ ଥିବା ବେଳେ ପୋଲିସର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ଆଗାମୀ ପର୍ବପର୍ବାଣୀ ଦୃଷ୍ଟିରେ ରଖି ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ତଦନୁସାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପରାଧୀମାନଙ୍କୁ ବାନ୍ଧି ଜେଲକୁ ପଠାଇବା କାର୍ଯ୍ୟ ଆରମ୍ଭ କରିଛି। ୨ ଦିନ ତଳେ ସକିଲଙ୍କ ସହଯୋଗୀ କୁହାଯାଉଥିବା ଅବଦୁଲ କାଦିର ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଏହି ଗିରଫଦାରି ପରେ ସକିଲ ପୋଲିସଠାରୁ ନିଜକୁ ଲୁଚାଇ ରଖିଥିଲେ। ମାତ୍ର ଅଚାନକ ମଙ୍ଗଳବାର ସେ କୋର୍ଟରେ ଆତ୍ମସମର୍ପଣ କରିବା ଭଳି ଘଟଣା ଘଟିଛି। ଏହାକୁ ନେଇ କଟକରେ ଅସାମାଜିକ, ଅପରାଧୀମାନଙ୍କ ମଧ୍ୟରେ ଛନକା ପଶିବା ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି।

# ବନ୍ଧାହେଲେ ପୁରୁଷ ବନ୍ଧୁ, ଲଜ୍ ମାଲିକ

## ଥାନାରେ ନାବାଳିକା ବିଷାକ୍ତ ଜିନିଷ ଖାଇବା ଘଟଣା



କେଦାର ଦାସ



ଯୋଗେନ୍ଦ୍ର କୁମାର ସିଂ

ବ୍ରହ୍ମପୁର,୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ପରିସରରେ ସୋମବାର ଅପରାହ୍ନରେ ଜଣେ ନାବାଳିକା କିଛି ବିଷାକ୍ତ ଜିନିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପୁରୁଷ ବନ୍ଧୁ ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପାଳୀର କେଦାର ଦାସ(୨୮) ଓ ଲଜ୍ ମାଲିକ ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। କେଦାର ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ଲଜ୍‌ରେ ରଖିବା ଓ ସେଠାରେ ତାଙ୍କୁ ଅବରୋଧରେ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନଙ୍କୁ ଯୋଗେନ୍ଦ୍ର ଉଭୟଙ୍କୁ ନିଜ ଲଜ୍‌ରେ ରହିବାକୁ ଅନୁମତି ଦେଇଥିବାରୁ ଗିରଫ ହୋଇଥିବା ବ୍ରହ୍ମପୁର ପୁଲିସ ଅଧୀକ୍ଷକ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଡା. ସର୍ଣ୍ଣା ବିବେକ ଏମ୍. ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସେହିପରି ପୀଡ଼ିତା ଛାତ୍ରୀଙ୍କ ନିକଟରୁ ଜବତ ହୋଇଥିବା ବୋତଲ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସୁଥିବା ନାବାଳିକାଙ୍କୁ କେହି ଲଜ୍‌ରେ ରହିବାକୁ ଅନୁମତି ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଭଳି ଘଟଣାରେ କାମ କରୁଥିବା ଲଜ୍ ମାଲିକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ କେଦାର ସୋମବାର ମଧ୍ୟାହ୍ନରେ ତାଙ୍କ ୧୭ ବର୍ଷୀୟା ବାନ୍ଧବୀଙ୍କୁ ଫୋନ କରି ଖଲ୍ଲିକୋଟ କଲେଜ ଡାକିଥିଲେ। ସେଠାରୁ ତାଙ୍କୁ ନିଜ ବାଇକ୍‌ରେ ବସାଇ ଗୋପାଳପୁର ଆଣିଥିଲେ। ବାଇକ୍ ପାର୍କିଂ କରି ସେଠାରେ ଛାଡ଼ି ହୋଇଥିବା ଲଜ୍ ମାଲିକ ଯୋଗେନ୍ଦ୍ରଙ୍କୁ ଫୋନ ପେ'ରେ ୭୦୦ ଟଙ୍କା ଦେଇ ଏକ ରୁମ୍ ବୁକ୍ କରିଥିଲେ। ଛାତ୍ରୀଙ୍କ ସହ ରୁମ୍‌ରେ ପ୍ରାୟ ୨ ଘଣ୍ଟା ରହିବା ପରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ପରିସ୍ଥିତି ଶୁଣି ଲଜ୍ ମାଲିକ ରୁମ୍ ଛାଡ଼ିବାକୁ ବାଧ୍ୟ କରିବାରୁ ଉଭୟେ ବାହାରି ଆସିଥିଲେ। ସେଠାରୁ ଛାତ୍ରୀଙ୍କ ସହ ପୁରୁଷ ବନ୍ଧୁଙ୍କ ସହ ଥାନାକୁ ଆସିଥିଲେ। ଥାନା ପରିସରରେ ଥିବାବେଳେ ଛାତ୍ରୀ ଜଣକ ନାବାଳିକା ଜଣାପଡ଼ିବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଡକାଇଥିଲା। ପଚରାଉଚରାବେଳେ ଛାତ୍ରୀ ଜଣକ ନିଜ ବ୍ୟାଗରେ ରଖିଥିବା କୌଣସି ତରଳ ଜିନିଷ ପିଇଦେବାରୁ ବାନ୍ତି ଆରମ୍ଭ ହୋଇଥିଲା। ତୁରନ୍ତ ଅବସ୍ଥାରେ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଏମ୍‌କେସିଜି ମେଡିକାଲ ଅଣାଯାଇଥିଲା। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ଏସ୍‌ପି କହିଛନ୍ତି। ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ-୩୧୬/୨୫ରେ ଏକ ମାମଲା ରୁଜୁ କରିଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**ଆବଶ୍ୟକ**
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା- 7000 ରୁ 10000/- । ସ୍ଥାନ- ପୁରୀ ।
ଯୋଗାଯୋଗ: 9090244178

**REQUIRED**
01. Accountant
Commerce Graduate with deep Knowledge of fully accounting
02. Data Entry Operator
Graduate with good speed of making data entry. Typing min. 30 speed per minute.
03. Liaison Officer
Graduate with 5 year experience in liaisoning
APPLY sahebramkakka@gmail.com

**WANTED**
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

**WANTED**
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
9178181581
9090935556

**PARADIP PORT AUTHORITY**
Tender No.ENG/CE/1569/ SQB/2024/282, Dt.01.09.2025
MECHANIZATON OF SOUTH QUAY BERTH (SQB) ON BOT BASIS INVITATION OF REQUEST FOR QUALIFICATION (RFQ)
Paradip Port Authority (PPA) invites applications from interested Applicants in accordance with the RFQ document which may be downloaded from the CPP Portal (https://eprocure.gov.in/eprocure/app). Last date and time of submission of RFQ Applications is 20.10.2025 till 1400 hours.
Sd/- Executive Engineer (C)
Project Implementation Office
Paradip Port Authority
PPA/PR/36/2025-2026 dtd. 02.09.2025

**ଦ.ପୂ. ରେଳପଥ - ଟେଣ୍ଡର**
[illegible]
www.ireps.gov.in
(PR-587)

**ବ୍ରାହ୍ମଣୀ ରିଭର ପେଲେଟ୍ସ ଲିମିଟେଡ**
ସିଆଇଏନ-ୟୁ୨୭୧୦୬ଓଆର ୨୦୦୬ ପିଏଲସି୦୦୮୯୯୪
ପଞ୍ଜିକୃତ କାର୍ଯ୍ୟାଳୟ: ୪ର୍ଥ ମହଲା, ଆଇପିଆଇସିଓଏଲ ହାଉସ, ଜନପଥ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୨, ଭାରତ
ଇମେଲ: secretarial@brplind.com
"ଫର୍ମ ନୟର ଆଇଏନସି- ୨୫ଏ"
ପବ୍ଲିକ୍ ଲିମିଟେଡ୍ କମ୍ପାନୀକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିଣତ କରିବା ପାଇଁ ବିଜ୍ଞପ୍ତି
[illegible]
ତାରିଖ: ୦୩.୦୯.୨୦୨୫
ସ୍ଥାନ: ଭୁବନେଶ୍ୱର
(ଶିଳ୍ପ ଶର୍ମା)
[illegible]

**OFFICE OF THE PRINCIPAL-CUM-SECRETARY**
**CHAITANYA SAHOO HIGHER SECONDARY SCHOOL OF SC. & ARTS**
At/P.O.: Nuapatna, P.S.: Tigiria, Dist.: Cuttack - 754035
E-Mail: cscollege.npt@gmail.com
**WALK-IN-INTERVIEW**
Wanted Lecturers in Economics, History, Odia, Sociology & Computer skilled Clerk on Contractual Basis. Desirous candidates with requisite qualifications may attend the interview in the School premises within 10 A.M. to 01 P.M. on Dt.10.09.2025. The appointment is purely temporary & no claim for permanent appointment be made in future.
Sd./- Principal

**OFFICE OF THE EXECUTIVE ENGINEER**
**DRINKING WATER & SANITATION MECHANICAL URBAN DIVISION, RANCHI**
Very Short e-Quotation No. 03/2025-26
Rates through e-Quotation has been invited for the items/materials uploaded in https://jharkhandtenders.gov.in for finalization & preparation of estimate for the construction work from reputed manufacturer/authorized dealer of Pump (Mather Platt/WPIL/Kirloskar/Jyoti), Motor (Kirloskar/Crompton Greaves/Jyoti) having valid G.S.T.I.N. of materials. The rates confirming to items/materials with specification shall be submitted online in the website https://jharkhandtenders.gov.in. Details of materials and its specification for the work of Supply, installation and commissioning of 11/3.3 KV 350 HP HT motor pump set & under D.W. & S. Mechanical Urban Division, Ranchi are available on the above e-Tender Portal. Terms & condition will be available in website and quote the rate of materials online upto 08.09.2025 at 15:00 hrs. The quotation will be opened on 09.09.2025 at 16:00 hrs. The quotation is invited to ascertain and assess the rate of materials at par with lowest market rate.
Address for Communication
Office of the Executive Engineer,
Drinking Water & Sanitation Mechanical
Urban Division, Ranchi,
H.E.C. High School Campus, Behind S.B.I. Hatia,
Dhurwa, Ranchi-834004
Email Id- dwsdmechurbanranchi@gmail.com
Executive Engineer,
D.W& S. Mechanical Urban Division,
Ranchi
PR 361070 Drinking Water and Sanitation (25-26)_D

**ଇନ୍‌ଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍‌ସନ**
**INSTITUTE OF BANKING PERSONNEL SELECTION**
ସିଆରପି ଆରଆରବି XIV
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ-I, II ଏବଂ III) ଏବଂ ଅଫିସ୍ ଆସିଷ୍ଟାଣ୍ଟ୍ସ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**
ଆନୁଷ୍ଠାନିକ ୱେବସାଇଟ: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
[illegible]
**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମ୍ଭାବ୍ୟ ସମୟସୂଚୀ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ଫେସ୍/ଇଣ୍ଟିମେସନ ଶୁଳ୍କ ପେଠ | ୦୧.୦୯.୨୦୨୫ରୁ ୨୧.୦୯.୨୦୨୫ |
| ଆବେଦନ ଫର୍ମରେ ପରିବର୍ତ୍ତନ/ସଂଶୋଧନ କରିବା (ଏକାଥର ପାଇଁ ଅନ୍‌ଲାଇନ ୱେବପୋର୍ଟ ସମୟରେ) ଲାଗି ପ୍ରାର୍ଥୀମାନଙ୍କ ପାଇଁ ଏଡ଼ିଟ୍ ୱିଣ୍ଡୋ | ପଞ୍ଜୀକରଣ ବନ୍ଦ ହେବା ପରେ (ଆନୁଷ୍ଠାନିକ ଆଇବିପିଏସ ୱେବସାଇଟରେ ଅଧିସୂଚିତ କରାଯିବ) |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ | ନଭେମ୍ବର, ୨୦୨୫ |
| ଅନ୍‌ଲାଇନ ପରୀକ୍ଷା - ପ୍ରିଲିମିନାରୀ (ଅଫିସର୍/ଓଏ) | ନଭେମ୍ବର/ଡିସେମ୍ବର, ୨୦୨୫ |
| ଅନ୍‌ଲାଇନ ପରୀକ୍ଷା - ପ୍ରିଲିମିନାରୀ ଫଳାଫଳ | ଡିସେମ୍ବର, ୨୦୨୫ /ଜାନୁଆରୀ, ୨୦୨୬ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ / ସିଙ୍ଗଲ୍ (ଅଫିସର୍/ଓଏ) | ଡିସେମ୍ବର, ୨୦୨୫ / ଫେବୃଆରୀ, ୨୦୨୬ |

ବିସ୍ତୃତ ତଥ୍ୟ ଅପଡେଟ୍ ପାଇଁ ଆନୁଷ୍ଠାନିକ www.ibps.in ୱେବସାଇଟ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
[illegible]
ମୁମ୍ବାଇ
ତାରିଖ: ୦୧.୦୯.୨୦୨୫ ନିର୍ଦ୍ଦେଶକ

# ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ତେଜିଲା ଅସନ୍ତୋଷ

ତିହିଡ଼ି,୨।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପ୍ରାଥମିକ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ଅପରପକ୍ଷେ ଉକ୍ତ ଶିକ୍ଷୟିତ୍ରୀ କାଁପଡ଼ା ପଞ୍ଚାୟତସ୍ଥିତ ବାସୁଳୀ ହାଇସ୍କୁଲକୁ ବଦଳି ହୋଇଥିଲେ ମଧ୍ୟ ସେଠାରେ କାର୍ଯ୍ୟଭାର ଗ୍ରହଣ କରି ନ ଥିବାରୁ ସେହି ସ୍କୁଲର ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସେମାନେ ବୁଧବାର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବେ ବୋଲି ପରିଚାଳନା କମିଟି ସଭାପତି ଲମ୍ବୋଧର ଦାସ କହିଛନ୍ତି। ଶିକ୍ଷକ ଅଭାବ ପୂରଣ ନ ହେଲେ ସେମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ପ୍ରକାଶ କରିଛନ୍ତି।

ଭାଟପଡ଼ା ସ୍କୁଲରୁ ବଦଳି ହୋଇଥିବା ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ପାଇଁ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକମାନେ ଜିଦ୍ ଧରି ଛାତ୍ରୀଛାତ୍ରଙ୍କୁ ନେଇ ଧାରଣାରେ ବସିଥିଲେ। ସେମାନେ



ଭାଟପଡ଼ା ପ୍ରାଥମିକ ସ୍କୁଲ ସାମ୍ନାରେ ଧାରଣାରତ ଛାତ୍ରୀଛାତ୍ର।

- ସ୍କୁଲରେ ତାଲା ପକାଇ ଧାରଣା
- ଧାରଣାରତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ଶିକ୍ଷକ

ଦର୍ଶାଇଥିଲେ ଯେ, ଭାଟପଡ଼ା ସ୍କୁଲରେ ୫ଟି ଶ୍ରେଣୀରେ ୮୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ୩ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଗତ ମାସରେ ଜଣେ ନୂଆ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତିର ମାତ୍ର କିଛିଦିନ ପରେ ପୂର୍ବରୁ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ବାସୁଳୀ ହାଇସ୍କୁଲକୁ ବଦଳି କରାଯାଇଛି। ଏହି ଅଦଳ ବଦଳ ଦ୍ୱାରା ସ୍କୁଲର ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବା ସେମାନେ ଦର୍ଶାଇଥିଲେ। ଧାରଣାସ୍ଥଳରେ ବସିଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ବାହାରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ପାଠ ପଢ଼ାଉଥିବା ଦେଖିବାକୁ ମିଳିଥିଲା। ସିଆର୍‌ସିସି ତ୍ରିନାଥ ସେଠୀ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ଶ୍ରୀଧର ବେହେରାଙ୍କ ସମେତ ସଂଗ୍ରାମ କେଶରୀ କର, ମହେଶ୍ୱର ପଣ୍ଡା, ସୀମା ପ୍ରଧାନ, ମମତା ଦାସ, କୁନି ପ୍ରଧାନ ଓ ମିନତି ଦାସଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଧାରଣାର ୨ଘଣ୍ଟା ପରେ ଭାଟପଡ଼ା ପଞ୍ଚାୟତ ସରପଞ୍ଚ ଶୁଭ୍ରନାରାୟଣ ସେଠୀ ପହଞ୍ଚି ମାସେ ଭିତରେ ନୂତନ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ସୋମବାର ବାସୁଳୀ ହାଇସ୍କୁଲ ଏବଂ ମଙ୍ଗଳବାର ଭାଟପଡ଼ା ସ୍କୁଲରେ ଧାରଣା ବ୍ଲକରେ ଶିକ୍ଷା ବ୍ୟବସ୍ଥାର ଠିକ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର କୁପ୍ରଭାବ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିବାରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରାଯିବାକୁ ଦାବି ହୋଇଛି।

# ସରସଦା ସମିତି ପରିଚାଳନା ପରିଷଦ ବରଖାସ୍ତ

ଭଣ୍ଡାରିପୋଖରୀ,୨।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦକୁ ଭଦ୍ରକ ସମବାୟ ସମିତି ସମୂହ ଉପନିବନ୍ଧକ ଦୁଃଖିଆ ଟୁଡୁ ବରଖାସ୍ତ କରିଛନ୍ତି। ସୋମବାର କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୦୯୦ ଯୋଗେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପରିଚାଳନା ପରିଷଦ ଦାୟିତ୍ୱ ପାଳନରେ ଅବହେଳା ପ୍ରଦର୍ଶନ କରୁଥିଲା ବୋଲି ପତ୍ରରେ ଉଲ୍ଲେଖ ରହିଛି। ଗତ ୨୮ ମାସ ଧରି ପରିଷଦର ବୈଠକ ଅନୁଷ୍ଠିତ ହେଉ ନ ଥିଲା ବୋଲି ଉଲ୍ଲେଖ କରାଯାଇଥିଲା। ସମବାୟ ସମିତି ସମୂହ କାର୍ଯ୍ୟାଳୟ ସହକାରୀ ନିବନ୍ଧକ ସତ୍ୟପ୍ରକାଶ ସେଠୀଙ୍କୁ ସମିତିର ପରିଚାଳକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ନିଲମ୍ବିତ ସମ୍ପାଦକ ନବନିଯୁକ୍ତ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର ଦାବି କରାଯାଇ ଗତ ୨୨ ତାରିଖରେ ସମିତିରେ ତାଲା ପକାଯାଇଥିଲା। ଏଯାଏ ସମିତିରେ ତାଲା ଝୁଲୁଛି।

# ବ୍ଲକସ୍ତରୀୟ କ୍ରୀଡ଼ା: ୭୦ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ

ଭଣ୍ଡାରିପୋଖରୀ,୨।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ତଟିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁବାସ ଗୋଚ୍ଛାୟତ, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ସାହୁ ଓ ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କବାଡ଼ି, ଖୋ ଖୋ, ଚେସ୍, ସାଇକ୍ଲିଂ, ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ ଆଦି ବିଭାଗରୁ ୭୦ଜଣ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ବରିଷ୍ଠ ଶିକ୍ଷକ ଗୌରୀଶଙ୍କର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ କ୍ରୀଡ଼ା ଶିକ୍ଷକ ଅମୂଲ୍ୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶୀ ସାହୁ, ମାନସ ସାହୁ, ଦେବାଶିଷ ଆଚାର୍ଯ୍ୟ, ଗୋବିନ୍ଦ ବେହେରା, ପୂର୍ଣ୍ଣିମା ମହାନ୍ତ, ପ୍ରଶାନ୍ତ କୁମାର ଜେନା, ସପନ କୁମାର ବାରିକ ଓ ପବିତ୍ର ମୋହନ ଦାଶ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା କର, ଦେବସ୍ମିତା କର, ମଞ୍ଜୁଲତା ପଣ୍ଡା, କଳ୍ପନା ମଲ୍ଲିକ, ଶିକ୍ଷକ ଶୁଭେନ୍ଦୁ କୁମାର ମଲ୍ଲିକ, କେଦାରସେନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡ଼ା ଉତ୍ସବରେ ଅତିଥି ବକ୍ତବ୍ୟ ରଖୁଛନ୍ତି।

# ଗଣେଶ ପୂଜାରେ କଦର୍ଥ ସାଜସଜ୍ଜା

ଚାନ୍ଦବାଲି,୨।୯(କିଷାନ ପାତ୍ର)

ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣେଶ ପୂଜାରେ କଦର୍ଥ ସାଜସଜ୍ଜା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ମୂର୍ତ୍ତି ସାଜସଜ୍ଜା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ହିନ୍ଦୁ ସମାଜ ପକ୍ଷରୁ ରବିବାର ରାତିରେ ଉକ୍ତ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ନାଁରେ ଚାନ୍ଦବାଲି ଥାନାରେ ଏତଲା ଦିଆଯାଇଛି। ହିନ୍ଦୁ ସମାଜ ସଭାପତି ଅଭୟ କୁମାର ସାମଲ ଏତଲାରେ ଦର୍ଶାଇଛନ୍ତି ଯେ, ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରତୀକ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଉତ୍ସବରେ କଦର୍ଥ ବ୍ୟାନର ଲଗାଇ ସାଜସଜ୍ଜା କରାଯାଇଥିବା ବେଳେ ଶିକ୍ଷୟିତ୍ରୀ ଜଣକ ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହା ହିନ୍ଦୁ

## ଶିକ୍ଷୟିତ୍ରୀଙ୍କ ନାଁରେ ଏତଲା

ସମାଜକୁ ଗଭୀର ଆଘାତ ଦେଇଛି। ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ବରିଷ୍ଠ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ପାଣି, ଉପେନ୍ଦ୍ର କୁମାର ରାଉଳ, ଜୁବୁଲା ମହାନ୍ତି, ଦିଲୀପ ରାଉତ, ପ୍ରମୋଦ ସେଠୀ, ମୀନକେତନ ମହାଳିକ, ଗୌରହରୀ ବିଶ୍ୱାଳ ପ୍ରମୁଖ ଏତଲା ଦେବାବେଳେ ଉପସ୍ଥିତ ଥିଲେ। ଚାନ୍ଦବାଲି ଆଇଆଇସି ପରେଶ କୁମାର ମହାନ୍ତି ଘଟଣାକୁ ଗମ୍ଭୀର ଭାବେ ନେବା ସହ ପୋଷ୍ଟର ସତ୍ୟାସତ୍ୟ ଜାଣିବାକୁ ସାଇବର ଥାନାକୁ ପଠାଇଛନ୍ତି। ମଙ୍ଗଳବାର ଉକ୍ତ ଶିକ୍ଷୟିତ୍ରୀଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି।



ଚାନ୍ଦବାଲି ଥାନା ଆଇଆଇସି ପରେଶ କୁମାର ମହାନ୍ତି ସୋସିଆଲ ମିଡିଆ ପୋଷ୍ଟକୁ ଦେଖୁଛନ୍ତି।

# ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି



କୁଲଣା ଉଚ୍ଚ ବିଦ୍ୟାଳୟ ପାଚେରି ଭୁଶୁଡ଼ି ପଡ଼ିଛି।

ଭଣ୍ଡାରିପୋଖରୀ,୨।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟ ପାଚେରି ମଙ୍ଗଳବାର ସକାଳେ ବର୍ଷାରେ ଭୁଶୁଡ଼ି ପଡ଼ିଛି। ସକାଳ ୭ଟା ବେଳେ ବର୍ଷା ଲାଗି ରହିଥିବା ବେଳେ ବିଦ୍ୟାଳୟର ଦକ୍ଷିଣପାର୍ଶ୍ୱ ପୂର୍ତ୍ତ ରାସ୍ତା ସଂଲଗ୍ନ ୨୦ମିଟର ଦୀର୍ଘ ପାଚେରି ଭାଙ୍ଗିଯାଇଥିଲା। ଏହି ବିଦ୍ୟାଳରେ ୪୫୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ସୁରକ୍ଷା ପାଚେରି ଭାଙ୍ଗିପଡ଼ି ବିଦ୍ୟାଳୟ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ପୁନଃ ନିର୍ମାଣ ପାଇଁ ପ୍ରଧାନଶିକ୍ଷକ ବିଡିଓଙ୍କୁ ପତ୍ର ଯୋଗେ ଅନୁରୋଧ କରିଛନ୍ତି। ଏଥିପୂର୍ବରୁ ଗତ ଅକ୍ଟୋବରରେ ବାତ୍ୟାରେ ବିଦ୍ୟାଳୟର ୭୦ମିଟର ଲମ୍ବ ପାଚେରି ଭୁଶୁଡ଼ି ପଡ଼ିଥିଲା। ଏହାର ପୁନଃ ନିର୍ମାଣ ନିମନ୍ତେ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଡିଓ ଦେବଦତ୍ତ ଦାଶ କହିଛନ୍ତି।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପ୍ରସ୍ତୁତି

ଚାନ୍ଦବାଲି,୨।୯(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଉତୁକୁଡ଼ା ପଞ୍ଚାୟତର ପୁରାତନ ବିଦ୍ୟାଳୟ ମଦନମୋହନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଡିସେମ୍ବରରେ ପାଳନ ହେବ। ଏନେଇ ସୋମବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ମହେଶ୍ୱର ବଳଙ୍କ ଆବାହକତ୍ୱ ଓ ଉପେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ପ୍ରଧାନଶିକ୍ଷକ ସରୋଜ କୁମାର ମହଲାଙ୍କ ସହ ପୁରାତନ ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ। ଆସନ୍ତା ଡିସେମ୍ବର ଶେଷ ସପ୍ତାହରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ଏକ ସ୍ମରଣିକା ଉନ୍ମୋଚନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପୁରାତନ ଛାତ୍ର ସୁକାନ୍ତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନ ବୀମା ସପ୍ତାହ ପାଳନ




ଭଦ୍ରକ ଶାଖା କାର୍ଯ୍ୟାଳୟ ସାମ୍ନାରେ ମୁଖ୍ୟଅତିଥି ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ସ୍ୱାଗତ କରାଯାଉଛି।

ଭଦ୍ରକ ୨।୯(ରବିନାରାୟଣ ଖିଲାର)

ସାରା ଦେଶରେ ୬୯ତମ ଜୀବନ ବୀମା ସପ୍ତାହ ପାଳନ କରାଯାଉଥିବା ବେଳେ କଟକ ମଣ୍ଡଳ ଅଧୀନ ଭଦ୍ରକ ଶାଖା କାର୍ଯ୍ୟାଳୟରେ ପାଳନ କରାଯାଇଛି। ମଙ୍ଗଳବାର ବୀମା ସପ୍ତାହ ପାଳନର ଦ୍ୱିତୀୟ ଦିବସ। ଏହି କାର୍ଯ୍ୟକ୍ରମ ଆହୁରି ୫ଦିନ ଧରି ଚାଲିବ। ଭଦ୍ରକ ଶାଖା ମୁଖ୍ୟ ପ୍ରବନ୍ଧକ ବି. ଶ୍ରୀନିବାସ ସୋମବାର ଆୟୋଜିତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ କୁମାର ରାଉତରାଏ ଯୋଗଦେଇ ଦେଶରେ ଅଗ୍ରଣୀ ଭାରତୀୟ ଜୀବନବୀମା ନିଗମର ଗୁଣାତ୍ମକ ସେବା, ଜନସାଧାରଣଙ୍କୁ ବୀମା ସୁରକ୍ଷା, ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ଉତ୍ତମ ଓ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିଆସୁଛି ବୋଲି କହିଥିଲେ। ଶାଖାର ପ୍ରବନ୍ଧକ ଲକ୍ଷ୍ମୀଧର ପ୍ରଧାନ, ରଶ୍ମିରଞ୍ଜନ ସାମନ୍ତରାୟ, ସହ ଶାଖା ପ୍ରବନ୍ଧକ ଆର୍ତ୍ତତ୍ରାଣ ପଣ୍ଡା, ସଂଗ୍ରାମ କେଶରୀ ମିଶ୍ର, ଖବରଦାତା ସାଧନ କୁମାର ଧରଙ୍କ ସହ ସମସ୍ତ କର୍ମଚାରୀ, ଅଭିକର୍ତ୍ତା ଓ ବୀମା ଗ୍ରାହକ ଉପସ୍ଥିତ ଥିଲେ। ସହ ଶାଖା ପ୍ରବନ୍ଧକ ସଂଗ୍ରାମ କେଶରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖେଳକୁଦ ପ୍ରତିଯୋଗିତା: ଜିଲାସ୍ତରକୁ ମନୋନୀତ ୮୦ ଛାତ୍ରୀଛାତ୍ର

ତିହିଡ଼ି,୨।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ କମାରିଆସ୍ଥିତ ଆନନ୍ଦ ପ୍ରସାଦ ସିନ୍ଦୋଳ ପଞ୍ଚାୟତ ସହଯୋଗ ହାଇସ୍କୁଲରେ ରବିବାର ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ୩୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବ୍ୟାଡ୍‌ମିଣ୍ଟନ, ଭଲିବଲ୍, ଚେସ୍, କବାଡ଼ି, ଖୋଖୋ, ଯୋଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ୮୦ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ଓ ବରେଣ୍ୟ ଅତିଥି ଭାବେ ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି ସଭା ସଞ୍ଚାଳନ କରିଥିଲେ। କ୍ରୀଡ଼ା ନିରୀକ୍ଷକ ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀକାନ୍ତ ପତି, ବାବାଜୀ ଚରଣ ମହାକୁଡ଼, ଗିରିଜା ରମଣ ଜେନା, ବିଭୂପଦ ସାହୁ ଓ ଶଶଧର ଓଝା ଯୋଗ ଦେଇଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ବିଜୟ କୁମାର ନାୟକ, କ୍ରୀଡ଼ା ଶିକ୍ଷକ କାଶୀନାଥ ଦାସ, ସୁରେଶ ମହାକୁଡ଼, ପ୍ରଭାତ କୁମାର ଜେନା, ବିଶ୍ୱନାଥ ମାଝୀ, ମଧୁସ୍ମିତା ପଣ୍ଡା, ଗୀତାଞ୍ଜଳି ରଥ, ଅଭୟ କୁମାର ସେନାପତି, ସତ୍ୟବ୍ରତ ଦାସ, ଗୌତମ ବେହେରା, ଅନୁପମା ଗିରି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

ବାସୁଦେବପୁର,୨।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହରର ବିଭିନ୍ନ ସ୍ଥାନରେ ଜବରଦଖଲ କରି ଦୋକାନୀମାନେ ବ୍ୟବସାୟ କରୁଛନ୍ତି। ମଙ୍ଗଳବାର ବାସୁଦେବପୁର ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଟ୍ରାଫିକ ଛକ, ମେଡିକାଲ ଛକ, ହାଇସ୍କୁଲ ଛକ, ପରିବା ମାର୍କେଟ୍‌ର ପ୍ରବେଶ ପଥ ଓ କେତେକ ସ୍ଥାନରେ ଜବରଦଖଲ ୧ ସପ୍ତାହ ପୂର୍ବେ ହଟାଯାଇଥିବା ବେଳେ କେତେଜଣ ବ୍ୟବସାୟୀ ପୁଣି ସେମାନଙ୍କ ବ୍ୟାବସାୟିକ ପସରା ମେଲାଇଥିଲେ। ପୌରପାଳିକା ପକ୍ଷରୁ ମଙ୍ଗଳବାର ପୁଣି ଜବରଦଖଲ ହଟାଯାଇଛି। ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଉପଯୁକ୍ତ ଭାବେ ଥଇଥାନ କରାଯିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

# ଜଳିଗଲା ଗୁହାଳ: ଗାଈ ସହ ୧୦ ଛେଳି ଜୀବନ୍ତ ଦଗ୍ଧ

ତିହିଡ଼ି,୨।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ବିଶ୍ୱନାଥ ମଲ୍ଲିକଙ୍କ ୨ବଖରା ଘର ସହ ଗୁହାଳ ଜଳିଯାଇଛି। ଏଥିରେ ତାଙ୍କର ଗୋଟିଏ ଗାଈ ସହ ୧୦ ଛେଳି ଓ କେତୋଟି କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗୁହାଳରେ ଦିଆଯାଇଥିବା ଧୂଆଁରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ଖବର ପାଇ ତିହିଡ଼ିରୁ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଧାମନଗର,୨।୯(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଷୋଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ସାମଲ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାଗୁରୁ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ତପନ କୁମାର ଦ୍ୱିବେଦୀ, ଶାନ୍ତିଲତା ରାଉତ, ପୂର୍ବତନ ଏବିଇଓ ନିରଞ୍ଜନ କର, ଶ୍ରୀଚରଣ ମଲ୍ଲିକ, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ବାଣୀକବି ପଣ୍ଡିତ ଦୟାନିଧି ମିଶ୍ର, ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ, ଶଶିକାନ୍ତ ପଣ୍ଡା, ପ୍ରଧାନଶିକ୍ଷକ ମନୋଜ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅଭିମନ୍ୟୁ ମଲ୍ଲିକ, ଉମେଶ ଚନ୍ଦ୍ର ପଣ୍ଡା, ଶରତ କୁମାର ସାହୁ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସାମାଜିକ କର୍ମୀ ନରେନ୍ଦ୍ର ମଲ୍ଲିକ, ଶିକ୍ଷକ ନେତା ରୂପକ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପଦ୍ମାବତୀ ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ।

# ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ

ବାସୁଦେବପୁର,୨।୯ (ନାରାୟଣ ପ୍ରସାଦ ବାରିକ୍)

ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ବାସୁଦେବପୁର ଥାନା ପରିସରରେ ସୋମବାର ରାତିରେ ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହମ୍ମଦ ଜୟନ୍ତୀ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ପାଳନ କରିବାକୁ ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ବୈଠକରେ ଯୋଗଦେଇ ଏ ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରିବା ସହ ସବୁ ବର୍ଗର ଲୋକଙ୍କ ସହଯୋଗ କାମନା କରିଥିଲେ। ସାବରପୁର, ବାସୁଦେବପୁର, ସୁକଦେବପୁର ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବର୍ଗର ଲୋକ ବୈଠକରେ ଯୋଗଦେଇ ସେମାନଙ୍କ ପ୍ରସ୍ତାବ ଓ ମତାମତ ରଖିଥିଲେ।

# କେବୁଲ ସଂଯୋଗ ପାଇଁ ରାସ୍ତା ଖୋଳିଦେଲେ

ବାସୁଦେବପୁର,୨।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର-ଜାମୁଝାଡ଼ି ପ୍ରତିରକ୍ଷା ବିଭାଗ ରାସ୍ତାର ବରଫ କାରଖାନା ସାମ୍ନାରେ ମୁଖ୍ୟରାସ୍ତାକୁ ବିଦ୍ୟୁତ୍ ବିଭାଗର ଏକ କେବୁଲ ସଂଯୋଗକାରୀ ସଂସ୍ଥା ବେଆଇନ ଭାବେ ଖୋଳି ଦେଇଛନ୍ତି। ଫଳରେ ସୋମବାର ରାତିରୁ ଯାତ୍ରୀ ପଥଚାରୀ ଓ ଗାଡ଼ି ଚାଳକମାନେ ଯାତାୟତ କ୍ଷେତ୍ରରେ ହଇରାଣ ହେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ କେବୁଲ ସଂଯୋଗକାରୀ ସଂସ୍ଥା ବାସୁଦେବପୁର ଡାକ୍ତରଖାନାକୁ ଅନବରତ ବିଦ୍ୟୁତ୍ ଯୋଗାଣ ପାଇଁ ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟ ନିକଟସ୍ଥ ବିଦ୍ୟୁତ୍ ଅଫିସଠାରୁ ରାସ୍ତା କଡ଼େ କଡ଼େ ଡାକ୍ତରଖାନା ପର୍ଯ୍ୟନ୍ତ ମାଟି ତଳେ କେବୁଲ ନେବା କାର୍ଯ୍ୟ ଚାଲୁ ରଖିଥିଲା। ସୋମବାର ରାତିରେ ଏହି ସଂସ୍ଥା ଜେସିବି ଯୋଗେ ରାସ୍ତାକଡ଼ରେ କେବୁଲ ନେବା ପାଇଁ ଗାତ ଖୋଳିବା ପରିବର୍ତ୍ତେ ରାସ୍ତାକୁ ମଡ଼ାଇ ମାଟି ଖୋଳି ଦେଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ

## ହଇରାଣ ହେଉଛନ୍ତି ଯାତ୍ରୀ



କେବୁଲ ସଂଯୋଗ ପାଇଁ ପାର୍ଶ୍ୱ ପରିବର୍ତ୍ତେ ରାସ୍ତାକୁ ଖୋଳିଦିଆଯାଇଛି।

ପ୍ରଶ୍ନ ଉଠିବା ସହ ରାସ୍ତା ମଧ୍ୟ କିଛି ଅଂଶରେ ଭାଙ୍ଗିଯାଇଛି। ପ୍ରାୟ ୨ ଶହ ମିଟର ରାସ୍ତା ଏପରି ଭାବେ ଖୋଳି ଦିଆଯାଇଥିବାରୁ ଯାତାୟାତ ପାଇଁ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାସ୍ତାକଡ଼ରେ ବେଆଇନ ଭାବେ ବସ୍ ଓ ଟ୍ରକ ପାର୍କିଂ କରୁଥିବାରୁ କେବୁଲ ବିଛାଇବା ପାଇଁ ଗାତ ଖୋଳାଯିବା ବେଳେ ଏହା ବାଧକ ସାଜିଥିଲା। ଜେସିବି ଚାଳକଙ୍କ ଦୂରଦୃଷ୍ଟି ବିହୀନ କାର୍ଯ୍ୟ ପାଇଁ ଏପରି ସମସ୍ୟା ଦେଖାଦେଇଛି ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଦୁଇଦିନ ତଳେ ବିଧାୟକ ଅଶୋକ କୁମାର ଦାସ ରାସ୍ତାଠାରୁ ଦୂରରେ ଗାତ ଖୋଳିବାକୁ ପରାମର୍ଶ ଦେବା ସହ ତାଗିଦ୍ କରିଥିଲେ। ଏହାର ଗୋଟିଏ ଦିନ ପରେ ସମ୍ପୃକ୍ତ କେବୁଲ ସଂଯୋଗକାରୀ ସଂସ୍ଥା ବିଧାୟକଙ୍କ କଥାକୁ ବେଖାତିର କରି ରାସ୍ତା ଉପରକୁ ଲଗାଇ ଗାତ ଖୋଳିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ମଙ୍ଗଳବାର ସକାଳେ ଯାତାୟାତରେ ବାଧା ଉପୁଜିବାରୁ ସ୍ଥାନୀୟ ଲୋକେ ତହସିଲଦାର ପ୍ରିୟବ୍ରତ ଦାସଙ୍କୁ ଅବଗତ କରିବା ପରେ ସମ୍ପୃକ୍ତ କାର୍ଯ୍ୟରତ କର୍ମଚାରୀଙ୍କୁ ପୋଲିସ ମାଧ୍ୟମରେ ଥାନାରେ ଅଟକ ରଖି କାହିଁକି ରାସ୍ତାକୁ ଖୋଳିଛନ୍ତି ବୋଲି ତାଗିଦ୍ କରିଥିବା କହିଛନ୍ତି। ଏ ବାବଦରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ପଚାରିବାରୁ ସେ କିଛି କରିପାରିବେନି, ଲିଖିତ ଅଭିଯୋଗ ଦେଲେ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ଜିଲାପାଳ ଦିଲୀପ ରାଉତରାଏଙ୍କୁ ପଚାରିବାରୁ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି, ତାହାର ତଦନ୍ତ ପାଇଁ ବିଦ୍ୟୁତ୍ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏନେଇ ବାସୁଦେବପୁର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାକେଶ କୁମାର ଦାସ କହିଛନ୍ତି, ଭୁଲ୍ କ୍ରମେ ଏପରି ଖୋଳା ହୋଇଯାଇଛି। ଏହାର ତୁରନ୍ତ ମରାମତି ପାଇଁ ସମ୍ପୃକ୍ତ ସଂସ୍ଥା ସମସ୍ତ ଦାୟିତ୍ୱ ନେବ।

## ସଂକ୍ଷେପରେ

### ସାପକାମୁଡ଼ାରେ ଶିଶୁପୁତ୍ର ମୃତ

ପାଟଣା,୨।୯(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ଥାନା ମେଦିନୀପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ସାପକାମୁଡ଼ାରେ ବର୍ଷକର ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଉକ୍ତ ଗ୍ରାମର ରଞ୍ଜନ କୁମାର ନାଏକଙ୍କ ପୁଅ ଦିବ୍ୟମ ବୋଲି ଜଣାପଡ଼ିଛି। ଦିବ୍ୟମଙ୍କୁ ତାଙ୍କ ମା' ଝୁମି ନାଏକ ଘର ଚଟାଣରେ ଶୁଆଇ ଦେଇ କାମ କରୁଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ସୋମବାର ରାତିରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି। ସାହାରପଡ଼ା ଫାଣ୍ଡି ଏଏସ୍ଆଇ ପଞ୍ଚମୀ ମହାନ୍ତ କେନ୍ଦୁଝରରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

### ଉଦ୍ଧାର ମାଈ ଗାଡ଼ ଭାଲୁ ମୃତ

ପାଟଣା,୨।୯(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ରେଞ୍ଜ ମୂଷାପଡ଼ା ଗାଁ ନିକଟରେ ଥିବା ମକର ଝୁଡ଼ି ପାଖରୁ ସୋମବାର ଏକ ଆହତ ମାଈ ଗାଡ଼ ଭାଲୁକୁ ବନ ବିଭାଗ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲା। ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସା ଚାଲିଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ତା'ର ମୃତ୍ୟୁ ଘଟିଛି। ମୃତ ଭାଲୁକୁ ବିଭିଓ ସତ୍ୟ ପ୍ରକାଶ ଦ୍ୱିବେଦୀ ବ୍ୟବଚ୍ଛେଦ କରାଇବା ପରେ ରେଞ୍ଜ ପରିସରରେ ପୋତି ଦିଆଯାଇଛି। ସୂଚନାଯୋଗ୍ୟ, ଉଦ୍ଧାର ଭାଲୁର ମୁହଁରେ ଗଭୀର କ୍ଷତ ହୋଇଥିଲା। କୌଣସି ଗାଡ଼ି ଧକ୍କାରେ ଭାଲୁ ଗୁରୁତର ହୋଇଥିବା ପସ୍ତୁଟ ବନପାଳ ନିରଞ୍ଜନ ସେଠୀ ଅନୁମାନ କରାଯାଉଥିବା କହିଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

ବଡଲା,୨।୯(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ଜନଶୁଣାଣି ଅନୁଷ୍ଠିତ ହୋଇଛି। ବିଡିଓ ରଞ୍ଜନ କୁମାର ପରିଡ଼ା, ଏବିଡିଓ ରଶ୍ମିରେଖା ନାଇକ, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ଏପିଇଓ ଭୈରବ ଚନ୍ଦ୍ର ତ୍ରିପାଠୀ ଓ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସୋରେନ ଏଥିରେ ଯୋଗ ଦେଇଥିଲେ। ଏହି ଯୋଜନାରେ କାର୍ଯ୍ୟ କିଭଳି କରାଯାଇ ଶ୍ରମିକ ନିଯୁକ୍ତି ସୃଷ୍ଟି କରାଯାଇ ପାରିବ, ସେନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ କାର୍ଯ୍ୟ କରିବା ପାଇଁ ଶ୍ରମିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକର ପିଇଓ, ଏଡିଇଓ, ବିଆର୍‌ପି ଉପସ୍ଥିତ ଥିବାବେଳେ ମାନସୀ ନାୟକ, ସବିତାରାଣୀ ଆୟଚ ଓ ଶୁଭଶ୍ରୀ ରାଉତ ସହଯୋଗ କରିଥିଲେ।

## ବର୍ଷାପାଣିରେ ବୁଡ଼ିଛି ଗାଁ ରାସ୍ତା

# ନିଷ୍କାସନ ଦାବିରେ ରାଜପଥ ଅବରୋଧ

ହାଟଡିହୀ/ବଡଲା/ଛେନାପଦୀ,୨।୯ (ଶୁଭକାନ୍ତ ନାୟକ/ଦୁର୍ଗାପ୍ରସାଦ ଆୟଚ/ନିରାକାର ପରିଡ଼ା):



ଜଳକଳଙ୍ଗ ଗାଁ ଲୋକେ ୫୩ ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥକୁ ଲାଗି ରହିଥିବା ହାଟଡିହୀ ବ୍ଲକର ଜଳକଳଙ୍ଗ ଗାଁକୁ ପ୍ରବେଶ ରାସ୍ତା ଉପରେ ପ୍ରାୟ ୪ ଫୁଟ୍‌ର ବର୍ଷାପାଣି ଜମି ରହିଛି। ଏଠାରେ ଡ୍ରେନେଜ ବ୍ୟବସ୍ଥା ନ ଥିବା ଯୋଗୁ ପାଣି ନିଷ୍କାସନ ହୋଇପାରୁ ନ ଥିବାବେଳେ ଗାଁ ରାସ୍ତା ବୁଡ଼ିରହିଥିବାରୁ ଯାତାୟାତ ପାଇଁ ସ୍କୁଲ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ଲାଗି ହାଟଡିହୀ ବ୍ଲକ କାର୍ଯ୍ୟାଳୟ ମଧ୍ୟ ରହିଛି। ଗ୍ରାମବାସୀଙ୍କ ଏପରି ସମସ୍ୟା ପ୍ରତି ସରକାରୀ ଅଧିକାରୀ କିମ୍ବା ଲୋକପ୍ରତିନିଧି ଦୃଷ୍ଟି ନ ଦେବାରୁ ଗ୍ରାମର ମହିଳା ଏବଂ ପୁରୁଷମାନେ ଏକଜୁଟ ହୋଇ ପାଣି ନିଷ୍କାସନ ଦାବିରେ ମଙ୍ଗଳବାର ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଯାଏ ୫୩ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ନନ୍ଦିପଦା ପୋଲିସ, ହାଟଡିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ଏବଂ ରାଜସ୍ୱ ବିଭାଗର ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାଣି ନିଷ୍କାସନ ବ୍ୟବସ୍ଥା କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତହସିଲଦାର କହିଛନ୍ତି ଯେ, ଲୋକଙ୍କ ଦାବି ମୁତାବକ ମେଶିନ ସାହାଯ୍ୟରେ ନାଳ ଖୋଲି ପାଣି ନିଷ୍କାସନ କରାଯାଇଥିଲା। କିନ୍ତୁ ଏହି ପାଣି ଗାଁର ତଳସାହିରେ ଜମି ରହିଥିଲା। ଫଳରେ ସେହି ସାହିର ବହୁ ଲୋକ ଆସି ଏ ବାବଦରେ ଜଣାଇବା ପରେ ପାଣି ନିଷ୍କାସନକୁ ବନ୍ଦ କରାଯାଇଥିଲା। କିନ୍ତୁ ଏବେ ଯାତାୟାତରେ କୌଣସି ଅସୁବିଧା ହେବନାହିଁ। ଗାଁର ଲୋକେ ଗୋଷ୍ଠୀ ହୋଇ ଭିନ୍ନ ଭିନ୍ନ ମତ ଦେବା କାରଣରୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇପାରି ନାହିଁ। ଗାଁ ଲୋକେ ମିଳିତ ଭାବେ ଆଲୋଚନା କରି ସେମାନଙ୍କ ନିଷ୍ପତ୍ତି ଜଣାଇବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି।

## ସନ୍ଥେଇଭଞ୍ଜା ପାହାଡ଼ରେ ଜନ୍ତାଳ ପର୍ବ

କେନ୍ଦୁଝର,୨।୯ (ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ସଦର ବ୍ଲକ ଅଧୀନ ପଜାଣପଙ୍ଗା ଗାଁର ପୂର୍ବ ଭାଗରେ ଅନତି ଦୂରରେ ଥିବା ସନ୍ଥେଇଭଞ୍ଜା ଲଣ୍ଡାପାହାଡ଼ ଶିଖରରେ ଜନ୍ତାଳ ପର୍ବ ପାଳିତ ହୋଇଯାଇଛି। ଏଥିରେ ପଞ୍ଚମୁଖୀ ହୋଇ ରହିଥିବା ଏକ ଦେବୀଶାଳରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶାଳ ପୀଠରେ ମା' ବନଦୁର୍ଗାଙ୍କ ପାଖରେ ଗୋଡ଼ିବେଶ ଦଣ୍ଡପାଟରେ ୬୦ ଖଣ୍ଡ ମୌଜାର ଗାଁ ପ୍ରଧାନମାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଗାଁରୁ ଆସିଥିବା ଭୋଗ ମା'ଙ୍କ ନିକଟରେ ଲାଗି କରାଯାଇଥିଲା। ୪ଟି ମୌଜାର ଅଧିବାସୀ ପୂଜାର୍ଚ୍ଚନା କରିବା ନିମନ୍ତେ ମା'ଙ୍କ ନିକଟକୁ ଆସିଥିଲେ। ଗୋଡ଼ବେଶ ଦଣ୍ଡପାଟରେ ବଳ ବେହେରା ପ୍ରଦୀପ ବେହେରା, ଗଡ଼ ନାୟକ ପ୍ରମୋଦ କୁମାର ମହାପାତ୍ର ଜନ୍ତାଳ ପର୍ବ ଦିନ ବିଭିନ୍ନ ବାଦ୍ୟ ସହିତ ଶୀତଳ ଭୋଗର ପୂଜା ସାମଗ୍ରୀ, ଫୁଲଡାଲି ସହିତ ଦେହୁରୀ ଓକିଲ ନାଏକଙ୍କୁ ମା'ଙ୍କ ପୂଜାସ୍ଥଳୀରୁ ତାଙ୍କ ଗ୍ରାମରୁ ଆମନ୍ତ୍ରଣ କରି ଅଣାଯାଇଥିଲା। ଦେହୁରୀ ମା'ଙ୍କୁ ପବିତ୍ର ଜଳରେ ସ୍ନାନ ପରେ ଘିଅ,ହଳଦୀ,କ୍ଷୀର ଆଦି ପଞ୍ଚାମୃତରେ ମର୍ଦ୍ଦନ କଲା ପରେ ନୂତନ ବସ୍ତ୍ର ପିନ୍ଧାଇ ପୂଜାର୍ଚ୍ଚନା କାର୍ଯ୍ୟ ଶେଷ କରିଥିଲେ। ଏହି ପୂଜା କଲେ ବସନ୍ତ, ମିଳିମିଳା, ହାଡ଼ଫୁଟି, ହଇଜା ରୋଗ ନ ହେବା ଓ ଧାନ ଗଛରେ ରୋଗପୋକ ନ ଲାଗିବା ଏବଂ ଲୋକେ ସୁଖ ଶାନ୍ତିରେ ରହନ୍ତି ବୋଲି ବିଶ୍ୱାସ ରହି ଆସିଥିବା ସ୍ଥାନୀୟ ଅଧିବାସୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ କୁହନ୍ତି।



ଜନ୍ତାଳ ପର୍ବରେ ସାମିଲ ଶ୍ରଦ୍ଧାଳୁମାନେ।

# ଭୀମକୁଣ୍ଡ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ପାଟଣା,୨।୯(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ଘାଟ ବାଲିଯୋଡ଼ି ମୌଜାସ୍ଥିତ ପ୍ରସିଦ୍ଧ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପ ସାହା ଗସ୍ତ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପର୍ଯ୍ୟଟନସ୍ଥଳୀର ବାକି ଥିବା ନିର୍ମାଣ କାର୍ଯ୍ୟ ପର୍ଯ୍ୟଟନ ଋତୁ ପୂର୍ବରୁ ସାରିବାକୁ ଅତିରିକ୍ତ ଶାସନ ସଚିବ ସାହା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ କେନ୍ଦୁଝର ଜିଲାପାଳ ବିଶାଳ ସିଂ, ପ୍ରୋବେଶନ ଆଇଏଏସ୍ ପବନ କୁମାର, ଉପଜିଲାପାଳ ଉମାଶଙ୍କର ଦଳେଇ, ପାଟଣା ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଅଶ୍ୱିନୀ କୁମାର ନାଏକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଘଟଗାଁ ପୂର୍ତ୍ତ ବିଭାଗ ଏସ୍‌ଡିଓ(ରାସ୍ତା ଓ କୋଠା ବାଡ଼ି) ସୋମନାଥ ପ୍ରଧାନ, ସହକାରୀ ଯନ୍ତ୍ରୀ ମହେଶ୍ୱର୍ ପାଶା ଓ ଡୁମୁରିଆ ସରପଞ୍ଚ ଗୌରହରି ନାଏକ ପ୍ରମୁଖ ସାମିଲ ହୋଇଥିଲେ। କସୂଚନାଯୋଗ୍ୟ, ପର୍ଯ୍ୟଟନ ବିଭାଗ ପକ୍ଷରୁ ୪କୋଟି ଟଙ୍କା ବ୍ୟୟରେ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ପୂର୍ତ୍ତ ବିଭାଗ କାର୍ଯ୍ୟ କାରି କରୁଛି। ସାଧୁଙ୍କ ଗୃହ, ଯଜ୍ଞ ମଣ୍ଡପ ଓ ସୋନ୍ଦର୍ଯ୍ୟକରଣ କାର୍ଯ୍ୟ ବାକି ରହିଛି। ତେବେ ଭୀମ କୁଣ୍ଡର ପାଟଣା ପାର୍ଶ୍ୱକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବାକୁ ଦୀର୍ଘ ଦିନ ହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି।



ଉନ୍ନୟନ କାର୍ଯ୍ୟର ସମୀକ୍ଷା ବେଳେ ଅତିରିକ୍ତ ଶାସନ ସଚିବ ଅନୁପ ସାହା ଓ ଅନ୍ୟ ଅଧିକାରୀମାନେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ଢେଙ୍କିକୋଟ,୨।୯(ନୀଳମଣି ମଣ୍ଡଳ):

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ଢେଙ୍କିକୋଟ ପଞ୍ଚାୟତ କପାସପଡ଼ା ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ କୋଇଥ ନାଏକ(୭୦)। ସୂଚନା ଅନୁଯାୟୀ, କୋଇଥ ସକାଳେ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କରି ମଧ ତାଙ୍କୁ ପାଇ ନ ଥିଲେ। ଅପରାହ୍ନରେ ଘର ନିକଟସ୍ଥ ପୋଖରୀରେ ତାଙ୍କ ମୃତଦେହ ଦେଖି ଗ୍ରାମବାସୀ ଖବର ଦେଇଥିଲେ। ଖବରପାଇ ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅଧିକାରୀ ତ୍ରିନାଥ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପାଟଣା ଡାକ୍ତଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୫) ରୁଜୁ ହୋଇଛି।

## କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

ଆନନ୍ଦପୁର, ୨।୯(ସୁଶାନ୍ତ କୁମାର ସାହୁ):

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। କିଛି ଦିନ ହେଲା ପଞ୍ଚାୟତରେ ବିଶୃଙ୍ଖଳା ଚାଲିଛି। ପ୍ରତ୍ୟେକ ମାସ ପଞ୍ଚାୟତ ବୈଠକ ହେଲେ ୱାର୍ଡମେମ୍ବରମାନଙ୍କସହ କୌଣସି ଆଲୋଚନା ନ କରି କେବଳ ଦସ୍ତଖତ କରିନେଇ ଫଟୋ ଉଠାଇ ଛାଡ଼ିଦିଅନ୍ତି। ପଞ୍ଚାୟତ ପାସ୍‌ବୁକ୍‌ର ହିସାବ ମାଗିଲେ ସରପଞ୍ଚଙ୍କ ସ୍ୱାମୀ ତାଗିଦ୍ କରୁଥିବା, ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଲାଗି ପିସି କାରବାର ହେଉଥିବା ୱାର୍ଡମେମ୍ବର ସୁକାନ୍ତି ବେହେରା, ନାଏବ ସରପଞ୍ଚ ମଞ୍ଜୁଲତା ବାରିକ, ଉମାମଣୀ ନାଏକ, ହରିହର ନାଏକ, ଇନ୍ଦୁମତୀ ଖଣ୍ଡା, ନାରାୟଣ ବିରୁଆ, ଅଳକା ବାରିକ ସୋମବାର ଉପଜିଲାପାଳଙ୍କ ପାଖରେ ଅନାସ୍ଥା ପାଇଁ ଲିଖିତ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ଆନନ୍ଦପୁର ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ତ୍ରିଲୋଚନ ହେଲେ ପୌରପାଳିକାର ପରିବେଶ ଆମ୍ବାସାଡର୍



ସ୍ୱାୟତ୍ତ ଶାସନ ଦିବସ ଅବସରରେ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଆନନ୍ଦପୁର, ୨।୯(ସୁଶାନ୍ତ କୁମାର ସାହୁ):

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆନନ୍ଦପୁର ପୌରପାଳିକା ପକ୍ଷରୁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ(୩୫)ଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ପୌରପାଳିକା ପକ୍ଷରୁ ତାଙ୍କୁ ପରିବେଶ ସୁରକ୍ଷା ଏବଂ ପ୍ରକୃତି ସଂରକ୍ଷଣ ପାଇଁ ଆମ୍ବାସାଡର୍ ଘୋଷଣା କରାଯାଇଛି। ପୌର ପରିଷଦ ଅଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ, ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ସାହୁ, କାଉନସିଲର ସନତ କର, ସୁରେନ୍ଦ୍ର ଦାସ, କୃଷ୍ଣ ରଣା, ସୁଜିତ କୁମାର ସାହୁ, ନିବେଦିତା ବେହେରା, ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପରିବେଶ ସୁରକ୍ଷା ଉପରେ ଅଧିକ ମନୋନିବେଶ କରିବେ। ଏଥିସହ ଆନନ୍ଦପୁର ପୌର ପରିଷଦକୁ ସବୁଜ ସୁନ୍ଦର କରିବା ପାଇଁ ଚେଷ୍ଟା ଜାରି ରଖିବେ ବୋଲି ତ୍ରିଲୋଚନ କହିଛନ୍ତି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ପ୍ରକାଶଥାଉ କି, ବିଗତ ଦିନରେ ତ୍ରିଲୋଚନ ପୌରପାଳିକା ଅଧୀନ ନିଜ ଗାଁ ଫକୀରପୁରର ଏକ ପରିତ୍ୟକ୍ତ ସ୍ଥାନକୁ ସଫା କରି ୧୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଫୁଲ ଓ ଫଳ ଗଛ ଲଗାଇ ଏହାକୁ ଜଙ୍ଗଲ ରୂପ ଦେଇ ପ୍ରଶଂସିତ ହୋଇଥିଲେ।

## ଲଗାଣ ବର୍ଷାରେ ଘରେ ପଶିଲା ପାଣି

ଆନନ୍ଦପୁର, ୨।୯(ସୁଶାନ୍ତ କୁମାର ସାହୁ):

ଲଘୁଚାପ ପ୍ରଭାବରେ ସୋମବାର ରାତିରୁ ପ୍ରବଳ ବର୍ଷା ଲାଗିରହିଛି। ଆନନ୍ଦପୁର ପୌରପରିଷଦ ୧୪ ନମ୍ବର ୱାର୍ଡରେ ସ୍ଥିତି ବେହାଲ ହୋଇଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିବା ସହିତ ଅନେକଙ୍କ ଘରେ ପାଣି ପଶି ଯାଇଛି। ଫଳରେ ସମ୍ପୃକ୍ତ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ପାହିବା ବେଳକୁ ଘର ଭିତରେ ଆଣ୍ଠୁଏ ପାଣି ଦେଖି ସେମାନେ ହତବାକ ହୋଇଯାଇଥିଲେ। ପ୍ରବଳ ବର୍ଷା ସାଙ୍ଗକୁ ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ତୁରନ୍ତ ପୌରପରିଷଦ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ସେମାନଙ୍କ ଘରୁ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜୋନସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ବାରିପଦା,୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ. ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ପିସି ପୁର ଜୋନସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ଦିଗଦର୍ଶନରେ ବାରିପଦା ବ୍ଲକକୁ ୪ଟି ଜୋନରେ ବିଭକ୍ତ କରାଯାଇଥିବାବେଳେ ପିସି ପୁର ଜୋନରେ ୧୦ଟି ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୪ ଓ ୧୭ ବର୍ଷରୁ କମ ବାଳିକା ଓ ବାଳକ ଉଭୟ ବର୍ଗର କବାଡି, ଖୋ - ଖୋ ଏବଂ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ସରୋଜ କୁମାର ରାମ, ଅଭିଷେକ ବେହେରା, ମନୋଜ କୁମାର ରାମ, ପ୍ରଶାନ୍ତ କୁମାର ଦଣ୍ଡପାଟ, ଧରିତ୍ରୀ ମହାନ୍ତ, ସୁପ୍ରଭା ପାତ୍ର, କାପୁରା ସୋରେନ, ଇପ୍ସିତା ମଲ୍ଲିକ ଓ ମମତା ଦାସ ଖେଳ ପରିଚାଳନା କରିବା ସହ ଖେଳାଳି ଚୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସମସ୍ତ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

## ଯୋଡ଼ା ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଯୋଡ଼ା,୨।୯(ମାନସ ମହାନ୍ତି):

ଯୋଡ଼ା ଥାନା ପୋଲିସ ପକ୍ଷରୁ ମଙ୍ଗଳବାର ସହରର ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ଯୋଡ଼ା ଅଞ୍ଚଳର ପ୍ରମୁଖ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ଆଇଆଇସି ପ୍ରଶାନ୍ତ ସାମଲଙ୍କ ନେତୃତ୍ୱରେ ଯୋଡ଼ା ବ୍ଲକ୍ ଛକ, ଏନ୍‌ଏସି ଗେଟ୍, ସାଇ ମନ୍ଦିର, ଯୋଡ଼ା ଇଷ୍ଟ, ବସ୍‌ଷ୍ଟାଣ୍ଡ, ଯୋଡ଼ା ମାର୍କେଟ, ବନେଇକଳା ବସ୍ତି ଆଦି ସ୍ଥାନରେ ସଚେତନତା କରାଯାଇଥିଲା। ବିଭିନ୍ନ ସମ୍ବେଦନଶୀଳ ଛକରେ ଏବେଠାରୁ ପୋଲିସ ମୁତୟନ କରାଯାଇଛି। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ସାମିଲ ଥିଲେ।



ଯୋଡ଼ା ସହରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ରାସ୍ତାରୋକୋ କଲେ ଅଭିଭାବକ

ଗୋପବନ୍ଧୁ ନଗର,୨।୯ (ଶାନ୍ତନୁ କୁମାର ମଲୁଆଳ):



ଅଭିଭାବକଙ୍କ ସହ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିଛନ୍ତି।

ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ବିପଦପୂର୍ଣ୍ଣ ଶ୍ରେଣୀ ଗୃହକୁ ନେଇ ମଙ୍ଗଳବାର ଅଭିଭାବକମାନେ ନିଜ ନିଜ ପିଲାମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ପାଠପଢ଼ା ବ୍ୟାହତ ହୋଇଛି। ଶତାଧିକ ଅଭିଭାବକ ରାସ୍ତା ରୋକରେ ସାମିଲ ହେବା ଯୋଗୁ ଉଦଳା-ଜୟପୁର ରାସ୍ତାରେ ଯାତାୟତ ଠପ୍ ହୋଇ ପଡ଼ିଥିଲା। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ ତିନୋଟି ଶ୍ରେଣୀ ଗୃହ ରହିଛି। ତେବେ ସେଥି ମଧ୍ୟରୁ ୨୫ ବର୍ଷ ତଳୁ ନିର୍ମିତ ଶ୍ରେଣୀ ଗୃହଟି ଦୁଇ ବର୍ଷ ହେବ ବିପଦପୂର୍ଣ୍ଣ ଅବସ୍ଥାକୁ ଆସିବା ଫଳରେ ଅଭିଭାବକମାନଙ୍କୁ ପିଲାମାନଙ୍କର ସୁରକ୍ଷା ଚିନ୍ତା ଘାରିଛି। ବିଦ୍ୟାଳୟର ଶିଶୁ ବାଟିକା ସହ ଅଧ୍ୟୟନରତ ୧୧୭ ଛାତ୍ରୀଛାତ୍ରଙ୍କୁ ଉକ୍ତ ତିନୋଟି ଗୃହରେ ଶିକ୍ଷାଦାନ ଦିଆଯାଉଛି। ତେବେ ବହୁ ଦିନ ହେବ ଏହି ବିପଦପୂର୍ଣ୍ଣ ଗୃହ ସମ୍ପର୍କରେ ବିଡିଓ ଓ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏ ଦିଗରେ କେହି ଦୃଷ୍ଟି ନ ଦେବା ଯୋଗୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିଲେ ଅଭିଭାବକ। ଖବର ପାଇ ତହସିଲଦାର ଓମ ପ୍ରକାଶ ମହାନ୍ତି, ଏବିଇଓ କୁଳମଣି ନାଏକ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଣ୍ଡିଆ ତଥା ପୋଲିସ ଅଧିକାରୀ ପ୍ରମୁଖ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଅପରାହ୍ନ ସୁଦ୍ଧା ସମାଧାନର ରାସ୍ତା ବାହାରି ପାରି ନ ଥିଲା। ଅଭିଭାବକ ମାନେ ନିଜ ଜିଦ ରେ ଅଟଳ ରହିଥିଲେ। ତେବେ ମଙ୍ଗଳବାର ବିଡିଓ ପୃଥ୍ୱିରାଜ ପରିଡ଼ା ଅନ୍ୟ କାର୍ଯ୍ୟରେ ବାହାରକୁ ଯାଇଥିବାରୁ ଏ ନେଇ ବୁଧବାର ଆଲୋଚନା ହେବ ବୋଲି ଏବିଇଓ ନାଏକ କହିଛନ୍ତି।

# ୩ ମାସରେ ୨ ଥର ମରାମତି

**କେନ୍ଦୁଝର ଡିଏମ୍‌ଏଫ୍ କେଳେଙ୍କାରୀ**

■ ଡେକୋରେଶନରେ ୪୧ ଲକ୍ଷ ଖର୍ଚ୍ଚ

କେନ୍ଦୁଝର/ହାଟଡିହୀ,୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ):

କେନ୍ଦୁଝର ଡିଏମ୍‌ଏଫ୍ କେଳେଙ୍କାରୀର ଆଉ ଏକ ତଥ୍ୟ ସାମ୍ନାକୁ ଆସିଛି। ମାତ୍ର ୩ ମାସ ବ୍ୟବଧାନରେ ଦୁଇ ଦୁଇ ଥର କେନ୍ଦୁଝର ଡିଏମ୍‌ଏଫ୍ ଅଫିସ ରୁମ୍ ମରାମତି ପାଇଁ ୩୭ଲକ୍ଷ ୫୩ ହଜାର ୯୫୧ ଟଙ୍କା ଏବଂ ଡିଏମ୍‌ଏଫ୍ ହଲ୍ ଇଣ୍ଟେରିଅର ଡେକୋରେଶନ ପାଇଁ ୪ଲକ୍ଷ ୩୦ହଜାର ୨୮୫ ଟଙ୍କା ଖର୍ଚ୍ଚ କରାଯିବା ପରିତାପର ବିଷୟ ପାଲଟିଛି। ଡିଏମ୍‌ଏଫ୍ ଅଫିସ ରୁମ୍ ମରାମତି, ଡେକୋରେଶନ, ଫର୍ନିଚର କିଣିବା ପାଇଁ ଡିଏମ୍‌ଏଫ୍ କଣ୍ଟିଜେନ୍ସିରୁ ଲକ୍ଷାଧିକ ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଇଛି। ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିବା ବେଳେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଇଂ. ବିନୋଦ ବିହାରୀ ନାୟକ, ପ୍ରଦ୍ୟୁମ୍ନ ଦାସ, ଅଶୋକ ଜେନା, କିଶୋର ସେଠୀ ପ୍ରମୁଖ ନିରପେକ୍ଷ ତଦନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୩ ମହଲା ବିଶିଷ୍ଟ କେନ୍ଦୁଝର ଜିଲା ପରିଷଦ କାର୍ଯ୍ୟାଳୟ(ଡିଆର୍‌ଡିଏ)ର ୨ୟ ମହଲାରେ କେନ୍ଦୁଝର ଡିଏମ୍‌ଏଫ୍ ଅଫିସ ଅବସ୍ଥିତ। ମୋଟ ୪ଟି ଛୋଟ, ବଡ଼ ରୁମ୍‌ରେ ଡିଏମ୍‌ଏଫ୍ ଅଫିସ ଚାଲୁଛି। ଡିଏମ୍‌ଏଫ୍ ଅଫିସ୍ କେସ୍ ରେକର୍ଡ ନଂ.୬୬/୨୦୨୪ ଅନୁସାରେ କେନ୍ଦୁଝର ଆର୍ ଆଣ୍ଡ ବି ବିଭାଗକୁ ମଧ ଡିଏମ୍‌ଏଫ୍ ଅଫିସ ରୁମ୍ ରିନୋଭେଶନ(ମରାମତି) ପ୍ରକଳ୍ପ ପାଇଁ ୨୦।୧୦।୨୦୨୦ରେ ୧୯ଲକ୍ଷ ୯୯ହଜାର ୪୫୭ଟଙ୍କା ଏବଂ ୫।୨।୨୦୨୧ରେ ୧୭ଲକ୍ଷ ୫୪ହଜାର ୪୯୪ ଟଙ୍କା ପ୍ରଦାନ ହୋଇଛି। ଏହା ପୂର୍ବରୁ ମଧ ଡିଏମ୍‌ଏଫ୍ ଅଫିସ୍ ରୁମ୍ ରିନୋଭେଶନ ପ୍ରକଳ୍ପ ପାଇଁ ସଦର ବିଡିଓଙ୍କୁ ୯।୮।୨୦୧୮ରେ ୪ ଲକ୍ଷ ୯୫ହଜାର ୪୮୯ଟଙ୍କା ପ୍ରଦାନ ହୋଇଛି। ସେହିପରି ଡିଏମ୍‌ଏଫ୍ ହଲ୍ ଇଣ୍ଟେରିଅର ଡେକୋରେଶନ ପ୍ରକଳ୍ପ ପାଇଁ ୨୨।୧୧।୨୦୧୭ ରେ ସଦର ବିଡିଓଙ୍କୁ ୨ ଲକ୍ଷ ୪୪ ହଜାର ୪୦୦ ଟଙ୍କା ଏବଂ ୨୩।୨।୨୦୧୮ରେ ୧ ଲକ୍ଷ ୮୫ହଜାର ୮୮୫ ଟଙ୍କା ପ୍ରଦାନ କରାଯାଇଛି। ୩।୧୦।୨୦୧୮ରେ ସଦର ବିଡିଓଙ୍କୁ ଡିଏମ୍‌ଏଫ୍ ଅଫିସର ଫର୍ନିଚର ପାଇଁ ୪ ଲକ୍ଷ ୬୭ ହଜାର ୬୩୨ଟଙ୍କା ପ୍ରଦାନ ହୋଇଛି। ଆହୁରି ମଧ ଡିଏମ୍‌ଏଫ୍ କାର୍ଯ୍ୟାଳୟର ବୈଦ୍ୟୁତିକ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ସାମଗ୍ରୀ, ଉପକରଣ କିଣିବା ଆଳରେ କଣ୍ଟିଜେନ୍ସିରୁ ଲକ୍ଷାଧିକ ଟଙ୍କା ପାଣି ଭଳି ଖର୍ଚ୍ଚ ହୋଇଛି। ଅପରପକ୍ଷେ ଏପରି ମିଛ ଖର୍ଚ୍ଚ ଦର୍ଶାଯାଇ ଅନୁଦାନକୁ ମିଳିମିଶି ହେରଫେର କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜ୍ୟ ଫାଇନାନ୍ସ, ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ଏବଂ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ଅଗଷ୍ଟ ୨୦ରେ ଅଭିଯୋଗ ମଧ ହୋଇଛି। ଖର୍ଚ୍ଚ ସଂକ୍ରାନ୍ତୀୟ ଉଚିତ ଏବଂ ଉପଯୁକ୍ତ, ରେକର୍ଡ,ଦସ୍ତାବିଜ,ଅନ୍ୟାନ୍ୟ କାଗଜପତ୍ର ଡିଏମ୍‌ଏଫ୍ ଅଫିସ୍‌ରେ ମହଜୁଦ ନ ଥିବା ସହ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରି ଛାତ୍ରଙ୍କ ବିକ୍ଷୋଭ

■ ଛାତ୍ରାବାସ ରୋଷେଇ ଘରେ ଲାଗିଲା ନିଆଁ
■ ଅଳ୍ପକେ ବର୍ତ୍ତିଲେ ଅନ୍ତେବାସୀ

ବାରିପଦା,୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସୁମିତା ସିଂ ବୁଝାଶୁଝା କରୁଛନ୍ତି।

ମୟୂରଭଞ୍ଜ ଜିଲ୍ଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମେଘାସନୀ ହଷ୍ଟେଲ ଛାତ୍ରାବାସ-୧ ରୋଷେଇ ଘରେ ମଙ୍ଗଳବାର ସକାଳ ୮ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ ସିଲିଣ୍ଡର ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନି ନିର୍ବାପକ ଯନ୍ତ୍ର ଠିକ୍ ଭାବେ କାର୍ଯ୍ୟକ୍ଷମ ନ ହେବା ଏବଂ ହଷ୍ଟେଲର ଅବ୍ୟବସ୍ଥାକୁ ନେଇ ଛାତ୍ରମାନେ ବିଶ୍ୱବିଦ୍ୟାଳୟ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସୁମିତା ସିଂ ଆନ୍ଦୋଳନକାରୀ ଛାତ୍ରଙ୍କ ନିକଟରେ ପହଞ୍ଚି ମାସକ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହି ଘଟଣା ପରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ରୋଷେଇ ଘରେ ବ୍ୟବହୃତ ହେଉଥିବା ଗ୍ୟାସ ସିଲିଣ୍ଡରର ରେଗୁଲେଟରଟି ଦୀର୍ଘ ଦିନ ହେଲା ଖରାପ ଅବସ୍ଥାରେ ଥିଲେ ମଧ୍ୟ ସେଥିରେ କାର୍ଯ୍ୟ ଚାଲୁ ରହିଥିଲା। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଏହାକୁ ପରିବର୍ତ୍ତନ କରାଯାଉ ନ ଥିଲା। ସେହିଭଳି ଅବସ୍ଥାରେ ରୋଷେଇ କାର୍ଯ୍ୟ ଚାଲୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଥିଲା। ଫଳରେ ରୋଷେଇ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ରୋଷୟା ଓ ଅନ୍ତେବାସୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ହଷ୍ଟେଲ ପରିଚାଳନାରେ ବିଭିନ୍ନ ସମସ୍ୟା ରହୁଥିବା ବେଳେ ଏଥିପ୍ରତି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ରୋଷୟା ଦେବଦତ୍ତ ଡାଲିନ୍ଦି କୁହନ୍ତି, ବର୍ଷେ ହେଲା ରେଗୁଲେଟର ଖରାପ ହୋଇଥିବାରୁ ବାରମ୍ବାର ଏହାକୁ ବଦଳାଇ ଦେବାକୁ ସେ କହିଥିଲେ। ଏପରିକି ୩/୪ ଦିନ ପୂର୍ବରୁ ରେଗୁଲେଟରରୁ ଲିକ ହୋଇ ଗ୍ୟାସ ବାହାରୁଥିବା ଜଣାଇବାରୁ ଦାୟିତ୍ୱରେ ଥିବା କର୍ମଚାରୀ ଏକ ପୁରୁଣା ରେଗୁଲେଟର ଆଣି ଦେଇଥିଲେ। ତେବେ ଏହି ପୁରୁଣା ରେଗୁଲେଟରରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ରୋଷେଇ ଘର ସମସ୍ତ ସାମଗ୍ରୀ ପୋଡ଼ିଯାଇଥିବା ସେ କହିଛନ୍ତି।

# ଗଡ଼ିଲା ସଚେତନତା ରଥ




ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ମୋରଡ଼ା,୨।୯(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ପୃଷ୍ଟି ଶସ୍ୟ ଖାଦ୍ୟ ବ୍ୟବହାରକୁ ବୃଦ୍ଧି କରିବା ପାଇଁ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାର୍ଡା ସହାୟକ ସଂସ୍ଥାର ଆୟୋଜନ କ୍ରମେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ମାଣ୍ଡିଆକୁ ନିୟମିତ ଖାଦ୍ୟ ଆକାରରେ ଲୋକମାନଙ୍କ ମଧ୍ୟରେ ବ୍ୟବହାରକୁ ବଢ଼ାଇବା ପାଇଁ ଉକ୍ତ ସଚେତନତା ରଥ ମୋରଡ଼ା ବ୍ଲକ ଅଞ୍ଚଳ ପରିକ୍ରମା କରିବ। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ସମ୍ମାନୀତ ଅତିଥି ଭାବେ ବିଡିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ବ୍ଲକ୍ କୃଷି ଅଧିକାରୀ ସ୍ନେହାଶିଷ ସାହୁ, ମିଶନ ଶକ୍ତିର ବିପିଏମ, ଗଡ଼ିଗାଁ ଆରଆଇ ସାଲାଏ ହେମ୍ବ୍ରମ, ସ୍ୱାର୍ଡା ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପତାକା ହଲାଇ ରଥକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୦ଟି ପଞ୍ଚାୟତକୁ ଉକ୍ତ ରଥ ବୁଲି ମାଣ୍ଡିଆ ଖାଦ୍ୟର ଉପକାରିତା ଓ ଚାଷର ଲାଭ ସମ୍ପର୍କରେ ଚାଷୀ ଓ ଜନ ସାଧାରଣଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ହୃଦାନନ୍ଦ ସାହୁ, ସହ ସଂଯୋଜକ ସାୱନା ମାର୍ଣ୍ଡି, ଆକାଉଣ୍ଟାଣ୍ଟ ସଞ୍ଜୟ ଦ୍ୱାରୀ, ସିଇଓ ମୋହନ ମୁର୍ମୁ, ପ୍ରସନ୍ନ ମହାନ୍ତ, ବିକ୍ରମ ନାଏକ ପୂର୍ଣ୍ଣଚନ୍ଦ୍ର ନାଏକ, ଉପେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ କରିଥିଲେ।

## ଚାରାରୋପଣ

ବେତନଟୀ,୨।୯(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକ ଅଧୀନ ଖଇରାବଣି ଆଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ଚାରାରୋପଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ଓ ଗ୍ରାମାଞ୍ଚଳ ଗ୍ରାମରେ ବିଭିନ୍ନ ଫୁଲ, ଫଳ, ଔଷଧ ଓ ମସଲା ଗଛର ଚାରାରୋପଣ କରାଯାଇଥିଲା। ଏହି ଅବସରରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀସ୍ଥିତ ଏକ ଅନୁଷ୍ଠାନପକ୍ଷରୁ ଏହି ଚାରାଯୋଗାଇଦିଆଯାଇଥିଲା। ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ

ବାରିପଦା,୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଓସୱାସ ବ୍ୟବସ୍ଥାର ସୁଗମ କାର୍ଯ୍ୟକାରିତା ନିମନ୍ତେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ପାଇଁ ଆଭାସୀ ଢଙ୍ଗରେ ଅନଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ୨ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକ ଓସୱାନ ହଲରେ ଉପସ୍ଥିତ ରହି ଏହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ତାଲିମ କାର୍ଯ୍ୟକ୍ରମରେ ଓସୱାସ ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ସମୟରେ ଜିଲ୍ଲାର ସମସ୍ତ ବିଭାଗର ଫାଇଲ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ସ୍ତର ଦେଇ ଗତିଶୀଳ ହୋଇ ଅନୁମୋଦିତ ହେବ ଏବଂ ସମୟର ଠିକ୍ ଉପଯୋଗ ହୋଇ ପାରିବ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ଇ- ଗଭର୍ନାନ୍ସର ପରିଚାଳିକା ସେବତୀ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ବାରିପଦା ଓସୱାନ ହଲ୍‌ଠାରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କାର୍ଯ୍ୟାଳୟର ସହାୟକଙ୍କମାନେ ଯୋଗ ଦେଇଥିବା ବେଳେ ବ୍ଲକ ଓ ତହସିଲ ଅଧିକାରୀ ଓ ସହାୟକମାନେ ବ୍ଲକ ଓସୱାନରେ ଯୋଡି ହୋଇ ତାଲିମ ଗ୍ରହଣ କରିଥିଲେ।

# ମଦ ବିକ୍ରିକୁ ନେଇ ବୃଦ୍ଧଙ୍କ ମୃତ୍ୟୁ ଘଟଣା, ୪ ଗିରଫ

ମୋରଡ଼ା,୨।୯(ସ୍ମାରକ ମାଝୀ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ଗୁଡ଼ିଖଣିଆ ଗ୍ରାମରେ ଗତ ରବିବାର ସନ୍ଧ୍ୟାରେ ମଦ ବିକ୍ରିକୁ ନେଇ ୩ଜଣ ବ୍ୟକ୍ତି ସୋରେନ ଟୁଡୁ ନାମକ ବୃଦ୍ଧଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ପୁତୁରା ସନା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୩୪୦/୨୫) ରୁଜୁକରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କ ସହ ମୋଟ ୪ଜଣଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝରିଆ ଗ୍ରାମର ଶୁଭକାନ୍ତ ରାମ, କୁମାର ମୁର୍ମୁ, ବୈଶିଙ୍ଗା ଥାନା ଅଞ୍ଚଳର କାର୍ତ୍ତିକ ସିଂ ଏବଂ ପାଞ୍ଚମାଣିଆ ଗ୍ରାମର ଗୋବିନ୍ଦଚନ୍ଦ୍ର ପୃଷ୍ଟି ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଗୋପବନ୍ଧୁ ନଗର,୨।୯(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଭାତ କୁମାର ସେନାପତି, ଅଶ୍ୱିନୀ କୁମାର ପ୍ରଧାନ, ବିବେକାନନ୍ଦ ଗିରି, ଗୋପୀନାଥ ପଣ୍ଡା, ଅଧ୍ୟାପିକା ମୀତାରାଣୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ସଫଳତା ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶ୍ରେଷ୍ଠ ଓ ସଫଳ ବ୍ୟକ୍ତିର ପରିଚୟ କେବଳ ଜଣେ ଗୁରୁ ହିଁ ଦେଇ ପାରନ୍ତି ବୋଲି ଛାତ୍ରୀ ଛାତ୍ର ମାନେ ମତବ୍ୟକ୍ତ କରିଥିଲେ।

# କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ପର୍ଯ୍ୟବେକ୍ଷକମାନେ।

**ବାରିପଦା,୨।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ମୟୂରଭଞ୍ଜ କଂଗ୍ରେସ ସାଂଗଠନିକ ଜିଲ୍ଲା(ପୂର୍ବ) ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଳା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଯୁବ ଛାତ୍ର ରାଜ୍ୟ କଂଗ୍ରେସ ସଂଯୋଜକ ନଳିନୀ ମହାନ୍ତି ଦିନିକିଆ ଗସ୍ତରେ ଆସି ଫେରିଛନ୍ତି। ବାରିପଦା ସର୍କିଟ ହାଉସରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ଆହୂତ ଖବରଦାତା ସମ୍ମିଳନୀରେ ସମସ୍ତେ ସୂଚନା ଦେଇଥିଲେ। ପର୍ଯ୍ୟବେକ୍ଷକ ଶୁକ୍ଳା ତାଙ୍କ ଟିମ୍ ସହ ୭ ଦିନ ବିଭିନ୍ନ ବ୍ଲକ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏଆଇସିସି ସଦସ୍ୟା ତଥା ପୂର୍ବତନ ସାଂସଦ ସୁଶିଳା ତିରିଆ ଓ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ଦୁର୍ଗାପୂଜା କମିଟିର ନୂଆ କର୍ମକର୍ତ୍ତା

ରାଇରଙ୍ଗପୁର,୨।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସାର୍ବଜନୀନ ଦୁର୍ଗାପୂଜା ପୂଜା କମିଟି ପକ୍ଷରୁ ସ୍ଥାନୀୟ କୁଚେଇବୁଢ଼ି ପୂଜା ମଣ୍ଡପରେ ସୋମବାର ସନ୍ଧ୍ୟା ୭ଟାରେ ଚଳିତ ୨୦୨୫ ଦୁର୍ଗା ପୂଜା ପାଳନ ସକାଶେ ନୂତନ କର୍ମକର୍ତ୍ତା ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କୁ ସଭାପତି ଏବଂ ସମ୍ପାଦକ ଭାବେ ଆନଶ ମହାପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ଏଥିସହ ନୂତନ କମିଟିରେ ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ କରାଯାଇଛି। ମଣ୍ଡପରେ ଆକର୍ଷଣୀୟ ଦୁର୍ଗାଙ୍କ ପ୍ରତିମା ଏବଂ ତୋରଣ, ଆଲୋକ ସାଜସଜ୍ଜା ସହ ରାତିରେ ପୂଜା ମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା।

# ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

ଖାରପୋଖରିଆ,୨।୯(ସୁଧୀର କୁମାର ମହାନ୍ତ)– ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସାରସକଣା ବ୍ଲକ୍ ଶିକ୍ଷାଧିକାରୀ ମଙ୍ଗଳ ସିଂଙ୍କ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା ଯୋଜନା ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା (ଉଲ୍ଲାସ) କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସାରସକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରିକୁ ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ତଥା ଏବିଇଓ ସୁମନ୍ତ ନାଏକ ଉଦ୍‌ଘାଟନ କରି ଉଲ୍ଲାସ ଯୋଜନାର ଆଭିମୁଖ୍ୟ ଓ ପରିଚାଳନାର ବିଭିନ୍ନ ମାର୍ଗ ଉପରେ ତାଲିମଧାରୀ ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଶିବିରରେ ସାରସକଣା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ପ୍ରତ୍ୟେକ କ୍ଲଷ୍ଟରସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି) ୧୬ ଜଣ ଶିକ୍ଷକ, ପ୍ରତ୍ୟେକ କ୍ଲଷ୍ଟରର ପ୍ରଧାନ ଶିକ୍ଷକ ୧୬ଜଣ, କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରୁଥିବା ୧୬ ଜଣ ବରିଷ୍ଠ ଶିକ୍ଷକଙ୍କୁ ମିଶାଇ ମୋଟ ୪୮ ଜଣଙ୍କୁ ଉଲ୍ଲାସ କାର୍ଯ୍ୟକ୍ରମ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବେ ରାଜ କୁମାର ସାହୁ, ରଙ୍ଗବଲ୍ଲଭ ସାହୁ, ସୁମନ୍ତ ନାଏକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମ ପରିସମାପ୍ତି ପରେ ତାଲିମଧାରୀମାନେ ପ୍ରତ୍ୟେକ କ୍ଲଷ୍ଟର ମଧ୍ୟରେ ଗ୍ରାମାଞ୍ଚଳରେ ଶିକ୍ଷାଦାନ କରୁଥିବା ସ୍ୱେଚ୍ଛାକୃତ ଶିକ୍ଷୟିତ୍ରୀଶିକ୍ଷକ (ଭିଟି)ମାନଙ୍କୁ ତାଲିମ ମାଧ୍ୟମରେ ଗାଁ ଗହଳିରେ ଥିବା ନିରକ୍ଷରମାନଙ୍କ ନାମ ଉଲ୍ଲାସ ଆପ ମାଧ୍ୟମରେ ପଞ୍ଜୀକରଣ କରିବେ। ଏହା ସହିତ ପ୍ରତି ସ୍ୱେଚ୍ଛାକୃତ ଶିକ୍ଷାଦାନ କରୁଥିବା ବ୍ୟକ୍ତି ସର୍ବନିମ୍ନ ୧୦ଜଣ ନିରକ୍ଷରଙ୍କୁ ସାକ୍ଷର କରି ନବ ଭାରତ ସାକ୍ଷରତା (ଉଲ୍ଲାସ)କୁ ସଫଳ ରୂପାୟନ କରି ଦେଶରୁ ନିରକ୍ଷର ଦୂର କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଜଣାପଡିଛି।

# ଗଛ ଉପୁଡ଼ି ଠାକୁରାଣୀ ଶାଳ ଭାଙ୍ଗିଲା

ଠାକୁରମୁଣ୍ଡା,୨।୯(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା – ଉଦଳା ରାସ୍ତାରେ ଥିବା ଶରତ ଘାଟି ଠାକୁରାଣୀ ଶାଳ ଉପରେ ଏକ ପୁରାତନ ଆମ୍ବ ଗଛ ସୋମବାର ବିଳମ୍ବିତ ରାତିରେ ଉପୁଡି ପଡିଛି। ଫଳରେ ଠାକୁରାଣୀ ଶାଳ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏଥି ସହିତ ଠାକୁରାଣୀ ଶାଳକୁ ଲାଗି ରହିଥିବା ବନ ସୁରକ୍ଷା କମିଟିର ଏକ ଘରର ମଧ୍ୟ ଆଂଶିକ କ୍ଷତି ହୋଇଛ। ମଙ୍ଗଳବାର ସକାଳେ ଖବର ପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଉପୁଡି ପଡିଥିବା ଅମ୍ବ ଗଛକୁ କାଟିଥିଲେ। ଏହି ବିଶାଳ ଆମ୍ବ ଗଛକୁ କାଟି ସଫା କରିବାକୁ ଅଗ୍ନିଶମ ବିଭାଗକୁ ୮ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା। ଲଗାଣ ବର୍ଷା ଯୋଗୁ ଗଛଟି ଉପୁଡି ପଡ଼ିଥିବା ଜଣାପଡ଼ିଛି।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ଠାକୁରମୁଣ୍ଡା,୨।୯(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା ରେଞ୍ଜ ପଡ଼ିଆବେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଶାପୋଷି ଗ୍ରାମର ଖିରାୟ ମହାନ୍ତ(୬୨) ଭାଲୁ ଅକ୍ରମଣରେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ସକାଳ ୯ଟାରେ ଶୌଚ ହେବାକୁ ଘର ନିକଟ ଜଙ୍ଗଲକୁ ଯାଇଥିବା ବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ବାମ ହାତ ଓ ଛାତିରେ ଗଭୀର କ୍ଷତ ହୋଇଛି।


No. C-990

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL, BARGARH
At/P.O./Dist.: Bargarh, PIN - 768028

No. 3695 Date: 01.09.25

Invitation for Bids
BID IDENTIFICATION No. 01/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 03 Nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 11.00 Hrs. Dt.02.09.2025 to 17.00 Hrs. Dt.09.09.2025 |
| 7 | Date of Opening of Bid | Dt.10.09.2025 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** any addendum/corrigendum/cancellation of tender can also be seen only in the said website.

Sd./- Executive Officer, Bargarh Municipality
OIPR-13103/11/0019/2526



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
No. RR-11
ବିଜ୍ଞାପନ

ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ସମ୍ପାଦନା, ବନାନଶୁଦ୍ଧି ତଥା ପ୍ରୁଫ୍ ସଂଶୋଧନ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ୨ଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନ ସର୍ତ୍ତରେ ତା.୨୩.୦୯.୨୦୨୫ରିଖ ସୁଦ୍ଧା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନପାଇଁ ପ୍ରତିଷ୍ଠାନର ୱେବ୍‌ସାଇଟରେ ଉପଲବ୍ଧ ଦରଖାସ୍ତର ନମୁନା ଫର୍ମ ଓ ସର୍ତ୍ତାବଳୀ ଅନୁଯାୟୀ ସ୍ପିଡ୍-ପୋଷ୍ଟ କିମ୍ବା ଇ-ମେଲ ମାଧ୍ୟମରେ ଆବେଦନ କରିପାରିବେ।

୧. ପ୍ରଶିକ୍ଷଣ ଶିବିର କେବଳ ତାଲିମ୍ ପାଇଁ ଉଦ୍ଦିଷ୍ଟ। ଏହା ପ୍ରତିଷ୍ଠାନର ନିଯୁକ୍ତି ପାଇଁ ନୁହେଁ।
୨. ଏଥିପାଇଁ ଯାତାୟାତ ଖର୍ଚ୍ଚ ଏବଂ ବୈଠକୀ ବାବଦରେ ପ୍ରତିଷ୍ଠାନଦ୍ୱାରା ଧାର୍ଯ୍ୟ କରାଯାଇଥିବା ପାରିଶ୍ରମିକ ପ୍ରଦାନ କରାଯିବ।
୩. ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଦୁଇଦିନ ତାଲିମ୍ ସମ୍ପୂର୍ଣ୍ଣ କରିବା ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୪. ପ୍ରଶିକ୍ଷାର୍ଥୀମାନେ ଅନ୍ୟୂନ ସ୍ନାତକ ଡିଗ୍ରୀଧାରୀ ହୋଇଥିବେ। ତାଙ୍କର ବୟସ ୨୧-୬୫ବର୍ଷ ମଧ୍ୟରେ ହେବା ଆବଶ୍ୟକ।
୫. ଯଦି କୌଣସି ପ୍ରଶିକ୍ଷାର୍ଥୀ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେନାହିଁ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଖାରବେଳ ଭବନ, ୟୁନିଟ୍-୦୫, ଭୁବନେଶ୍ୱର-୦୧
ଫୋନ୍ ନଂ-୦୬୭୪-୨୩୯୧୦୨୧
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର

OIPR-03026/11/0004/2526



ODISHA PUBLIC SERVICE COMMISSION, CUTTACK
NOTICE

No.6238/PSC Dt.02.09.2025
(2PG-02-25/26, DR-I)

Partial Preponement of Document Verification & Personality Test of OCSE-2023
(Advt. No. 20 of 2023-24)

No. D-195: In partial modification to this Office Notice No. 6114/PSC, Dt.25.08.2025, it is for information of concerned candidates that, consequent upon declaration of 2nd Saturday (i.e. 13.09.2025) as official working day, the Document Verification & Personality Test for OCSE-2023 in respect of 44 candidates (Forenoon Session) & 28 candidates (Afternoon Session) to be held on 14.09.2025 (Sunday) only is hereby preponed to **13.09.2025 (Saturday)** as follows:

| Sl. No. | Roll No. of Candidates | Date of Document Verification & Personality Test | Session of Document Verification & Personality Test |
|---|---|---|---|
| 1 | 2 | 3 | 4 |
| 8. | 331229, 331255, 331300, 331407, 331419, 331436, 331475, 331533, 331535, 331652, 331780, 331818, 331899, 331964, 331999, 332003, 332004, 332023, 332079, 332204, 332226, 332233, 332269, 332317, 332429, 332511, 332524, 332557, 332756, 332798, 332816, 332828, 332844, 332855, 332876, 332884, 332896, 332926, 332973, 333168, 333238, 333284, 333339, 333422 **= 44 Candidates** | 13.09.2025 (Saturday) | Forenoon Session |
| | 333578, 333620, 333673, 333764, 333774, 333785, 333876, 333906, 333983, 333985, 334081, 334092, 334311, 334433, 334445, 334488, 334545, 334567, 334646, 334652, 334689, 334701, 334707, 334715, 334718, 334737, 334791, 334822 = **28 Candidates** | | Afternoon Session |

Besides this, there will be no change in the schedule of Document verification & personality test of other candidates.

OIPR-12002/11/0312/2526 Sd./- Secretary



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

DISTRICT PROJECT OFFICE
SAMAGRA SHIKSHA, MALKANGIRI
E-mail: dpcmalkanssa.opepa@nic.in/ssamalkangiri@gmail.com
Letter No. 3425/25 Dated: 01.09.2025

TENDER CALL NOTICE

No. n-141: Sealed tenders are invited from interested reputed Travel Agencies/ Tour Operators of private individuals for providing 02 (Two) Numbers vehicle i.e. 01 SCORPIO N Z8 and 01 BOLERO NEO N10 AC Diesel driven vehicle having sitting capacity not more than Eight or new/latest model vehicle including driver as per Finance Deptt. O.M. No. 15836/F dated 27.05.2025 which shall confirm to the terms and conditions (Annexure-I, II & III) for official use of Collector-cum-Chairman, Samagra Shiksha, Malkangiri (SCORPIO - N Z8) and another for DPC, SS, Malkangiri (BOLERO NEO N10) on monthly hire basis. The tender should be super scribed "Tender for providing vehicle on hire basis" on the cover and sealed tender should reach to the undersigned on or before 11.09.2025 by 5.30 P.M. by Speed Post/Registered Post only and shall be opened on 12.09.2025 at 4.00 P.M. in the presence of the bidder or their authorized representative at Collectorate, Malkangiri. The tender received after the scheduled date and time shall not be accepted.
The application form of Tender containing General Bid Information & Terms and Conditions for hiring of vehicle will be available at Malkangiri district website **http://malkangiri.odisha.gov.in** from Dt.02.09.2025 to 11.09.2025 which can be downloaded.
The undersigned reserve the right to reject all or any of the tender without assigning any reason thereof.

By the Orders of Collector-cum-Chairman
Sd./- District Education Officer-cum-DPC
Samagra Shiksha, Malkangiri
OIPR-27141/11/0017/2526



କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., କେନ୍ଦୁଝର
KEONJHAR CENTRAL COOPERATIVE BANK LTD., KEONJHAR - 758001
H.O.: Keonjhargarh, Dist.: Keonjhar - 758001 (Odisha)
(A Regulated Entity of RBI, operating in whole Keonjhar District since last 75 years)
Invites' offline application from interested professionals through proforma application for positions in the Bank as detailed below.

| Professional Category | Position | Eligibility Criteria | Age | Tenure of Engagement | Remuneration |
|---|---|---|---|---|---|
| a. Professional - 1 | General Banking Expert | Retired Public Sector Bank (PSB) Officers; Retired not below the rank of Scale III or above and must have minimum 5 year's in the same rank as Branch Manager | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |
| b. Professional - 2 | Banking IT Expert | B.Tech/MCA with 5 years' of experience as IT specialist in PSBs/Pvt. Sector Banks/ Micro Finance Institutions/ Software Companies dealing with Financial/Banking Sector. However preference shall be given to IT specialist of Banks (PSU/Pvt.), if available | 62 years Maximum (As on 01.09.2025) | To be engaged on contract basis for continuous term of three years subject to performance review every year. | Rs.75,000/- (Consolidated as Consultant Fee) |

Interested candidates are requested to visit the website of Banks: **www.kendujharccb.com** for more details on job profile and to download the prescribed Application-cum-Resume format for submitting their application through Speed Post to the Chief Executive Officer of Bank on or before 22.09.2025. Application/s received after due date will not be taken in to consideraton for further process of final selection.

Sd./- Chief Executive Officer



AUCTION NOTICE

Sealed quotations are invited from interested bidders for the public auction of the obsolete/unserviceable items (Almirahs, Televisions and Air Conditioners) as whole of SIB (MHA), Govt. of India, Bidyut Marg (Near Spl. Circuit House), Unit-V, Bhubaneswar - 751001.
Interested parties may inspect during office hours from 10.00 Hrs. to 13.00 Hrs. & 15.00 Hrs. to 17.00 Hrs. on any working day on or before 17.09.2025 and submit the sealed quotations by 17.30 Hrs. on 17.09.2025 along with a Demand Draft (NOT A/c Payee) of Rs.5,000/- (Rupes five thousand only) as Earnest Money Deposit (EMD) in favour of 'DDO, SIB Bhubaneswar' payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for obsolete/unserviceable items to be auctioned" and addressed to Assistant Director/E, SIB(MHA), Bidyut Marg, Unit-V, Bhubaneswar - 751001, Tel. No. 0674-2396440. Quotations will be opened in presence of members of the Auction Committee and bidders present on 18.09.2025 at 11.00 Hrs.
Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of the auctioned obsolete/unserviceable items failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The head of the office reserves the right to cancel any bid without assigning any reason thereof.

Sd./- Assistant Director/E

# କଚ୍ଛପ ଗତିରେ ଅମୃତ ସରୋବର ଯୋଜନା

**ଖଇରା ବ୍ଲକ୍**

■ ଅନୁମୋଦିତ ୧୧୧ରୁ ଆରମ୍ଭ ହୋଇଛି ମାତ୍ର ୯ ପ୍ରକଳ୍ପ

ଖଇରା, ୨।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଗତ ଅମୃତ ସରୋବର ଯୋଜନାରେ ପୋଖରୀ ଖୋଳା କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି । ଯୋଜନାର କାର୍ଯ୍ୟ ହିସାବକୁ ନେଲେ ଅନ୍ୟ ବ୍ଲକ ତୁଳନାରେ ବହୁ ପଛରେ ପଡିଛି। ୨୦୨୪-୨୫ ମସିହାର ଆକ୍ସନ ପ୍ଲାନ କୁ ନଜର ପକାଇଲେ ୧୧୧ ଖଇରା ବ୍ଲକରେ ୧୧୧ ପ୍ରକଳ୍ପ ବା ପୋଖରୀ ଖୋଳା କାର୍ଯ୍ୟ ପାଇଁ ଅନୁମୋଦନ ମିଳିଥିଲେ ହେଁ ମାତ୍ର ୯ଟି ପ୍ରକଳ୍ପ ହାତକୁ ନିଆଯାଇଛି। ବିଡ଼ମ୍ବନାର ବିଷୟ ଏହିକି ଯେ, ଗୋଟିଏ ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଖଇରା ବ୍ଲକରେ ବିଧାୟକଙ୍କ ଦ୍ୱାରା ବାରମ୍ବାର ସମୀକ୍ଷା ବୈଠକ କରାଯାଉଥିଲେ ହେଁ ବିଭିନ୍ନ ଯୋଜନା ଠିକ୍ ଢଙ୍ଗରେ ପରିଚାଳିତ ହୋଇ ନ ପାରିବାରୁ ବିରୋଧୀମାନେ ପ୍ରଶ୍ନ ଉଠାଇଛନ୍ତି।

୨୦୨୪-୨୫ ମସିହା ପାଇଁ ୩୭ ପଞ୍ଚାୟତ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଚିଠା ଦିଆଯାଇଥିବା ବେଳେ ୧୧୧ ପ୍ରକଳ୍ପ ଅନୁମୋଦନ ଲାଭ କରିଥିଲା। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁ ମାତ୍ର ୮ ପଞ୍ଚାୟତରେ ୯ଟି ପ୍ରକଳ୍ପର କାର୍ଯ୍ୟ ପାଖାପାଖି ୪୦ ପ୍ରତିଶତ ଶେଷ ହୋଇପାରିଛି। ଜୁନ ୧୫ତାରିଖ ବର୍ଷା ଆରମ୍ଭ ପୂର୍ବରୁ ଏହି କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ମଧ୍ୟରେ ବର୍ତ୍ତନା ପଞ୍ଚାୟତର କନ୍ତିଆ ଜୁଣିଗଡ଼ିଆ ପୋଖରୀ,ବାଉଁଶଗଡ଼ିଆ ପଞ୍ଚାୟତ ପୋଖରୀ, ଡଗରପଡ଼ା ପଞ୍ଚାୟତ ବଡ଼ବାହାଦଲପୁର ଗ୍ରାମର ଦଧି କିମ୍ବିରିଆ ପୋଖରୀ, ଡାଲଙ୍ଗ ଗ୍ରାମର ଟୁକୁରା ପୋଖରୀ, ଜଳଦା ପଞ୍ଚାୟତ ବାଙ୍କିତିରା ଗ୍ରାମର ନାଥପୃଷ୍ଟି ପୋଖରୀ, ମାଣିତ୍ରୀ ପଞ୍ଚାୟତ ଚନ୍ଦନପୁର ଗ୍ରାମର ଚକ୍ରବର୍ତ୍ତୀ ପୋଖରୀ, ରପେୟା ପଞ୍ଚାୟତ କାଳିଦାସପୁର ଗ୍ରାମର ଯୋଗମାୟା ପୋଖରୀ, ସାରକୋଣା ପଞ୍ଚାୟତ ସାରକୋଣା ଗ୍ରାମର ହରିହାଟ ପୋଖରୀ ଏବଂ ଅମାରଗଡିଆ ଗ୍ରାମର ଅମାରଗଡିଆ ପଞ୍ଚାୟତ ପୋଖରୀ ଅନ୍ତର୍ଭୁକ୍ତ। କିଛି ପୋଖରୀ ଖୋଳା କାର୍ଯ୍ୟରେ ମେଶିନ ବ୍ୟବହୃତ ହୋଇଥିବା ନେଇ ଅଭିଯୋଗ ହୋଇଥିଲେ ହେଁ ପୋଖରୀ ଖୋଳାରେ ଏମ୍‌ଜିଏନ୍‌ଆର୍‌ଇଜିଏସ ପାଣ୍ଠି ସହ ପଞ୍ଚାୟତ ପାଣ୍ଠି ମିଶୁଥିବାରୁ କାଁଭାଁ ମେଶିନ ବ୍ୟବହୃତ ହେଉଥିବା ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟର ଅଗ୍ରଗତିକୁ ନେଇ ଏପିଓ ବିନୋଦ ଟୁଡୁଙ୍କୁ ପଚାରିବାରେ ବର୍ଷା ଋତୁ ପରେ ଅନ୍ୟ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହେବ ଓ ଯେଉଁଗୁଡ଼ିକ ଆରମ୍ଭ ହୋଇଛି ତାହା ସମ୍ପୂର୍ଣ୍ଣ କରିବା ପାଇଁ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।



ଅମୃତଯୋଜନାରେ ମେଶିନ ଦ୍ୱାରା ଖୋଳା ଯାଇଥିବା ଏକ ପୋଖରୀ।

# ବାହାନଗା ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ବିଧାୟକ, ବ୍ଲକ ଅଧ୍ୟକ୍ଷ, ବିଡିଓ ଓ ଅନ୍ୟମାନେ।

ବାହାନଗା, ୨।୯(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ୯ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଶୁଭଶ୍ରୀ ଟୁଡୁ ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ଅଧ୍ୟକ୍ଷ ସମିତି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହିଳା ଶିଶୁ ବିକାଶ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ମୃତ୍ତିକା ବିଭାଗ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଆଲୋଚନା କରାଯାଇ ଭତ୍ତା, ରାସ୍ତା, ଡ୍ରେନ୍ , ପ୍ରଧାନମନ୍ତ୍ରୀ ଆବାସ ଓ ରାଶନ କାର୍ଡ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧିକାରୀମାନେ ଉପସ୍ଥିତ ରହି ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ମତ୍ସ୍ୟ ବିଭାଗ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ଜନପ୍ରତିନିଧିମାନଙ୍କ ଅସହଯୋଗ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ଦିନ ପରେ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ହୋଇଥିବାରୁ ଅପରାହ୍ନ ସାଢେ ୫ଟା ଯାଏ ଚାଲିଥିଲା। ଚଳିତବର୍ଷ ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷ ଉପସ୍ଥିତ ଖବରଦାତାମାନଙ୍କୁ ଶୀଘ୍ର ଫଟୋ ଉଠାଇ ବାହାରକୁ ପଳାଇଯାଅ ନଚେତ୍ ପଛରେ ଯାଇ ବସ ବୋଲି କହି ଦୁର୍ବ୍ୟବହାର କରିଥିବାରୁ ଖବରଦାତାମାନେ ସମ୍ମିଳନୀ କକ୍ଷ ଆଗରେ ଧାରଣାରେ ବସିଥିଲେ । ପରେ ଅଧ୍ୟକ୍ଷ ମିଶ୍ର ଖବରଦାତାମାନଙ୍କ ନିକଟକୁ ଆସି ଯେଉଁଭଳି ଭାବରେ ସେ କହିଥିଲେ ସେଥିପାଇଁ ସେ ସମସ୍ତଙ୍କ ନିକଟରେ ହାତଯୋଡି କ୍ଷମା ମାଗିଥିଲେ। ପରେ ଖବରଦାତାମାନେ ଧାରଣାରୁ ଉଠି କାର୍ଯ୍ୟ କରିଥିଲେ। ବୈଠକରେ ସୋର ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ବୈରାଗୀ ବେହେରା, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କୁମାର ସ୍ୱାଇଁ, ଉପାଧ୍ୟକ୍ଷା ବାସନ୍ତୀ ପତି, ୧୮ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ନିଳାମ୍ବର ମହାଲିକ, ୧୭ ନମ୍ବର ଜୋନର ଜିଲାପରିଷଦ ସଭ୍ୟା ବିନପ୍ରଭା ଶିଅଳ, ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ କାର୍ଯ୍ୟକୁ ବ୍ଲକର ସମସ୍ତ କନିଷ୍ଠଯନ୍ତ୍ରୀ, ଭିଏଲଡବ୍ଲୁ ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ। ବ୍ଲକର ୩୯ଲକ୍ଷ ଟଙ୍କାର ବ୍ୟୟ ହୋଇଥିବା ନୂଆ ସମ୍ମିଳନୀ କକ୍ଷକୁ ବୈଠକ ପୂର୍ବରୁ ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ୨ଜଣ ଏମ୍‌ପିଙ୍କ ପ୍ରତିନିଧି, ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷ ବାସନ୍ତୀ ପତି, ବିଡିଓ ଶୁଭଶ୍ରୀ ଟୁଡୁ, ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, କନିଷ୍ଠଯନ୍ତ୍ରୀ କିଶାନ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ସମ୍ମିଳନୀ କକ୍ଷ ଓ ଭିଡିଓ କନଫରେନ୍ସ କକ୍ଷର ଡେକରମ କରିବା ପାଇଁ ନୀଳଗିରି ବିଧାୟକ ଖଟୁଆ ବିକାଶିତ ଗାଁ ବିକାଶିତ ଓଡିଶା ଯୋଜନାରୁ ୧୦ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ । ଅବଶିଷ୍ଟ ୨୯ ଲକ୍ଷ ଟଙ୍କାର କକ୍ଷ ନିର୍ମାଣ ହୋଇଛି। ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନୂତନ ପ୍ରକୋଷ୍ଠ, ବ୍ଲକ ପରିସରରେ ପାନୀୟଜଳ ଓ ଶୌଚାଳୟ ସୁବିଧା କେନ୍ଦ୍ରକୁ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

# ଯୁବକଙ୍କ ଆତ୍ମହତ୍ୟା

ଔପଦା, ୨।୯(ଧରିତ୍ରୀ ପଣ୍ଡା)

ଔପଦା ଥାନା ଗଡ଼ସାହି ପଞ୍ଚାୟତ ଅତାସାହି ଗ୍ରାମର ହେମନ୍ତ ନାୟକ ସୋମବାର ରାତିରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ସମ୍ପର୍କରେ ହେମନ୍ତଙ୍କ ସ୍ତ୍ରୀ ମୀନତି ଥାନାରେ ଅଭିଯୋଗ କରିଛନ୍ତି। ଗତ ରାତିରେ ସ୍ୱାମୀ ସ୍ତ୍ରୀ କୌଣସି କାରଣରୁ କଳି ଲାଗିବାରୁ ସ୍ତ୍ରୀ ମିନତୀ ପଡୋଶୀ ଝିଆରୀ ଘରେ ରାତିରେ ରହିଥିଲେ। ରାତି ପାହିବା ପରେ ପରିବାର ଲୋକେ ହେମନ୍ତ ଏକ ଲୁଗାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଔପଦା ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଗ୍ରାମରେ ପହଞ୍ଚି ତଦନ୍ତ କରିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସୋର, ୨।୯(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ବାଗୁଡ଼ି ଅଞ୍ଚଳରେ କାମ କରୁଥିବା ଜଣେ ମହିଳା ଶ୍ରମିକଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। କୁପାରୀ ଅଞ୍ଚଳର ରୁପାଲୀ ଖେରୁଆଳ (୪୦) ତାଙ୍କ ସ୍ୱାମୀ ଗୋପାଳ ଖେରୁଆଳଙ୍କ ସହିତ ବାଗୁଡ଼ିରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସୋମବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ରୁପାଲି ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଗୋପାଳ ତାଙ୍କୁ ଅଟୋ ଯୋଗେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ରୁପାଲିଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ରୁପାଲିଙ୍କ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୦୪/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅବିଶ୍ରାନ୍ତ ବର୍ଷା, ୨ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



ଭୋଗରାଇ, ୨।୯(ପ୍ରଦୀପ ଦାସ)

ଲଘୁଚାପ ପ୍ରଭାବରେ ବାଲେଶ୍ୱର ଜିଲାରେ ତୁହାକୁ ତୁହା ବର୍ଷା ଲାଗିରହିଛି। ସମୁଦ୍ର ଅଶାନ୍ତ ଥିବାରୁ ୨ଦିନ ଗଭୀର ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ନ ଯିବା ଲାଗି ମତ୍ସ୍ୟବିଭାଗ ଓ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ସମୁଦ୍ରର ଉଚ୍ଚ ଢେଉ କୂଳ ଆଡକୁ ମାଡିଆସି ପଥରବନ୍ଧ ତଟସୁରକ୍ଷା ବନ୍ଧରେ କଚାଡି ହୋଇ ପଡୁଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ସକାଳ ୮ ଟା ସୁଦ୍ଧା ୫୯ମି.ମି., ଜଳେଶ୍ୱରରେ ୨୩ ମି.ମି., ବସ୍ତାରେ ୪୪ମି.ମି., ବାଲିଆପାଳରେ ୨୪ମି.ମି., ସଦରରେ ୧୨୮ମି.ମି., ନୀଳଗିରି ୫୫ ମି.ମି., ରେମୁଣାରେ ୯୧ମି.ମି., ବାହାନଗାରେ ୬୦ ମି.ମି., ଖଇରାରେ ୧୦ ମି.ମି., ଔପଦାରେ ୪୬ ମି.ମି., ସିମୁଳିଆରେ ୫୭ ମି.ମି. ଓ ସୋରରେ ସର୍ବନିମ୍ନ ୮ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ଦପ୍ତରରୁ ସୂଚନା ମିଳିଛି।

# ଦୁର୍ବଳ ନଦୀବନ୍ଧ, ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଧାୟକ



ହସ୍ପିଟାଲରେ ଡାକ୍ତରଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ରେମୁଣା, ୨।୯(ରବୀନ୍ଦ୍ର ମହାକୁଡ଼)

ସରକାରୀ ଉପ-ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମଙ୍ଗଳବାର ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତ ଅଧୀନ ରାବଣେଶ୍ୱର ଗ୍ରାମସ୍ଥିତ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରିଛନ୍ତି। ସୋମବାର ରାତିରେ ହୋଇଥିବା ଲଗାଣ ବର୍ଷା ଯୋଗୁ ଏହି ନଦୀବନ୍ଧ ଦବି ଯାଇଥିଲା। ଖବରପାଇ ବିଧାୟକ ଦାସ, ଇରିଗେଶନ ଏସ୍‌ଇ ଏବଂ ଜେଇଙ୍କ ସହ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅଞ୍ଚଳବାସୀଙ୍କ ସହ ଏନେଇ ଆଲୋଚନା କରି ତୁରନ୍ତ ସ୍ଥାୟୀ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ବିଧାୟକ ଦାସ କଲ୍ୟାଣପୁର ପଞ୍ଚାୟତସ୍ଥିତ ପାଳସିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକେ ଯେମିତି ଚିକିତ୍ସାରୁ ଅବହେଳିତ ନ ହୁଅନ୍ତୁ ସେନେଇ କାର୍ଯ୍ୟରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ରେମୁଣା ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣଚନ୍ଦ୍ର ସାହା, ମଣ୍ଡଳ ସଭାପତି ବିବେକ ବିକାଶ ରାଉତ, କାର୍ତ୍ତିକ ଚନ୍ଦ୍ର ସାହୁ, ଶିବନାରାୟଣ ଦାସ, ଲକ୍ଷ୍ମୀନାରାୟଣ ଗିରି, ଲୋକନାଥ ଓଝା, ପାର୍ଥିବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିରେ ନୂତନ ଅତିରିକ୍ତ ଜିଲା ଦୌରାଜଜ୍ ଓ ସେସନ୍ କୋର୍ଟ ଉଦ୍‌ଘାଟିତ

ନୀଳଗିରି, ୨।୯(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଅଦାଲତ ପରିସରରେ ନୂତନ ଭାବେ କାର୍ଯ୍ୟକ୍ଷମ ହେବାକୁ ଥିବା ନୂତନ ଅତିରିକ୍ତ ଜିଲା ଦୌରାଜଜ୍ ଓ ସେସନ୍ କୋର୍ଟକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଭର୍ଚୁଆଲ ମୋଡ୍‌ରେ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଅଶାନ୍ତ ପଟ୍ଟନାୟକ, ରେଜିଷ୍ଟ୍ରାର ଓ ପୋର୍ଟଫୋଲିଓ ବିଚାରପତି କେ. ଆର୍. ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଚାରପତି ଉପସ୍ଥିତ ଥିଲେ। ନୀଳଗିରି ଉପଖଣ୍ଡ ଜନସାଧାରଣଙ୍କ ବହୁ ଦିନର ସ୍ୱପ୍ନ ଆଶା ପୂରଣ ହୋଇପାରିଥିବାରୁ ଏ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ଏହି ନୂତନ ଏଡିଜେ ଖୋଲାଯିବା ପରେ ନୀଳଗିରିର ୨ ଆଇନଜୀବୀ ସଂଘ ଲୋକଙ୍କୁ ଉଚିତ୍ ନ୍ୟାୟ କୋର୍ଟ ଜରିଆରେ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ନୀଳଗିରି ଅଦାଲତ ପରିସରରେ ଭର୍ଚୁଆଲ ମୋଡରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ମୁଖ୍ୟ ବିଚାରପତି ସତ୍ୟନାରାୟଣ ମିଶ୍ର, ବାଲେଶ୍ୱର କୋର୍ଟର ରେଜିଷ୍ଟ୍ରାର ବର୍ତ୍ତମାନ ନୀଳଗିରି ଅତିରିକ୍ତ ଜିଲା ମୁଖ୍ୟ ବିଚାରପତି ଶ୍ରୁତାସ୍ୱିନୀ କର, ନୀଳଗିରି ସବ୍-ଜଜ୍ (ବିଚାରପତି) ସୁନନ୍ଦା ପ୍ରଧାନ, ଏସ୍‌ଡିଜେଏମ୍ (ବିଚାରପତି) ମୋନାଲିସା ପଣ୍ଡା, ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନୀଳଗିରିର ଦୁଇ ପ୍ରମୁଖ ଆଇନ୍‌ଜୀବୀ ସଂଘ ସଭାପତି, ସମ୍ପାଦକ, ସମସ୍ତ ଆଇନ୍‌ଜୀବୀ, ଅଦାଲତ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲା ଦୌରାଜଜ୍ ଓ ସେସନ୍ କୋର୍ଟ ଉଦ୍‌ଘାଟନ କରାଯାଉଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ଜଳେଶ୍ୱର, ୨।୯(ନବୀନ ସାହୁ)

ଚଳିତବର୍ଷ ମାର୍ଚ୍ଚ ୨୧ତାରିଖରେ କାଳବୈଶାଖୀ ବାତ୍ୟା ଏବଂ କୁଆପଥର ମାଡ଼ ହୋଇ ଜଳେଶ୍ୱର ବ୍ଲକରେ ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଥିଲା। ବ୍ୟାପକ ମାତ୍ରାରେ ବୃକ୍ଷ ଉପୁଡ଼ିବା ଯୋଗୁ ଯିବା ଆସିବା, ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। କୁଆପଥର ବର୍ଷାରେ ଚାଷୀଙ୍କ ପନିପରିବା ଏବଂ ଧାନ ଚାଷ ଉଜୁଡ଼ି ଯାଇଥିଲ। ମାକିଡ଼ିଆ ଖୁଦିଆମାଝିସାହି, ଓଲମରା, ଶ୍ରୀରାମପୁର, ଗୋବରଘଟା, ଦକ୍ଷିଣପ୍ରହାରାଜପୁର ଆଦି ପଞ୍ଚାୟତର ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। କ୍ଷତିଗ୍ରସ୍ତ ପନିପରିବା ଚାଷୀଙ୍କ ତଥ୍ୟ ଉଦ୍ୟାନ ବିଭାଗ ଦ୍ୱାରା ଏବଂ ଧାନ ଚାଷୀଙ୍କ ତଥ୍ୟ ସଂଗ୍ରହ କୃଷିବିଭାଗ ଦ୍ୱାରା ଗତ ୪ ମାସ ପୂର୍ବରୁ ହୋଇଥିଲା। ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କ୍ଷତିଗ୍ରସ୍ତ ପନିପରିବା ଏବଂ ଧାନଚାଷୀଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଦେବା ପାଇଁ ସୋମବାର ଯୁବନେତା ବିପ୍ଳବ ପ୍ରଧାନ, ସଂଗ୍ରାମ ଜେନା, ସଞ୍ଜୀବ ଘୋଷ, ସୁଶାନ୍ତ ଘୋଷ, ସାଗର କୁମାର ଦାସ ପ୍ରମୁଖ ଜଳେଶ୍ୱର ତହସିଲଦାର କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ନିଧି ବେହେରାଙ୍କୁ ବହୁ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୨।୯(ନବୀନ ସାହୁ)

ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି ଜଳେଶ୍ୱର ସହର। ମ୍ୟୁନିସିପାଲିଟି ଅଧୀନ ଶାସନବାର୍ଡ ଗ୍ରାମରେ ଜଣେ ଯୁବକ ବ୍ରାଉନସୁଗାର କାରବାର କରୁଥିବା ବେଳେ ସୋମବାର ଅପରାହ୍ନରେ ଜଳେଶ୍ୱର ଥାନା ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ୧୧୦ ଗ୍ରାମ ବ୍ରାଉନସୁଗାର ସହ ଉକ୍ତ ଯୁବକଙ୍କୁ ଗିରଫ କରିଛି। ତାଙ୍କ ବୟସ ୪୦ ହେବ। ଏନେଇ ପୂର୍ବରୁ ପୋଲିସ ନିକଟରେ ଅଭିଯୋଗ ଥିଲ। ପୋଲିସ ଗ୍ରାହକ ହୋଇ ଯୁବକଙ୍କ ନିକଟରୁ ବ୍ରାଉନସୁଗାର କିଣିବାକୁ ଯାଇ ଡିଲ୍ କରୁଥିବା ବେଳେ ଥାନା ତରଫରୁ ନିୟୋଜିତ ଏକ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଚଢ଼ାଉ ବେଳେ ଯୁବକଙ୍କ ପାଖରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଜଳେଶ୍ୱର ଥାନାରେ ମାମଲା (ନଂ. ୩୮୮/୨୫) ରୁଜୁ ହୋଇଛି। ଏଏସ୍‌ଆଇ କରନ ମାରାଣ୍ଡି ଓ ଭଗବାନ ଦାସଙ୍କ ସହ ଏକ ୫ ଜଣିଆ ଟିମ୍ ଏହି ଚଢାଉରେ ସାମିଲ ଥିଲେ।

# ଅଧିକ ଦାମ୍‌ରେ ସାର ବିକ୍ରିକୁ ଖଣ୍ଡନକଲା ପରିଚାଳନା ବୋର୍ଡ

ଖଇରା, ୨।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି ସେବା ସମବାୟ ସମିତି ଅଧିକ ଦାମ୍‌ରେ ଜୈବ ସାର ବିକ୍ରି କରୁଥିବା ନେଇ ଅଭିଯୋଗ ପରେ ପରିଚାଳନା ବୋର୍ଡ ତରଫରୁ ଏହାକୁ ଖଣ୍ଡନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ପରିଚାଳନା ବୋର୍ଡ ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ହରେକୃଷ୍ଣ ଶତପଥୀ ନିର୍ଦ୍ଦିଷ୍ଟ ସାର ବିକ୍ରି ପାଇଁ ଜିଲା ସହକାରୀ ନିବନ୍ଧକଙ୍କ ଅନୁମତି, କିଣାଯାଇଥିବା ଓ ବିକ୍ରି ହେଉଥିବା ବିଲ୍ ଦେଖାଇବା ସହ ଜଣେ ହେଲେ ଚାଷୀଙ୍କର ଏହା ଉପରେ ଅଭିଯୋଗ ନ ଥିବା ପ୍ରକାଶ କରିଥିଲେ। ୧ହଜାର ୩୫୦ଟଙ୍କାରେ କିଣାଯାଉଥିବା ବେଳେ ପ୍ରିଣ୍ଟ ଦର ୧ହଜାର ୬ଶହରେ ବିକ୍ରି କରାଯାଉଛି। ପରିବହନ, ଲୋଡିଂ ଓ ଅନଲୋଡିଂ ଖର୍ଚ୍ଚ ବହନ ପରେ ଯାହା ବି ଲାଭ ରହୁଛି ଗତବର୍ଷର ସାର ବିକ୍ରିରେ ହୋଇଥିବା କ୍ଷତିଭରଣା କରାଯାଉଛି।

**ସେବା ସମିତିକୁ ବଦନାମ କରାଯିବାକୁ ଉଦ୍ୟମ ହେଉଛି**



ବୈଠକରେ ଉପସ୍ଥିତ ପରିଚାଳନା ବୋର୍ଡ ସଭାପତି, ସଭ୍ୟ ଓ ସାର ଯୋଗାଣକାରୀ କମ୍ପାନୀର ଅଧିକାରୀ।

ଯେଉଁ କିଛି ହାତଗଣତି ବ୍ୟକ୍ତି ଏଭଳି ମିଥ୍ୟା ଆରୋପ କରୁଛନ୍ତି ତାକୁ ନିନ୍ଦା କରିଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଖୁବଶୀଘ୍ର ବୋର୍ଡ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ନୃସିଂହ ସିଂ ପ୍ରକାଶ କରିଥିଲେ। କାରଣ ଗଗନଧୂଳି ସମିତି ଉତ୍ତମ ପ୍ରଦର୍ଶନ ପାଇଁ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏଥିରେ ଈର୍ଷାନ୍ୱିତ ହୋଇ ଏଭଳି ଅଭିଯୋଗ କରାଯାଇଛି । ସାର ଯୋଗାଣକାରୀ କମ୍ପାନୀର ଅଧିକାରୀ ଉପସ୍ଥିତ ରହି ଯୋଗାଯାଇଥିବା ଏହି ଜୈବ ସାର ଗଗନଧୂଳି ସମେତ ଜିଲାର ୨୪ଟି ସମିତିକୁ ଯୋଗାଣ ହୋଇଛି । ବାହାରେ କେହି ଚାହିଁଲେ ବି କିଣିବାକୁ ପାଇବେ ନାହିଁ ବୋଲି କହିଥିଲେ। ସମ୍ପାଦକ ଗଗନ ବିହାରୀ ଜେନାଙ୍କ ସମେତ ସମିତିର ଅନ୍ୟତମ ପ୍ରତିଷ୍ଠାତା ଲୋକନାଥ ପଣ୍ଡା ଓ ସମିତିର ବୋର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତିବାଦରେ ବିଜେଡି ପକ୍ଷରୁ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ବିଧାୟିକାଙ୍କ ସହ ବିଜେଡି ନେତା ଓ କର୍ମୀମାନେ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨।୯

**ଏନ୍‌ଏସି ଘୋଷଣାରୁ ବାଲିଆପାଳ ବାଦ୍**

ବାଲେଶ୍ୱର ଜିଲା ବାଲିଆପାଳକୁ ରାଜ୍ୟସରକାର ଏନ୍‌ଏସି ଘୋଷଣା ନ କରିବାରୁ ଏହାର ପ୍ରତିବାଦ କରି ମଙ୍ଗଳବାର ବିଜେଡି ପକ୍ଷରୁ ବାଲିଆପାଳରେ ଶୋଭାଯାତ୍ରା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଅବସରରେ ବାଲିଆପାଳ ବିଜେଡି କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା।

ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ସମୟରେ ଓଡ଼ିଶାର ବାଲିଆପାଳ ସମେତ ଅନ୍ୟ କେତେକ ବ୍ଲକକୁ ନୂତନ ଏନ୍‌ଏସି ପାଇଁ ପ୍ରସ୍ତାବ ରଖାଯାଇଥିଲା। ପରିତାପର ବିଷୟ ବାଲିଆପାଳ ବ୍ଲକରେ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ନୂତନ ଏନ୍‌ଏସି ତାଲିକାରୁ ବାଦ୍ ଦିଆଯାଇଛି। ଭାଜପା ସରକାରଙ୍କ ଏଭଳି ବୈମାତୃକ ନିଷ୍ପତ୍ତିକୁ ବାଲିଆପାଳବାସୀ ଦୃଢ଼ ନିନ୍ଦା କରିଛନ୍ତି। ସରକାର ଏହି ନିଷ୍ପତ୍ତିର ପୁନର୍ବିଚାର କରି ବାଲିଆପାଳକୁ ଏନ୍‌ଏସି ଘୋଷଣା ନ କଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯିବା ସହିତ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ବିଧାୟିକା ଜେନା ଚେତାବନୀ ଦେଇଥିଲେ। ଏହି ଅବସରରେ ବିଜେଡି କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ପୂର୍ବତନ ସରପଞ୍ଚ ମହେଶ୍ୱର ଜେନା, ବିଜେଡି ବରିଷ୍ଠ ନେତା ଶରତ ପ୍ରଧାନ, ଅସ୍ତି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶାନ୍ତନୁ ଭଦ୍ର, ଅସ୍ତି ପଞ୍ଚାୟତର ସରପଞ୍ଚ ସ୍ୱାମୀ ହରେକୃଷ୍ଣ ଜେନା, ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ବିଷ୍ଣୁପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସରୋଜ ଦାସ, ବାସୁଦେବପୁର ବିଜେଡି ନେତା ରୁନା ନାଥ, ବିଜେଡିର ବହୁ ସରପଞ୍ଚ, ସଦସ୍ୟଙ୍କ ସହିତ ବିଜେଡି ନେତା, କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଆଜି ଖଇରା ବନ୍ଦ

ଖଇରା, ୨।୯(ଉତ୍କଳବନ୍ଧୁ ପଣ୍ଡା)

ଖଇରାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରା ନ ଯିବା ପ୍ରତିବାଦରେ ଖଇରା ଅଞ୍ଚଳର ସମସ୍ତ ସଙ୍ଗଠନ ଓ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏକଜୁଟ ହୋଇ ବୁଧବାର ଖଇରା ବଜାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଖଇରାକୁ ବିଜ୍ଞାପିତ ଅଞ୍ଚଳ ବା ଏନଏସି ଘୋଷଣା ନ କରିବା ଯାଏ ଆନ୍ଦୋଳନ ଜାରି ରଖିବାକୁ ସୋମବାର ଦୁର୍ଗାମଣ୍ଡପଠାରେ ଆୟୋଜିତ ପ୍ରସ୍ତୁତି ଓ ସୋମବାର ଅପରାହ୍ନରେ ଆୟୋଜିତ ପଥପ୍ରାନ୍ତ ସଭାରେ ସଙ୍ଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ବୁଧବାର ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖଇରା ବଜାର ବନ୍ଦ ରଖିବାକୁ ପ୍ରଶାସନକୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ବ୍ଲକ, ତହସିଲ ଏବଂ

**ଖଇରାକୁ ଏନଏସି ମାନ୍ୟତା ମିଳିଲାନି**

ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ପରିଧି ମଧ୍ୟରେ ଆସୁଥିବା ୩୯ ଗ୍ରାମର ସମସ୍ତ ସ୍କୁଲ ଓ କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବନ୍ଦକୁ ଖଇରା ବଜାରର ଲିଜେଣ୍ଡ ଲାୟନ୍ସ ଓ ୱାରିଅର୍ସ କ୍ଲବ, ଶ୍ରୀ ଗଣେଶ ପୂଜା କମିଟି, ରାଧାକୃଷ୍ଣ ପୂଜା କମିଟିର ଯୁବଗୋଷ୍ଠୀ ଖୋଲାଖୋଲି ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ବଜାର ବନ୍ଦ ସମ୍ପର୍କରେ ସୂଚନା ଓ ସଚେତନ ପାଇଁ ମଙ୍ଗଳବାର ମାଇକ ଯୋଗେ ପ୍ରଚାର କରାଯାଇଛି । ପ୍ରାକ୍ତନ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୩ ମାଓବାଦୀ ଗିରଫ



ମାଲକାନଗିରି,୨।୯
(ଦୁର୍ଯ୍ୟୋଧନ ପାତ୍ର)

## ବିସ୍ଫୋରକ ଜବତ

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ବିସ୍ଫୋରକ ସହ ୩ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିଛି। ଚିନ୍ତାଗୁଫା ଥାନାରୁ ସିଆର୍‌ପିଏଫ୍ ବାହିନୀ ସର୍ଚ୍ଚ ଲାଗି ଡବାକୋଣ୍ଟା ଗ୍ରାମକୁ ଯାଇଥିଲେ। ଏହି ସମୟରେ ଫେଣ୍ଟାପାଡ ଗ୍ରାମ ନିକଟରେ ୩ଜଣ ମାଓବାଦୀ ବିସ୍ଫୋରକ ସାମଗ୍ରୀ ସହ ଥିବା ଦେଖି ସେମାନଙ୍କୁ ଗିରଫ କରିଥିଲେ। ଗିରଫମାନେ ହେଲେ ପୋଡିୟମ ଜଗା, ମାଡବି ମାସା ଓ ପୋଜା ମାଡବି। ଏମାନଙ୍କଠାରୁ ଗୋଟିଏ ଟିଫିନ୍ ବୋମା, ୫ ଡିଟୋନେଟର, ୫ ମିଟର କୋଡେକ୍ସ ତାର, ୫ ଜିଲୋଟିନ୍, ୧୦ ମିଟର ତାର ଓ ଚାରଟି ପେନ୍‌ସିଲ ସେଲ୍ ଜବତ କରାଯାଇଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ମାତୃଶକ୍ତିକୁ ଅପମାନିତ କରି ରାଜନୈତିକ ସ୍ୱାର୍ଥ ସାଧନ ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ବିହାରର ଦରଭଙ୍ଗାରେ କଂଗ୍ରେସ ଏବଂ ଆର୍‌ଜେଡିର ମଞ୍ଚରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ଙ୍କ ନାମରେ ଅପଶବ୍ଦ ବ୍ୟବହାର କରାଗଲା। ଏହା ଏକ ନିନ୍ଦନୀୟ ଏବଂ ଲୋକତନ୍ତ୍ରକୁ ଲଜ୍ଜିତ କରୁଥିବା ଘଟଣା। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ରାଜନୀତି ଏପରି ଏକ ଅବମାନବୀୟ ସ୍ତରକୁ ପହଞ୍ଚିଛି, ଯାହା ଦେଶର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଅପମାନ କରିଛି। ରାହୁଲ ଅଭଦ୍ର ଭାଷାକୁ ପ୍ରୋତ୍ସାହନ ଦେଇ ଦେଶର ମାତୃଶକ୍ତିକୁ ଅପମାନ କରି ନିଜର ରାଜନୈତିକ ସ୍ୱାର୍ଥ ସାଧନ କରିବାକୁ ଚାହୁଁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ପ୍ରଭାତି କହିଛନ୍ତି, କଂଗ୍ରେସର ଏଭଳି ବ୍ୟବହାର ଦେଶର ସବୁ ମା'ମାନଙ୍କ ପାଇଁ ଅସମ୍ମାନ। ହେଲେ ଏଥିନେଇ ରାହୁଲ କିମ୍ବା ଇଣ୍ଡିଆ ମେଣ୍ଟର କୌଣସି ନେତା କ୍ଷମା ମାଗିଲେ ନାହିଁ। ଏଥିରୁ ହିଁ କଂଗ୍ରେସ ନେତାଙ୍କ ମାନସିକତା କେତେ ସଂକୀର୍ଣ୍ଣ ତାହା ଜଣାପଡୁଛି। ଏଥିଲାଗି ଦେଶର ପ୍ରତ୍ୟେକ ନାରୀ ଏବଂ ମା'ମାନଙ୍କୁ ରାସ୍ତାକୁ ଆସିବାକୁ ପଡ଼ିବ। ଗାନ୍ଧୀ ପରିବାର ସବୁବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଘୃଣା ପ୍ରଚାର କରିଆସିଛି। କିନ୍ତୁ ଏଥର ସେମାନେ ସବୁ ସୀମା ଲଙ୍ଘିଛନ୍ତି ବୋଲି ପ୍ରଭାତି କହିଛନ୍ତି।

---

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT,

## OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR, RANGEILUNDA

Notice No. 1296 // EE. Agril. Dt.30.08.2025

### INVITATION FOR BIDS (IFB)
### e-procurement notice

**Bid identification number / Tender call notice no. - EE (A), Ganjam-03 of 2025-26**

**No.L-59** : The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under Ganjam Division. The cost of the project is approximately 18.00 lakhs (Excluding GST& LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **01.09.25 at 11.00 hours to 08.09.25 at 17.00 hours**. The bid will be opened on **10.09.25 at 15:00 hours** onwards in the O/o. Executive Engineer (Agril.), Ganjam Division, Berhampur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

**Sd./- Executive Engineer (Agril)**
**Ganjam Division, Berhampur**

OIPR-01508/11/0009/2526

---

GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)

## OFFICE OF THE EXECUTIVE ENGINEER BOUDH IRRIGATION DIVISION, BOUDH, PIN-762014

e-mail i.d - eebidboudh@gmail.com

**"e"-Procurement Notice No.-05/2025-26**
**Bid Identification No. EE BOD-05/2025-26**

No.2708 /Date:26.08.2025

**No.A-563** : The **Executive Engineer, Boudh Irrigation Division, Boudh,** on behalf of Governor of Odisha invites online **Percentage rate** tenders in **Single cover system** to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Canal work, River embankment |
| 2 | No. of Works | **19 Nos.** |
| 3 | Class of Contractor | **"B" & "C" Class (Odisha PWD or relevant class of other licensing Authority)** |
| 4 | Bid Identification No. | EEBOD-05/2025-26 |
| 5 | Estimated Cost | Varies Approximately from 21.02 lakhs to 33.87 lakhs |
| 6 | Period of Completion | 4 (Four) Calendar Months |
| 7 | Date & time of availability of bid documents in the Portal | **From 03.09.2025 (11.00 A.M.) to 16.09.2025 (05.00 P.M.)** |
| 8 | Last date/time for receipt of bids through online | **16.09.2025 upto 05.00 P.M.** |
| 9 | Date of Opening of Bid through online | **17.09.2025 (11.00 A.M. onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Boudh Irrigation Division, Boudh (Dist.-Boudh)** |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

**Sd./- Executive Engineer**
**Boudh Irrigation Division, Boudh**

OIPR-32111/11/0012/2526

---

## POLICE COMMISSIONERATE BHUBANESWAR-CUTTACK
### ODISHA SPECIAL ARMED POLICE 7TH BATTALION, BHUBANESWAR

**ପ୍ରାପ୍ତେଷୁ**
**ବାସିଲ କିରୋ, ସିପାହୀ-୧୧୮**
**ପିତା:ଫ୍ଲାବିଆନୋସ କିରୋ**
**ଗ୍ରାମ:ପ୍ରତାପପୁର, ଥାନା:ରାଇବଗା**
**ପୋଷ୍ଟ ଅ:ଇନ୍ଦରପୁର, ଜିଲ୍ଲା-ସୁନ୍ଦରଗଡ଼**

No.D-192:ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା.୦୧.୦୬.୨୦୨୩ ରିଖ ପୂର୍ବାହ୍ନ ୮ ଘଟିକାଠାରୁ ବିନା ଅନୁମତିରେ କାର୍ଯ୍ୟାଳୟରୁ ପଳାୟନ ଅଛନ୍ତି । ଆପଣ କୌଣସି ଛୁଟି ନନେଇ ଉକ୍ତଦିନ ଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କ ଅନୁପସ୍ଥିତି ବିଷୟରେ ଉପରିସ୍ଥ ଅଫିସରଙ୍କୁ କିମ୍ବା କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ କୌଣସି ତଥ୍ୟ ଜଣାଇନାହାନ୍ତି । ଆପଣଙ୍କ ଅନଧିକୃତ ଅନୁପସ୍ଥିତି ପାଇଁ କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୮୨୫/RO, ତା.୧୮.୦୫.୨୦୨୪ ଏବଂ ୧୦୧୨/RO, ତା.୨୨.୦୬.୨୦୨୪ ରିଖ ମାଧ୍ୟମରେ କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଆପଣ ଉକ୍ତ ଚିଠି ଦ୍ୱୟ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର-୦୩, ତା.୧୪.୦୫.୨୦୨୫ ଆରମ୍ଭ କରାଯାଇଅଛି ।

ଏଣୁ ଆପଣଙ୍କୁ ଏତଦ୍ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି, ଆପଣ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ଓ.ଏସ.ଏ.ପି ୭ମ ବାଟାଲିୟନ, ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ । ନଚେତ ଧରି ନିଆଯିବ ଯେ ଆପଣ କାର୍ଯ୍ୟରେ ଯୋଗଦାନ କରିବାର ନାହିଁ ଏବଂ ଉକ୍ତ ପ୍ରୋସିଡିଙ୍ଗର ଏକତରଫା ତଦନ୍ତ କରି ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଦିଆଯିବ ।

**ସ୍ୱା./-ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)**
**ଓ.ଏସ୍.ଏ.ପି. ୭ମ ବାଟାଲିୟନ,**
**ଭୁବନେଶ୍ୱର**

OIPR-12121/11/0001/2526

---

GOVERNMENT OF ORISSA

## OFFICE OF THE NOTIFIED AREA COUNCIL, KODALA

Odisha, Pin - 761032, e-Mail : nackodala@gmail.com

Lt. No.2582/ Dev / 2025 Dated : 30/08/2025

### e-NOTICE
### BID IDENTIFICATION NO. KOD-NAC-11/2025-26

**No.C-979** : The Executive Officer, NAC, Kodala on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/class registered with Central Govt./MES/Railways according to norm of e-procurement system in online mode for the work as per DTCN.

1. Name of the Work : Civil Work
2. Number of Work : 10 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10.00 A.M. of Dt. 01.09.2025 to 05.00 P.M. of Dt. 09.09.2025**
6. Last date and time for receipt of Bid in the Portal : **05.00 P.M. of Dt. 09.09.2025**
7. The bid received online shall be opened on **11.00 A.M. of dtd. 10.09.2025**
8. Name and Address of the Officer inviting Bid : Executive Officer, NAC, Kodala

Further details can be seen from the Procurement Portal : www.tendersorissa.gov.in

**Sd./- Executive Officer**
**Kodala NAC**

OIPR-13203/11/0048/2526

---

No.L-60

## DIRECTORATE OF AGRICULTURE & FOOD PRODUCTION, ODISHA

### REQUEST FOR PROPOSAL

**"Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 29523 Dated 30.08.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in**. from 02.09.2025. Last date for submission of proposals through e-procurement portal is 24.09.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

PT2-DAFP-RTI-SG-0002-2024

**Sd./- Director of Agriculture & Food Production, Odisha**

OIPR-01102/11/0030/2526

---

See Career Appointment on every Wednesday & Saturday

---

## OFFICE OF THE GENERAL MANAGER WATCO DIVISION, BERHAMPUR

e-mail:gmwatcobam@gmail.com/Ph.No.06802233978

### 1st CORRIGENDUM to WATCOBAM-07/2025-26, Dt.20.08.2025
**(Tender Id-2025_WDBAM_117372_1 Dt.26.08.2025)**

**Letter No.3301** **Date:30.08.2025**

**No.C-980:** The corrigendum to DTCN of tender identification No. WATCOBAM-07/2025-26, Dt.20.08.2025 (Tender Id-2025_WDBAM_117372_1 Dt.26.08.2025) has changes to Bill of Quantity item make.

| Earlier uploaded BOQ | To be modified to bill of quantity item make |
|---|---|
| Bill of Quantity Sl.No.7 & 8<br>150mm dia K-7 Ductile Iron pipe (P 1:6)<br>100mm dia K-7 Ductile Iron pipe (P 1:6) | Bill of Quantity Sl.No. 7 & 8<br>150mm dia K-7 Ductile Iron pipe<br>100mm dia K-7 Ductile Iron pipe |

The Bidder are requested to go through the above corrigendum carefully and act accordingly.
All other terms & conditions remain unaltered.

**Sd./- General Manager**
**WATCO Division, Berhampur**

OIPR-13210/11/0006/2526

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 16139/ଭୁ.ଉ.କ., ଭୁବନେଶ୍ୱର ତା.14.08.25 ରିଖ
SRE-21/88

### ସୂଚନା

**No.CAD-1634:**ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ଲଟେଡ ଡେଭେଲପମେଣ୍ଟ ସ୍କିମ୍, ପାଟିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. ଇ-୮-୧୨୬କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୮୦୦/AL ତା.୦୪.୦୩.୧୯୯୭ ରିଖ ଅନୁଯାୟୀ ଶ୍ରୀ ଅଶୋକ କୁମାର ମିଶ୍ର, ପିତା-ସ୍ୱର୍ଗତ ଅଭିମନ୍ୟୁ ମିଶ୍ର, ପ୍ଲଟ ନମ୍ବର-୪୫, ଫରେଷ୍ଟ ପାର୍କ, ଅଶୋକ ନଗର, ଥାନା-ଖାରବେଳ ନଗର, ଭୁବନେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅଶୋକ କୁମାର ମିଶ୍ର ଗତ ତା.୨୦.୦୩.୨୦୨୩ରିଖରେ ମୃତ୍ୟୁବରଣ କରିଅଛନ୍ତି (Death Certificate No-613357 Dated 27.03.2023, Legal heir certificate No- E-LHC/2023/220411) ତାଙ୍କ ଦାୟାଦ (୧) ସବିତା ମିଶ୍ର (ସ୍ତ୍ରୀ) (୨) ସୁଚରିତା ମିଶ୍ର (ଝିଅ) (୩) ଅଂଶୁମାନ ମିଶ୍ର (ପୁଅ) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି । ଏଣୁ ଉକ୍ତ ପ୍ଲଟର ହସ୍ତାନ୍ତରଣ ଅନୁରୋଧର ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,**
**ଭୁବନେଶ୍ୱର**

OIPR-13033/11/0355/2526

---

## ଜିଲ୍ଲା ପରିଷଦ, ପୁରୀ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

## ZILLA PARISHAD, PURI

**Panchayati Raj & Drinking Water Department, Govt. of Odisha**
**Notice No.4712, Date: 30.08.2025**
**Zilla Parishad, Puri, Kacheri Road, Puri-752001,**
**Ph:06752-225441, 222136, Email:ori-dpuri@nic.in, drdapuri@gmail.com**

### TENDER NOTICE

No.CAD-1654:Sealed tenders are invited from reputed Manpower Agencies/Service Providers to provide the services of DPC, DPE, CCE, BPC, BPA (1no.+1no.+1no.+11nos.+11nos.) for Z.P & 11 Blocks for handling Rural Housing Schemes related works for a period of 01 (One) year on contract basis for day to day official work. The engagement of Manpower Agencies/Service Provider Firm shall be made through two bid systems i.e. Technical & Financial Bid separately. The technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.

For more details please visit our website in https://puri.nic.in
1.Last date of receipt of Sealed Bid is on Dt.22.09.2025 upto 5.30 P.M. through Registered/Speed Post only. (any other mode of Submission of Tender is not acceptable.)
2.Opening of Bid papers i.e. (i) Technical Bid on Dt.23.09.2025 at 11.00 AM.
(ii) Financial Bid of eligible Tenders on: Dt.24.09.2025 at 11.00 AM.

**Sd./- CDO-cum-EO**
**Zilla Parishad, Puri**

OIPR-19256/11/0017/2526

---

## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-9, Bhubaneswar-751022
E-mail Id: bbsr.bscl@gmail.com, CIN:U74990OR2016PLC020016
Telephone-0674-2548428, 0674-2540811

**No.1183/ BSCL/ 2025** **Date:30.08.2025**
**No.C-983:**

### TENDER CALL NOTICE

| Sl. No. | Name of the Work | Bid Identification No. | Availability of Tender Document | |
|---|---|---|---|---|
| | | | From | To |
| 1 | RFP for selection of agency for Supply, Installation, Commissioning and Maintenance of Adaptive Traffic Signal Control System with Mobile application for Emergency Vehicle Movement and CDT (Amber and Red) for 25 Location in Bhubaneswar City | 1180/BSCL/2025 Dated 30.08.2025 | 02.09.2025 17.30 Hrs. | 04.10.2025 17.30 Hrs. |
| 2 | RFP for Selection of agency for design implementation and management of IP CCTV, ITMS and FRS SYSTEM on OPEX Model | 1181/BSCL/2025 Dated 30.08.2025 | 02.09.2025 17.30 Hrs. | 08.10.2025 17.30 Hrs. |

Further details can be seen from website https://tendersodisha.gov.in/ Any Corrigendum or Addendum, if any will not be published in newspaper and can only be seen in the above-mentioned website.

By Order Managing Director
**Sd./- General Manager (Admin)**
**Bhubaneswar Smart City Limited**

OIPR-13070/11/0013/2526

---

## ଜିଲ୍ଲା ପରିଷଦ : ଝାରସୁଗୁଡ଼ା
## ZILLA PARISHAD : JHARSUGUDA

Near Collectorate, Jharsuguda - 768204
Phone - 06645272997, ori-djharsuguda@nic.in

**No.3919** **Date : 30.08.2025**

### TENDER NOTICE

**No.CAD-1648** : Sealed tenders are invited from reputed Manpower Agencies/Service Providers to provide the services of **DPC, DPE, CCE, BPC, BPA (1no.+1no.+1no.+05nos.+05nos.) for Z.P & 05 Blocks for handling Rural Housing Schemes** related works for a period of 01(one) year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The undersigned reserves the right to accept or cancel any application without assigning any reason(s) thereof.

For more details please visit our website in **https://jharsuguda.odisha.gov.in**

1. Last date of receipt of Sealed Bid is on **24.09.2025** up to **5.30 PM** through Registered/Speed Post only.
2. Opening of Bid papers i.e. (i) Technical Bid on **dt. 25.09.2025, 11:00 AM**
(ii) Financial Bid of eligible Tenders on : **dt.25.09.2025, 3:00 PM**

**Sd./- CDO-cum-EO,**
**Zilla Parishad, Jharsuguda**

OIPR-19321/11/0004/2526

---

## OFFICE OF THE REGULATED MARKET COMMITTEE, BANKI

### E-PROCUREMENT NOTICE

**Organisation Chain**-Odisha State Agricultural Marketing Board/RMC Banki
**Tender Reference No.**RMC/BANKI-01/2025-26

**NO.H-20**

1. The Sub-Collector, Banki-cum-Chairman, R.M.C. Banki invites percentage rate bids in single cover system **(Technical Bid & Price Bid)** in **ONLINE MODE** from the eligible Contractors for the Civil Construction works as mentioned below.
2. Nature of Works : Repair and Renovation of existing infrastructure at 5 (five) Branches of Banki C.C.B. Ltd., Banki
3. Nos. of Works : 5 (five) Nos.
4. Tender Paper Cost : Rs.4,000/-
5. Class of Contractors : 'D' & 'C'
6. Available of bid documents in the website : From 11.00 A.M. of dt.03.09.2025 to 05.00 P.M. of dt.12.09.2025
7. Date of opening of Bid : Dt.15.09.2025 at 11 A.M.

The bidders have to participate in **ONLINE** bidding only. Further details can be seen from the website : http://tendersodisha.gov.in. Any addendum/corrigendum/cancellation of the tender can also be seen in the website.

**Sd./- Sub-Collector, Banki-cum-Chairman,**
**R.M.C. Banki**

OIPR-01550/11/0007/2526

---

## OFFICE OF THE REGISTRAR VIKRAM DEV UNIVERSITY, JEYPORE, KORAPUT, ODISHA

**No.2142/VDU/25** **DATE:30.08.2025**

### CORRIGENDUM

No.CAD-1646: In partial modification of this office advertisement no.1071/VDU/25 dated 22.08.2025, the date of walk-in-interview for engagement of Assistant Professor in the Department of Master of Business Administration and Master of Computer Science on contractual basis will be held as per the following dates and time.

| Date | Time | Subject | Venue |
|---|---|---|---|
| 04.09.2025 | 10.00 AM | Master of Business Administration | Vice-Chancellor's Office Chamber |
| 06.09.2025 | 10.00 AM | Master of Computer Science | Vice-Chancellor's Office Chamber |

All other terms and condition in the said advertisement will remain unchanged.

**Sd./- Registrar**
**Vikram Dev University, Jeypore, Dist:Koraput**

OIPR-11133/11/0014/2526

---

## OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR

Mail - rwssjpur@gmail.com

### Quotation Call Notice No. 02 of 2025-26

**No.O-666** : On behalf of Governor of Odisha the Executive Engineer, RWS&S Division, Jagatsinghpur at Punanga (Near Police Barrack) invites sealed quotations from registered agencies on their official letterhead for finalization of rates for the following items

| Sl. No. | Description of work | Qnty | Unit | Rate | |
|---|---|---|---|---|---|
| | | | | In figures | In words |
| 1 | Supplying of 5 HP submersible Pump Motor of Motor Type-BPD+UMA I/H 150 & Size-242/4A + 3/22) | 1 | Each | | |
| 2 | Supplying of 7.5 HP submersible Pump Motor of Motor Type-BPD+UMA I/H 150 & Size-242/6A + 6/22 (DOL) | 1 | Each | | |
| 3 | Supplying of 10 HP submersible Pump Motor of Motor Type-BPD+UMA I/H 150 & Size-273/7A + 8/22) | 1 | Each | | |
| 4 | Supplying of 12.5 HP submersible Pump Motor of Motor Type-BPD+UMA I/H 150 & Size-273/8A + 9/22) | 1 | Each | | |
| 5 | Supplying of 15 HP submersible Pump Motor of Motor Type-BPD+UMA I/H 150 & Size-273/8 + 13/22) | 1 | Each | | |

Receipt of Quotation paper : On dt. 03.09.2025 to 11.09.2025 up to 5.30 P.M. during office working hours in the office of the Superintending Engineer, RWS&S Division, Jagatsinghpur

Opening of Quotation : On dt.12.09.2025 at 11.30 A.M. in the office of the Superintending Engineer, RWS&S Division, Jagatsinghpur

**GENERAL CONDITIONS :**

1) Interested agencies must submit their quotation in a sealed envelope, clearly mentioning Quotation for Submersible Pump Motor (BPD+UMAI/H 150) on the cover.
2) The quotations in sealed covers should be sent to the office of the Superintending Engineer, RWS&S Division, Jagatsinghpur.
3) The quotations may be sent by post or delivered at reception of the above office address.
4) The quotation in the sealed cover containing the financial and technical bids must reach this office on or before 03.09.2025 to 11.09.2025 at 5.30 P.M quotations received & the opening of quotation on dt.12.09.2025 at 11.30 A.M after the due date/time shall not be entertained.
5) Valid GST registration Certificate and PAN card must be accompanied along with quotation.
6) The GST will be paid extra as applicable on production of authentic registration certificate.
7) The prices quoted shall be inclusive of the all taxes, duties and charges for delivery, installation and commissioning at out site.
8) Any other information relating to this quotation can be collected from the office of the undersigned during the office working hours till the last date of received of the quotation paper.

The authority reserves the right to reject/accept any or all the quotation without assigning any reason thereof.

**Sd./- Executive Engineer**
**RWS&S Divn. Jagatsinghpur**

OIPR-25024/11/0020/2526

---

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-679

E_mail ID : serw_balasore@yahoo.in, Ph No - 06782/260318, Balia, Balasore

### "e"-Procurement Notice for Road Work

**Identification No. - Online Tender - Bridge N.C.B. No. 25 for 2025-26**
**Letter No. : 3000 Dt. : 26.08.2025**

1. Name of the work : **Balance road Works under PMGSY-III (2022-23)**, 2. Total No. of work : **01 No.**, 3. Estimated Cost : Rs.280.43 lakhs (Approximately), 4. Eligible Class of Contractor : 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure), 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | NCB No. 25 of 2025-26 | Dt.02.09.2025 at 11.00 A.M. | Dt.10.09..2025 up to 5.00 P.M. | Dt.09.09.2025 up to 5.00 P.M. | Dt.11.09.2025 at 11.00 A.M. | **Will be intimated later** |

- **Further details can be seen from the website : www.pmgsytenders.gov.in**

**Sd./- Chief Construction Engineer,**
**R.W. Circle, Balasore**

OIPR-25105/11/0074/2526

---

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, ANGUL

Email ID - eeliangul@gmail.com

### e-Tender Notice
### Bid Identification No E.E. ANGUL (OLIC) 02/2025-26 Date 25.08.2025

**No.CAD-1640** : The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work **"Revival & Reinforcement** of following L.I. Projects under **Angul, Athamallik, Banarpal, Chhendipada, Kaniha, Kishorenagar, Pallahara & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

1. **Name of Works** : Revival and Reinforcement of River Lift Projects with supply of all materials on Turnkey basis.
2. **Total Nos. of Packages** : **32 Nos**
3. **Approximate Estimated Cost** : **Rs. 5.427** Lakh to **Rs. 27.750** Lakh
4. **Class of Contractor** : "D", "C" & "B" valid civil Class with H.T. valid Licence
5. **Period of completion** : 90 Days from the date of issue of work order
6. **Other details as follows**

| Procuremnet Officer | Bid Identification No | Availability of tender On-line for bidding | | Last date & time of seeking tender clarification | date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 02/2025-26 | 03.09.2025 10.00 AM | 11.09.2025 Up to 5.00 PM | 09.09.2025 | 12.09.2025 11.00 AM |

- Details can be seen from the Website www.tendersorissa.gov.in / www.angul.odisha.gov.in.
- Any Corrigendum / Addendum will be displayed in the above website only.

**Sd./- (Er. Debaraj Sethi)**
**Executive Engineer, L.I. Division, Angul**

OIPR-32547/11/0003/2526

---

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

No.PP:ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ନିମ୍ନଲିଖିତ ଜାତୀୟସ୍ତରୀୟ ପ୍ରଦର୍ଶନୀ/ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ହସ୍ତଶିଳ୍ପ କାରିଗର/ ସମବାୟ ସମିତି / ସ୍ୱୟଂ ସହାୟକ ଗୋଷ୍ଠୀ/ ଉତ୍ପାଦକ ଗୋଷ୍ଠୀ/ହସ୍ତଶିଳ୍ପରେ ସମ୍ପୃକ୍ତ ଅନ୍ୟ ସରକାରୀ ସଂସ୍ଥାମାନେ ତା୦୩.୦୯.୨୦୨୫ରିଖରୁ ତା୨୨.୦୯.୨୦୨୫ରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ ।

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ଟେରାକୋଟା ପ୍ରଦର୍ଶନୀ "ମୃତ୍ତିକା-୨୦୨୫" (Mruttika-2025) | IDCO ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଭୁବନେଶ୍ୱର | ଅକ୍ଟୋବର,୨୦୨୫ |
| ୨ | ୨୦ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା (20th Toshali National Crafts Mela) | ଜନତା ମଇଦାନ, ଭୁବନେଶ୍ୱର | ଡିସେମ୍ବର, ୨୦୨୫ |
| ୩ | କୋଣାର୍କ ଫେଷ୍ଟିଭାଲ ୨୦୨୫ (Konark Festival 2025) | କୋଣାର୍କ, ପୁରୀ | ଡିସେମ୍ବର, ୨୦୨୫ |
| ୪ | ଶିଶିର ସରସ (Sisir Saras) (ORMAS ଦ୍ୱାରା ସଂଗଠିତ) | ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୫ | ଆଦିବାସୀ ମେଳା-୨୦୨୬ (Adivasi Mela-2026) (ଅନୁସୂଚିତ ଜନଜାତିଙ୍କ ନିମନ୍ତେ) | ଆଦିବାସୀ ପଡ଼ିଆ, ଭୁବନେଶ୍ୱର | ଜାନୁୟାରୀ, ୨୦୨୬ |
| ୬ | ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ-୨୦୨୬ (State Level Terracotta Exhibition-2026) | ବାରବାଟୀ କିଲ୍ଲା ପଡିଆ (ଖ୍ରୀଷ୍ଟିଆନ ସାହି ପଡ଼ିଆ, ଚିଲ୍ଡ୍ରେନ ପାର୍କ), କଟକ | ଫେବୃୟାରୀ, ୨୦୨୬ |

**ଆବେଦନ କରିବା ନିମନ୍ତେ ସାଧାରଣ ଯୋଗ୍ୟତା ତଥା ଦରକାରୀ ଦସ୍ତାବିଜ**

- ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଆବେଦନକାରୀଙ୍କ ନାମ ଜିଲ୍ଲା ହସ୍ତଶିଳ୍ପ କାରିଗର ସର୍ବେକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ନିହାତି ଆବଶ୍ୟକ । ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହୋଇଥିବ ।
- ଆବେଦନ ନିମନ୍ତେ ଦରକାରୀ ଦସ୍ତାବିଜ: ନିଜ ଆଧାର କାର୍ଡ ନମ୍ବର ଏବଂ ବ୍ୟାଙ୍କ ପାସବୁକ୍/ଚେକ୍ ବହିର ନକଲ ।

ଆବେଦନକାରୀ ଉକ୍ତ ଯୋଜନାରେ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଅନ୍‌ଲାଇନ ମାଧ୍ୟମରେ https://crafts.odisha.gov.in/ ୱେବସାଇଟ ପରିଦର୍ଶନ କରି Apply Online ଉପରେ Click କରି https://spdp.odisha.gov.in/ ରେ ପ୍ରବେଶ କରିବା ପରେ "Exhibition Participation" ରେ Apply Now ଉପରେ Click କରି ଆବେଦନ କରିପାରିବେ । ଆବେଦନ କରିବାର ସବିଶେଷ ବିବରଣୀ ତଥା ପ୍ରଦର୍ଶନୀରେ ଦିଆଯାଉଥିବା ସମସ୍ତ ସୁବିଧା ଓ ସହାୟତାର ସୂଚନା ଏହି ୱେବସାଇଟରେ ଉପଲବ୍ଧ ଅଛି । ଆବେଦନ କରିବାର ଅନ୍ତିମ ତାରିଖ ୨୨.୦୯.୨୦୨୫ । ଏ ସମ୍ବନ୍ଧୀୟ ବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ତଥା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା-୧୮୦୦ ୩୪୫ ୭୮୫୦ରେ ଯୋଗାଯୋଗ କରିବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

**ସ୍ୱା./- ନିର୍ଦ୍ଦେଶିକା**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

OIPR-31034/11/0003/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶୁକଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉତ୍ତରାଖଣ୍ଡକୁ ନୂଆ ଦିଗନ୍ତ ଦେବ ରୋପ୍‌ ୱେ

ଭୁବନେଶ୍ୱର,୨।୯

ଦେବଭୂମି ଉତ୍ତରାଖଣ୍ଡକୁ ରୋପ୍ ୱେ ନୂଆ ଦିଗନ୍ତ ଦେବ। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ନ୍ୟାଶନାଲ ହାଇୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଲିମିଟେଡ୍ (ଏନ୍‌ଏଚ୍‌ଏଲ୍‌ଏମ୍‌ଏଲ୍) ଏବଂ ଉତ୍ତରାଖଣ୍ଡ ସରକାରଙ୍କ ପର୍ଯ୍ୟଟନ ବିଭାଗ ମଧ୍ୟରେ ଏକ ରୋପ୍‌ୱେ ବିକାଶ ଚୁକ୍ତି (ଆର୍‌ଡିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି। ରୋପ୍‌ୱେ ପରିବେଶ ଅନୁକୂଳ ଓ ଶୂନ୍ୟ ନିର୍ଗମନ ପରିବହନ ମାଧ୍ୟମ ହୋଇଥିବାବେଳେ ଏହା ଯାହା ଟ୍ରାଫିକ୍ ଜାମ୍, ବନସଂହାର ଓ ଭୂସ୍ଖଳନ ଭଳି ସମସ୍ୟାର ସମାଧାନ କରିବ। ୟୁଆର୍‌ଡିଏଲ୍ ପ୍ରକଳ୍ପଗୁଡ଼ିକ ଡେରାଡୁନ୍ ବିମାନବନ୍ଦରଠାରୁ ଚାରଧାମ, ପିଣ୍ଡାରୀ



ହିମବାହ, ମୁନସ୍ୟାରୀ, ଧାର୍ଚୁଲା-ଆଦି କୈଳାସ, ଓଁ ପର୍ବତ ଓ ଟାନାକପୁରରୁ ପନ୍ତନଗର ବିମାନବନ୍ଦରକୁ ସଂଯୋଗ କରିବ। ଏହା ଭାରତ ସରକାରଙ୍କ 'ପର୍ବତମାଳା ଯୋଜନା' ସହ ସମନ୍ୱିତ। ଏଥିପାଇଁ ଏନ୍‌ଏଚ୍‌ଏଲ୍‌ଏମ୍‌ଏଲ୍ ୫୧% ଖର୍ଚ୍ଚ ବହନ କରୁଥିବାବେଳେ ଉତ୍ତରାଖଣ୍ଡ ସରକାର ୪୯% ଖର୍ଚ୍ଚ ବହନ କରିବେ। ୯୦% ରାଜସ୍ୱ ଉତ୍ତରାଖଣ୍ଡରେ ପର୍ଯ୍ୟଟନ, ପରିବହନ ଓ ଗତିଶୀଳତା କ୍ଷେତ୍ରରେ ଖର୍ଚ୍ଚ ହେବ। ବାକି ୧୦% ରାଜସ୍ୱ ପ୍ରଶାସନିକ ଖର୍ଚ୍ଚ ବାଦ ଦେଇ ଇକ୍ୱିଟି ଅନୁପାତରେ ବଣ୍ଟନ ହେବ। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା, ଉତ୍ତରାଖଣ୍ଡର ପର୍ଯ୍ୟଟନ, ଧାର୍ମିକ ଓ ସାଂସ୍କୃତିକ ମନ୍ତ୍ରୀ ସତ୍‌ପାଲ ମହାରାଜ, ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଆର୍. କେ. ସୁଧାଂଶୁ କେନ୍ଦ୍ର ରାସ୍ତା ପରିବହନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବିନୟ କୁମାର, ଉତ୍ତରାଖଣ୍ଡ ସରକାରଙ୍କ ଅର୍ଥ ସଚିବ ଦିଲୀପ ଜାୱାଲକର, ପର୍ଯ୍ୟଟନ ସଚିବ ଧୀରଜ ଗର୍ବ୍ୟାଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହି ଚୁକ୍ତିକୁ ରାଜ୍ୟର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିବା ସହ ପର୍ଯ୍ୟଟନ, ରୋଜଗାର ସୃଷ୍ଟି ଓ ପରିବେଶ ସଂରକ୍ଷଣ ଦିଗରେ ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କହିଛନ୍ତି। ୧୨.୯ କି.ମି. ବିଶିଷ୍ଟ ସୋନପ୍ରୟାଗ-କେଦାରନାଥ ରୋପ୍‌ୱେ ପ୍ରକଳ୍ପର ପାଇଁ ୪୧୦୦ କୋଟି ଏବଂ ୧୨.୪ କି.ମି. ବିଶିଷ୍ଟ ଗୋବିନ୍ଦଘାଟ-ହେମକୁଣ୍ଡ ସାହିବ ପାଇଁ ୨୭୦୦ କୋଟି ଟଙ୍କାର ମଞ୍ଜୁରୀ ମିଳିଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ଟାମଟା କହିଛନ୍ତି, ଏହି ରୋପ୍‌ୱେ ନିର୍ମାଣ ପରେ କେଦାରନାଥ ଓ ହେମକୁଣ୍ଡ ସାହିବ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ସୁବିଧା ହେବ। ପର୍ଯ୍ୟଟନ ମନ୍ତ୍ରୀ ସତ୍‌ପାଲ ମହାରାଜ କହିଛନ୍ତି, ରୋପ୍‌ୱେ ନିର୍ମାଣ ପରେ ସ୍ଥାନୀୟ ଅର୍ଥନୀତି ଓ ରୋଜଗାର ସୁଯୋଗରେ ଉଲ୍ଲେଖନୀୟ ବୃଦ୍ଧି ହେବ। ଏହି ଚୁକ୍ତି ଅନୁସାରେ 'ଉତ୍ତରାଖଣ୍ଡ ରୋପ୍‌ୱେ ଡେଭଲପମେଣ୍ଟ ଲିମିଟେଡ୍ (ୟୁଆର୍‌ଡିଏଲ୍)' ନାମକ ଏକ ଏସ୍‌ପିଭି କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁଯାୟୀ ଗଠନ ହେବ। କେଦାରନାଥ ରୋପ୍‌ୱେ ପ୍ରକଳ୍ପ (ରୁଦ୍ରପ୍ରୟାଗ) ଓ ହେମକୁଣ୍ଡ ସାହିବ ରୋପ୍‌ୱେ ପ୍ରକଳ୍ପ (ଚମୋଲୀ) ପ୍ରାଥମିକ ପ୍ରକଳ୍ପ ହେବ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ କାଠଗୋଦାମ-ନୈନୀତଲ/କୈଞ୍ଚି ଧାମ, କାର୍ତ୍ତିକ ସ୍ୱାମୀ ମନ୍ଦିର, ବର୍ଣ୍ଣାଲା ଦୟାରା ବୁଗ୍ୟାଲ, ଜୋଶୀମଠ-ଆଉଲି/ଗୋର୍ସନ ରୋପ୍‌ୱେ ନିର୍ମାଣ ହେବ।

# ମୁକ୍ତିଲାଭ କଲା 'ନା ତେରେ ଜୈସା ୟାର୍ ମିଲେୟା'

ଭୁବନେଶ୍ୱର,୨।୯

ଜୀ ମ୍ୟୁଜିକ କମ୍ପାନୀ ପ୍ରସ୍ତୁତ ହୀର ଏକ୍ସପ୍ରେସ୍‌ର ସଙ୍ଗୀତ 'ନା ତେରେ ଜୈସା ୟାର୍ ମିଲେୟା' ମୁକ୍ତିଲାଭ କରିଛି। ତନିଷ୍କ ବାଗ୍‌ଚୀଙ୍କ କମ୍ପୋଜିଶନରେ ପ୍ରସ୍ତୁତ ଏହି ଗୀତରେ ଦିବିତା ଜୁନେଜା ଏବଂ ପ୍ରୀତ କମାନୀ ନିଖୁଣ ଅଭିନୟ ଦେଖିବାକୁ ମିଳିଛି। ଲଣ୍ଡନରେ ଶୁଟିଂ ହୋଇଥିବା ଏହି ଗୀତର ନୃତ୍ୟ ନିର୍ଦ୍ଦେଶନା ଆଦିଲ ଶୈଖ କରିଛନ୍ତି। ଆଲତାମାଶ ଫରିଦୀ ଓ ଶ୍ରେୟା ଜୈନଙ୍କ କଣ୍ଠସ୍ୱର ଆବେଗରେ ଭରପୂର କରିଛି। ହୀର୍ ଏକ୍ସପ୍ରେସ୍‌ର ଗୀତ 'ବେ ରାଞ୍ଝନା', 'ଡୋରେ ଡୋରେ ଦିଲ୍ ପେ ତେରେ', 'ଆଇ ଲଭ ମାଇ ଇଣ୍ଡିଆ' ଏବଂ 'ହୀର ମୈଁ ବେଖୀ' ଭଳି ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରିଛି। ପ୍ରତ୍ୟେକ ଗୀତ ନୂଆ ମେଜାଜ ଓ ଆବେଗ ଆଣିଛି, କିନ୍ତୁ 'ନା ତେରେ ଜୈସା ୟାର୍ ମିଲେୟା' ଚଳଚ୍ଚିତ୍ରର ସବୁଠାରୁ ରୋମାଣ୍ଟିକ ଓ ହୃଦୟସ୍ପର୍ଶୀ ଅଧ୍ୟାୟ ଭାବେ ଉଭା ହୋଇଛି। ଉମେଶ ଶୁକ୍ଲାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ହୀର୍ ଏକ୍ସପ୍ରେସ୍' ଏକ ପାରିବାରିକ ମନୋରଞ୍ଜନ ଚଳଚ୍ଚିତ୍ର ଯାହା ସେପ୍ଟେମ୍ବର ୧୨ରେ ଥିଏଟରରେ ମୁକ୍ତିଲାଭ କରିବ।

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ରିୟାଂଶୁ ସୁମନ ନାୟକ
(ଶୁକଦେବ)
ସାଇ ଶ୍ରୀକ୍ଷେତ୍ର, ହାଇଟେକ୍ ମେଡିକାଲ ସାମ୍ନା, ଭୁବନେଶ୍ୱର।
ଶ୍ରୀଜଗନ୍ନାଥ ଏବଂ ଶିବ(ମହାପ୍ରଭୁ) ତୁମକୁ ସର୍ବଦା ସହାୟ ହୁଅନ୍ତୁ।
-ଶୁଭେଚ୍ଛା ସହ-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୮୩୪

# ଟ୍ରାଇ ତଥ୍ୟ ଜିଓ ଏୟାରଫାଇବର: ୨ ଲକ୍ଷରୁ ଅଧିକ ଗ୍ରାହକ

ଭୁବନେଶ୍ୱର,୨।୯

ଓଡ଼ିଶାରେ ଡିଜିଟାଲ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓର ୫ଜି ଏଫ୍‌ଡବ୍ଲ୍ୟୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ଗ୍ରାହକ ସଂଖ୍ୟା ୨ ଲକ୍ଷ ଅତିକ୍ରମ କରିଛି। ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡ଼ିଛି। ଓଡ଼ିଶାରେ ୫ଜି ଏଫ୍‌ଡବ୍ଲ୍ୟୁଏ କ୍ଷେତ୍ରରେ ଜିଓଏୟାରଫାଇବର ୮୩ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହ ଜୁଲାଇ ଶେଷ ସୁଦ୍ଧା ୨.୧୧ ଲକ୍ଷରୁ ଅଧିକ

Jio AIRFIBER

ଗ୍ରାହକ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧୬୭୭୫ ନୂତନ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିଛି। ଜିଓଏୟାରଫାଇବର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ, ଅସୀମିତ ୱାଇଫାଇ, ୮୦୦+ ଟିଭି ଚ୍ୟାନେଲ, ୧୧+ ଓଟିଟି ଆପ୍ ଏବଂ ଆହୁରି ଅନେକ ସୁବିଧା ସହ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରକୁ ସଶକ୍ତ କରିଛି। ଜିଓ ଫାଇବର ଓ ଜିଓଏୟାରଫାଇବର ସଂଯୋଗ ମାଧ୍ୟମରେ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ (ହୋମ୍ ଏଣ୍ଟରଟେନ୍‌ମେଣ୍ଟ), ଅସୀମିତ ୱାଇ-ଫାଇ ଏବଂ ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସହ ୫.୫୮ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ସଶକ୍ତ କରୁଛି। ଓ୍ୟାରଲାଇନ କ୍ଷେତ୍ରରେ ଜିଓ ୫୦ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ପ୍ରାୟ ୩.୪୭ ଲକ୍ଷ ଜିଓଫାଇବର ଗ୍ରାହକଙ୍କ ସହିତ ଓଡ଼ିଶାରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଜୁଲାଇ ମାସରେ ଜିଓ ଓଡ଼ିଶାରେ ୧୨୮୯୮ ନୂତନ ଓ୍ୟାରଲାଇନ ବା ଜିଓଫାଇବର ଉପଭୋକ୍ତା ଯୋଡ଼ିଛି, ଯାହା ଏହି ମାସରେ ଓ୍ୟାରଲାଇନ କ୍ଷେତ୍ରରେ ଯୋଡ଼ିହୋଇଥିବା ମୋଟ ନୂତନ ଗ୍ରାହକଙ୍କ ୭୩ ପ୍ରତିଶତରୁ ଅଧିକ। ଜିଓ ଜୁଲାଇ ମାସରେ ଓଡ଼ିଶାରେ ସର୍ବାଧିକ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଜୁଲାଇ ଶେଷ ସୁଦ୍ଧା ଜିଓର ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୧.୬୪ କୋଟିରୁ ଅଧିକ ହୋଇଛି।

# ଚାଷ କାର୍ଯ୍ୟକୁ ଡାଲମିଆର ପ୍ରୋତ୍ସାହନ





ଭୁବନେଶ୍ୱର,୨।୯

ଡାଲମିଆ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍) ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଅଧୀନରେ ଚାଷ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। କଟକରେ ୨୫ ସେଣ୍ଟ (ଏକରର ଏକଚତୁର୍ଥାଂଶ) ଜମିରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିଛି। ଏହି ସଘନ ଚାଷ ପଦ୍ଧତି କୃଷକଙ୍କୁ ଛୋଟ ଛୋଟ ଜମିରେ ସଫଳ ଜଳ ପରିଚାଳନା ଏବଂ ପରକୁ ପର ଚାରା ରୋପଣ ଏବଂ ତଦ୍ୱାରା ସର୍ବାଧିକ ଅମଳ ଏବଂ ପରିବାରର ଆୟରେ ବୃଦ୍ଧି ଘଟାଇବାରେ ସମର୍ଥ କରାଉଛି। ଏହି ପ୍ରୟାସର ଅଂଶସ୍ୱରୂପ ଡିବିଏଫ୍ କୃଷକମାନଙ୍କର ଏକ ଗୋଷ୍ଠୀକୁ ୧ ଏଚ୍‌ପି ବିଦ୍ୟୁତ୍‌ଚାଳିତ ମୋଟର ପମ୍ପ ବଣ୍ଟନ କରିବା ସହ ଫସଲ ଉତ୍ପାଦକତାରେ ଉନ୍ନତି ଆଣିବା ନିମନ୍ତେ ଭରସାଯୋଗ୍ୟ ଜଳସେଚନଗତ ସମର୍ଥନ ଯୋଗାଇ ଦେଉଛି। ଏହି ପଦକ୍ଷେପ ସହିତ ଡିବିଏଫ୍‌ର ଅନନ୍ୟ ୫୦/୫୦ ଅବଦାନ ଢାଞ୍ଚା ମଧ୍ୟ ରହିଛି, ଯେଉଁଠାରେ ଖର୍ଚ୍ଚ ଫାଉଣ୍ଡେଶନ ଏବଂ କୃଷକଙ୍କ ମଧ୍ୟରେ ସମାନ ଭାବରେ ବହନ କରାଯାଉଛି ଏବଂ ଏହାଦ୍ୱାରା ଉଭୟ ସୁଲଭତା ଏବଂ ସହଭାଗୀ ଦାୟିତ୍ୱବୋଧ ସୁନିଶ୍ଚିତ କରାଯାଉଛି। ଏହି ଆବଣ୍ଟନ ସହ ଡିବିଏଫ୍ ଏପର୍ଯ୍ୟନ୍ତ କଟକରେ ୪୭୦ ଜଣ କୃଷକଙ୍କୁ ମୋଟର ପମ୍ପ ଯୋଗାଇଛି, ଯାହା ଦୀର୍ଘସ୍ଥାୟୀ କୃଷି ନିମନ୍ତେ ଉଲ୍ଲେଖନୀୟ ଅବଦାନ ରଖିବା ସହିତ ସେମାନଙ୍କର ଆୟରେ ବୃଦ୍ଧି ଘଟାଉଛି ଏବଂ ଉକ୍ତ ଅଞ୍ଚଳରେ ପୋଷଣଗତ ନିରାପତ୍ତା ପ୍ରଦାନ କରୁଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କପିଳାସ ସିମେଣ୍ଟ ୱାର୍କସ୍ ୟୁନିଟ ହେଡ୍ ପଙ୍କଜ ଗୁପ୍ତା, ଏବଂ ଏଚ୍‌ଆର ହେଡ୍ ସୁଧୀର ରଞ୍ଜନ ମହାନ୍ତି, ଉପସ୍ଥିତ ରହି କୃଷକମାନଙ୍କୁ ଦୀର୍ଘାବଧି ସମୃଦ୍ଧି ନିମନ୍ତେ ଉନ୍ନତ କାର୍ଯ୍ୟାଭାସ ଆପଣେଇବାକୁ ଉତ୍ସାହିତ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶକରି ପଙ୍କଜ ଗୁପ୍ତା କହିଥିଲେ, କୃଷକମାନେ ହେଉଛନ୍ତି ଆମ ରାଷ୍ଟ୍ରର ମେରୁଦଣ୍ଡ । ଗ୍ରାମ ପରିବର୍ତ୍ତନ ପ୍ରକଳ୍ପ ଜରିଆରେ ଆମେ ସେମାନଙ୍କୁ ସମ୍ବଳ ଏବଂ ସୁଯୋଗ ସହ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ।

# ବଢ଼ିଲା ସୁନା, ରୁପା ଦର

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

ବଢୁଥିବା ସୁନା ଦରକୁ ନେଇ ଗ୍ରାହକ ଚିନ୍ତାରେ ଥିବାବେଳେ ମଙ୍ଗଳବାର ପୁଣି ଏଥିରେ ବୃଦ୍ଧି ଘଟିଛି। ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ସୋମବାର ୧,୦୫,୮୮୦ ଟଙ୍କା ଥିଲା, ଯାହାକି ୧,୦୬,୦୯୦ ଟଙ୍କାରେ ପହଞ୍ଚିଛି। ଏଥିରେ ୨୧୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୭,୨୫୦ ଟଙ୍କା ରହିଛି। ସୋମବାର ସୁନାଦର ୯୭,୦୫୦ ଟଙ୍କା ଥିବାବେଳେ ଏଥିରେ ୨୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୭୯,୪୧୦ ଟଙ୍କାରୁ ୧୬୦ ଟଙ୍କା ବୃଦ୍ଧି ହୋଇ ୭୯,୫୭୦ ଟଙ୍କା ହୋଇଛି। ମଙ୍ଗଳବାର ରୁପା ଦାମ ମଧ୍ୟ ବୃଦ୍ଧି ପାଇଛି। ସୋମବାର ୧୦୦ ଗ୍ରାମ ରୁପା ଦାମ ୧୩,୬୦୦ ଟଙ୍କା ଥିଲା, ଯାହାକି ୧୦ଟଙ୍କା ବଢ଼ି ୧୩,୬୧୦ ଟଙ୍କା ହୋଇଛି।

Classified Everyday
0674-2580101, 9692975378



MATRIMONIAL

BRIDE WANTED

Wanted Brahmin bride for Brahmin groom, Age-39, Height - 5'8", Costing Inter, Accountant in Tata Power, Contact No-7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

GROOM WANTED

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811



REAL ESTATE

SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

3BHK Ready to move flat for sale at Sundarpada. Price-60 Lakhs. Contact: 7606024182. D-1842





Newly open health benefits SPA by expert therapist. Contact-8280961126. D-76935





Shop space of 200sqft. available for rent near Rupali Square .Contact: 8260818805, 7008252926. D-40529

AFFIDAVIT

ମୁଁ, ଆଲୋକ ସୋନି, ପିତାଙ୍କ ନାମ: ସ୍ୱ. ଦାମୋଦର ପ୍ରସାଦ ସୋନି, ବସୁଦା: ୱାର୍ଡ ନମ୍ବର- ୪୫, ଏମ୍-୨୮୫, ପଦ୍ମନାଭପୁର, ଜିଲ୍ଲା ଦୁର୍ଗ, ଛତିଶଗଡ଼, ପିନ୍- ୪୯୧୦୦୧, ଏହାଦ୍ୱାରା ଘୋଷଣା କରୁଛି ଯେ ମୋର ସଠିକ୍ ଏବଂ ପୂର୍ଣ୍ଣ ନାମ ଆଲୋକ କୁମାର ସୋନି । ଏଥିପରେ, ସମସ୍ତ କାର୍ଯ୍ୟରେ ମୋର ନାମ ଆଲୋକ କୁମାର ସୋନି ଭାବରେ ପରିଚିତ ହେବ।
ଆଲୋକ କୁମାର ସୋନି
ଧ-1835

I, Rijwana Begum, W/o-Sk Siraj Uddin, resident of At- Plot No.- 610, Pallaspalli, Lane No.11, Bhimpur, Aerodrome Area, Bhubaneswar, Dist.-Khordha, PIN- 751020, Odisha declared by this affidavit CF No.- 73/ dt-20.08.2025 that Rizwana Bibi and Rijwana Begum are the same person and my son Shakh Sohel Raza and Shaikh Sohel Raza are also same persons for all purposes. D-1840

By virtue of an affidavit sworn before the Executive Magistrate, Boudh, No.1202 date-01.09.25, I, Sunita Maharana, W/o. Sagar Kumar Maharana, R/o. Village/P.O.- Butupali, Ward No.12, P.S./ Dist. -Boudh, Odisha, PIN- 762014 declare that I have changed my daughter's name from Adyasresta Maharana to Aryashrasta Maharana. Henceforth she shall be known as Aryashrasta Maharana for all purposes.
Sunita Maharana
D-1841

By virtue of an affidavit sworn before the Notary Public, Borigumma, dated- 02.09.2025, I, Tulasiram Bisoi, Address: At: Singaguda, Taragan, P.O.- Malda, P.S.- Borigumma, Dist.- Koraput- 764056, Odisha declare that I have changed the name of my son from Ramesh Bhumia(Old name) to Ramesh Bisoi (New name). Henceforth, she shall be known as Ramesh Bisoi(New name) for all purposes.
D-1839

By virtue of an affidavit sworn before the Executive Magistrate, Bhubaneswar Vide C.F. No.- 51, dated-01.09.2025, I, Rashmi Ranjan Digal, S/o-Madhab Digal, permanent resident of At/P.O.- Balandapada, P.S.- Gochhapada, Dist.-Kandhamal, Odisha, PIN- 762002, declare that I have changed my daughter's name from Simaran Digal to Nivyanshi Digal(New name). Henceforth, she shall be known as Nivyanshi Digal for all purposes.
Rashmi Ranjan Digal
D-1838

I, Suman Tiwari, W/o Amar Nath Pandey, present r/o Tetuldanga, P.O.- Rakha Copper Project, P.S.-Jaduguda, East Singhbhum. Permanent r/o Rampur, Telari, P.O.- Kirhindi, Sheosagar, Bihar 821111, do hereby solemnly affirm and declare by this affivadit No. 06AA 274010 dated-09/10/2019, that I shall be known as Suman Pandey for all future purposes. D-1845

By virtue of an affidavit sworn before Executive Magistrate, Bhubaneswar No.- 104, dated- 25.08.2025, I, Billi Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN-758029 declare that I have changed my name from Billi Sidu to Billi Munda. Henceforth, I shall be known as Billi Munda for all purposes.
D-1844

By virtue of an affidavit sworn before Executive Magistrate, Bhubaneswar No.- 105, dated- 25.08.2025, I, Arttatran Munda, At- Jamuleibeda, P.O.- Palanghati, P.S.- Ghatagaon, Dist.- Keonjhar, Odisha, PIN- 758029 declare that I have changed my name from Badal Sidu to Arttatran Munda. Henceforth, I shall be known as Arttatran Munda for all purposes.
D-1843

I, Subal Biswas, S/o Late Suklal @Muklal Biswas, village M.V. 11, P.O.- Panchabati, P.S./Dist.- Malkangiri do hereby solemnly affirm and state on oath as follows. That my actual name is Subal Biswas and nick name is Sunil. That, in Aadhaar Card, Voter ID Card my name is mentioned as Subal Biswas and ROR my name is mentioned as Sunil Biswas and family Migrant Card my name is mentioned as Subal (Sunil) Biswas. That, Subal Biswas and Sunil Biswas is one and same i.e. myself. That, I swear this affidavit in order to produce before the concerned authority to ascertain my both name as Subal Biswas and Sunil Biswas. D-1831

I, Sonal Akash Yadu, resident of F-2/6, Highway Residency, Sailshree Vihar, Bhubaneswar- 751021 have changed my name to Sonal Yadu vide affidavit dt.12 Aug. 2025.
D-1837

I, Akash Shri Shyam Lal Yadu, resident of F-2/6, Highway Residency, Sailashree Vihar, Bhubaneswar - 751021, have changed my name to Akash Yadu vide affidavit dt.12 Aug. 2025.
D-1836


By virtue of an affidavit sworn before Executive Magistrate, Athagarh, dated- 30.08.2025, I, Jatiram Behera S/o.-Hrusikesh Behera, Vill.- Mahalaxmipur, P.O.- Kandarei, P.S.- Khuntuni, Dist.- Cuttack, Odisha, PIN- 754029 declare that I have changed the name of my son from Pradyamna to Pradyumna. Henceforth, he shall be known as Pradyumna for all purposes.
Jatiram Behera.
D-1829



I, Prabhati Nalini Kar, W/o. Nagen Kumar Kar, At-Jubuli Town, Deulasahi, P.O./P.S.- Dhenkanal Town, Dist.- Dhenkanal-759001, Odisha hereby declare that I have changed my name from PRAVAT NALINI KAR to PRABHATI NALINI KAR on date 01.09.2025 before Executive Magistrate, Dhenkanal. Henceforth I shall be known and recognized as PRABHATI NALINI KAR for all official, legal and other purposes.D-1832

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁଲ ଚାଷ



ସେରାକଲ କିସମର ଗେଣ୍ଡୁଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଚାଷୀଙ୍କ ପାଇଁ..



ଲଙ୍କାଚାଷରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଇଓଫେନେଟ୍ ମିଥାଇଲ ମିଶାଇ ସିଞ୍ଚନ କରନ୍ତୁ । ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁକାତୀୟ ପନିପରିବାରେ ଜଉପୋକ ଲାଗିଥାଏ । ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ । ଔଷଧ ପକାଇବାର ୧ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ । କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ । ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କୋବିଜାତୀୟ ଫସଲରେ ଅଲଟରନାରିଆଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ।

# ଢିପ ଜମିରେ ଧାନ ଅମଳ



ଢିପ ଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକୁ ଧାଡ଼ି ୧୫ରୁ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଗିଣ୍ଟ ଏଞ୍ଜାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋପକାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଗିଣ୍ଟ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼ାଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାବାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାବ୍ୟତୀତ

## ଏ ମାସର କୃଷି ସୂଚନା

ଗୋଲାଇ ପତ୍ର ସିଞ୍ଚନ କରାଯାଇପାରେ । କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍‌ସି କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଲାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍ଡା-ସାଇହାଲୋଥ୍ରିନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଲାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ । ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୭ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଲାଇ ସିଞ୍ଚନ କରନ୍ତୁ । ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡପଚା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍‌ସି ୦.୫ ମି.ଲି./ଲିଟର ପାଣିରେ ଗୋଲାଇ ପ୍ରୟୋଗ କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।

**ପ୍ରାଣୀକୁ ପ୍ରତିଷେଧକ ଟିକା**

ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଗୋରୁଙ୍କୁ ଅଡ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ରୁ ୧୦୭ ଡିଗ୍ରୀ ଫାରେନହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଧୁଆଁ କିମ୍ବା ନିମପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

**ସୋରିଷ ଚାଷ**

ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତୋରିଆ ଜାତୀୟ ସୋରିଷ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା- ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ । ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉଦ୍ଭିଜ୍ଜ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ୦.୫% ବୋର୍ଡୋ ମିଶ୍ରଣକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଙ୍ଗୁଳି ଓ ଲେମ୍ବୁର ପାଣି ଛୁଆଁ ସବୁ କାଟି ଦିଅନ୍ତୁ ।

**ଫୁଲଚାଷ**

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିରାଟ, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଉନ୍, ଉଇଲସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ଫଳଚାଷରେ ରୋଗପୋକ ଦମନ



ଅମୃତଭଣ୍ଡା ଗଛର ମୂଳପଚା ରୋଗର ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ୧ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ । ବର୍ଷାଦିନେ ଲେମ୍ବୁରେ ଫାଇଟୋଫଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ । ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡୋ ମିଶ୍ରଣ ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ୧ ମାସ ଅନ୍ତରରେ କପର ଅକ୍ସିକ୍ଲୋରାଇଡ୍ ୧ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।

ଦେଖାଯାଏ । ଏହି ରୋଗ ନିରାକରଣ ପାଇଁ ଏକର ପ୍ରତି ୨ଗ୍ରା. ... ଦେଉଁଳ କରନ୍ତୁ । ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ

## ରାଶି ବୁଣୁଥିଲେ...



ଢିପ ଜମିରେ ରାଶି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ । ଏକର ପ୍ରତି ୪ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ । ମୂଳସାର ଭାବେ ଏକର ପ୍ରତି ୨ଟନ୍ ଶଢ଼ା ଗୋବର ଖତ ସହ ୬ କି.ଗ୍ରା. ଯବକ୍ଷାରଜାନ,୬ କି.ଗ୍ରା. ଫସ୍‌ଫରସ୍ ଓ ୬ କି.ଗ୍ରା. ପଟାସ ଖାଦ୍ୟସାର ବିହନ ବୁଣାବେଳେ ମାଟିରେ ପ୍ରୟୋଗ କରନ୍ତୁ । ଅଧିକ ଅମଳକ୍ଷମ କିସମ ଯଥା-ପ୍ରାଚୀ,ନିର୍ମଳା,କନକ,କାଳିକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନ ରଖନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୩ଗ୍ରାମ୍ ହିସାବରେ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ । ଶେଷଓଡ଼ ଚାଷବେଳେ ବିହନ ବୁଣିବା ପୂର୍ବରୁ ୬କି.ଗ୍ରା. ଯବକ୍ଷାରଜାନ, ୮କି.ଗ୍ରା. ଫସ୍‌ଫରସ୍ ଓ ୮କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।

## ଡାଲିଜାତୀୟ ଫସଲରେ ପତ୍ରକଟା ପୋକ ଲାଗିଥିଲେ...

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଆଖୁ କିଆରିରେ ଯତ୍ନ



ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହାଛଡ଼ା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାବାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଦହିଆ ପୋକ ଲାଗିବା ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ । ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମିପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ । ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟକରନ୍ତୁ । ଆକ୍ରାନ୍ତ ସ୍ଥାନରେ ମେଟାଲାକ୍ସିଲ୍ ଏମ୍. ୮% X ମାନ୍‌କୋଜେବ୍ ୬୪% ଡବ୍ଲ୍ୟୁପି ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ । ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।

## ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ । କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ । ଲଙ୍କାମରିଚ ଫସଲରେ ପତ୍ରମୋଡ଼ା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍ (୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ ।

# ମାଛ ଯାଆଁଳ ଛାଡ଼ିବା ପରେ...

ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । କାଳିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଅଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୨୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ୧ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୭୦ ମି.ମି.) ଛାଡ଼ନ୍ତୁ । କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷ କରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ । ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୩/୨୦୨୫ Bhubaneswar, Wednesday, September 3/ 2025

# କ୍ୱାର୍ଟରରେ ସିନର, ଓସାକା

**ନ୍ୟୁୟର୍କ,୨।୯**

ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦୁଇ ଥରର ଚାମ୍ପିୟନ ନାଓମି ଓସାକା ଚଳିତ ୟୁଏସ୍ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ କୋକୋ ଗଫ ବିଦାୟ ନେଇଛନ୍ତି।


ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ସିନର ୬-୧,

**ୟୁଏସ୍ ଓପନ**

୬-୧, ୬-୧ ସେଟ୍‌ରେ ଆଲେକଜାଣ୍ଡର ବବଲିକଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୮୧ ମିନିଟ୍ ଲାଗିଥିବା ବେଳେ ହାର୍ଡକୋର୍ଟ ଗ୍ରାଣ୍ଡସ୍ଲାମରେ ଏହା ତାଙ୍କର କ୍ରମାଗତ ୨୫ତମ ବିଜୟ। ସେ କ୍ୱାର୍ଟର ଫାଇନାଲରେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ। ମୁସେଟି ତାଙ୍କ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୬-୩, ୬-୦, ୬-୧ ସେଟ୍‌ରେ ଜଉମେ ମୁନାରଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ୨୦୧୮ ଓ ୨୦୨୦ ସଂସ୍କରଣର ଚାମ୍ପିୟନ ଓସାକା ୬-୩, ୬-୨ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଗଫଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୨୭ ବର୍ଷୀୟା ଓସାକା ୨୦୨୧ ପରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ୧୧ତମ ସିଡ୍ କାରୋଲିନା ମୁଚୋଭା ୬-୩, ୬-୭(୦/୭), ୬-୩ ସେଟ୍‌ରେ ମାର୍ଗା କୋଷ୍ଟ୍ୟୁକଙ୍କୁ ଓ ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୦, ୬-୩ ସେଟ୍‌ରେ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆଙ୍କୁ ହରାଇଛନ୍ତି।

## ମହିଳା ଡବଲ୍ସ: କ୍ୱାର୍ଟରରେ ଭେନସ




ଏକ ସେଟ୍ ଜିତିବାପରେ ଖୁସି ମନାଉଛନ୍ତି ଭେନସ ୱିଲିୟମ୍ସ ଓ ତାଙ୍କ ପାର୍ଟନର ଲେୟଲା ଫର୍ନାଣ୍ଡେଜ।

୪୫ ବର୍ଷୀୟା ଭେଟେରାନ ଟେନିସ ଖେଳାଳି ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଲେୟଲା ଫର୍ନାଣ୍ଡେଜଙ୍କ ସହ ଯୋଡ଼ି କରି ଖେଳୁଥିବା ଭେନସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୬-୪ ସେଟ୍‌ରେ ୧୨ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ଓ ଝାଙ୍ଗ ଶୁଆଇଙ୍କୁ ପରାସ୍ତ କରିଛନ୍ତି। ଲେୟଲା ଓ ଭେନସ କ୍ୱାର୍ଟର ଫାଇନାଲରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭାଙ୍କୁ ଭେଟିବେ।

# ଟି୨୦ରୁ ମିଚେଲ ଷ୍ଟାର୍କଙ୍କ ଅବସର

**ବ୍ରିସ୍‌ବେନ୍, ୨।୯ (ପି.ଟି.)**



ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗକୁ ଆସେସ୍, ଆଇପିଏଲ୍, ଭାରତରେ ଟେଷ୍ଟ ସିରିଜ୍ ଏବଂ ୨ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ହେବାକୁ ଥିବାରୁ ରଣନୀତିକ ପଦକ୍ଷେପସ୍ୱରୂପ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଷ୍ଟାର୍କ ତାଙ୍କ ବିସ୍ଫୋରକ ଗତି, ଚମତ୍କାର ସୁଇଙ୍ଗ୍, ଘାତକ ୟର୍କର ଏବଂ ବାଉନ୍‌ସର ପାଇଁ ଜଣାଶୁଣା। ଅଷ୍ଟ୍ରେଲୀୟ ପେସ୍ ବୋଲର ଅନ୍ତର୍ଜାତୀୟ ଟି୨୦ ଫର୍ମାଟ୍‌ରେ ୬୫ ମ୍ୟାଚ୍ ଖେଳି ୭୯ ଉଇକେଟ ଅକ୍ତିଆର କରିଛନ୍ତି। ଆଡାମ ଜାମ୍ପା(୧୦୩ ଗେମ୍, ୧୩୦ ଉଇକେଟ)ଙ୍କ ପରେ ଏହି ଫର୍ମାଟ୍‌ରେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ଶ୍ରେଷ୍ଠ ବୋଲର। ୩୫ ବର୍ଷୀୟ ଏହି ବୋଲର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ଅଧିକ ଦିନ ତିଷ୍ଠି ରହିବାକୁ ଚାହୁଁଛନ୍ତି। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ତରଫରୁ ଖେଳୁଥିବାବେଳେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଷ୍ଟାର୍କ ସମସ୍ତ ବଡ଼ ଇଭେଣ୍ଟ ଲାଗି ନିଜକୁ ସମ୍ପୂର୍ଣ୍ଣ ଶାରୀରିକ ଫିଟ୍ ରଖିବାକୁ ଚାହୁଁଛନ୍ତି। ଏଥିପାଇଁ ତାଙ୍କୁ ଅନ୍ତର୍ଜାତୀୟ ଟି୨୦ ଛାଡ଼ିବାକୁ ପଡ଼ିଛି। ଆଇପିଏଲ୍‌ରେ କିନ୍ତୁ ଷ୍ଟାର୍କଙ୍କର ବହୁତ ଚାହିଦା ରହିଛି। ଆଇପିଏଲ୍ ୨୦୨୪ରେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର) ତାଙ୍କୁ ରେକର୍ଡ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଦଳ ପକ୍ଷରୁ ଖେଳିବା ବେଳେ କେତୋଟିରେ ତାଙ୍କଠାରୁ ମ୍ୟାଚ୍‌ବିଜୟୀ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ୨୦୨୫ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଷ୍ଟାର୍କଙ୍କୁ ୧୧.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଭାରତ-ପାକିସ୍ତାନ ସୀମା ବିବାଦ ଯୋଗୁ ଆୟୋଜକ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସସ୍‌ପେଣ୍ଡ କରିଥିଲେ। କେତେଜଣ ବିଦେଶୀ ଖେଳାଳି ନିଜ ଦେଶକୁ ଫେରିଯାଇଥିଲେ। ଷ୍ଟାର୍କଙ୍କ ସମେତ କେତେଜଣ ନ ଫେରିବାକୁ ସ୍ଥିର କରିଥିଲେ। ଷ୍ଟାର୍କ ତାଙ୍କର ଅନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା ମଙ୍ଗଳବାର ସକାଳେ କରିଥିଲେ। ସେତେବେଳେ ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଏହାର ଦଳ ଘୋଷଣା କରିଥିଲା।

# ଅସିଫ୍ ଅଲ୍ଲୀଙ୍କ ଅବସର ଘୋଷଣା

**ଲାହୋର,୨।୯(ପି.ଟି.)**

ପାକିସ୍ତାନର ମିଡଲ-ଅର୍ଡର ବ୍ୟାଟର ଅସିଫ୍ ଅଲ୍ଲୀ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ୩୩ ବର୍ଷୀୟ ବ୍ୟାଟର ପାକିସ୍ତାନ ପାଇଁ ୨୦୨୧ ଓ ୨୦୨୨ ଟି୨୦ ବିଶ୍ୱକପ୍ ଖେଳିବା ସହ ୨୦୧୯ରେ ଦିନିକିଆ ବିଶ୍ୱକପ୍ ଖେଳିଥିଲେ। ତେବେ ସେ ଘରୋଇ କ୍ରିକେଟ୍ ଓ ବିଭିନ୍ନ ଦେଶରେ ଫ୍ରାଞ୍ଚାଇଜ୍ ଲିଗ୍ କ୍ରିକେଟ ଖେଳିବେ। ଏହି ଡାହାଣହାତୀ ବ୍ୟାଟର ପାକିସ୍ତାନ ପାଇଁ ୨୧ ଦିନିକିଆ ଓ ୫୮ ଟି୨୦ ମ୍ୟାଚ୍ ଖେଳି ୩ ଅର୍ଦ୍ଧଶତକ ସହ ୯୫୯ ରନ୍ କରିଥିଲେ। ୨୦୨୧ ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ସୁପର ୧୨ ମୁକାବିଲାରେ ସେ ତାଙ୍କ କ୍ୟାରିୟରର ସ୍ମରଣୀୟ ଇନିଂସ ଖେଳିଥିଲେ। ଦଳକୁ ଜିତାଇବା ପାଇଁ ଅନ୍ତିମ ଦୁଇ ଓଭରରେ ୨୪ ରନ୍ ଦରକାର ଥିବା ବେଳେ ସେ ୭ ବଲ୍‌ରେ ୨୫ ରନ୍ କରିଥିଲେ।

## ୧୩ ବର୍ଷ ପରେ ନ୍ୟାଶନାଲ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ

**ନୂଆଦିଲ୍ଲୀ, ୨।୯ (ପି.ଟି.):** ୟୁଟିଟି ନ୍ୟାଶନାଲ ର୍‍ୟାଙ୍କିଙ୍ଗ ଟେବୁଲ ଟେନିସ ଟୁର୍ନାମେଣ୍ଟ ଏଠାରେ ସେପ୍ଟେମ୍ବର ୭ରୁ ଖେଳାଯିବ। ୧୩ ବର୍ଷ ପରେ ଖେଳାଯିବାକୁଥିବା ଏହି ଇଭେଣ୍ଟରେ ଜାତୀୟ ଚାମ୍ପିୟନ ଦିୟା ଚିଟାଲେ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଜି. ସାଥିୟାଁ ହେଉଛନ୍ତି ଟୁର୍ନାମେଣ୍ଟର ମୁଖ୍ୟ ଆକର୍ଷଣ। ଟୁର୍ନାମେଣ୍ଟରେ ୨୯୫୮ଜଣ ଖେଳାଳ ଭାଗ ନେଉଛନ୍ତି। ଦିଲ୍ଲୀ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ୨୦୦୮ ପରେ ପ୍ରଥମ ଥର ଏକ ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି, ଯଦିଓ ଭାରତର ଟେବୁଲ ଟେନିସ ମହାସଂଘ ୨୦୧୨ ମସିହାରେ ହରିୟାଣାର ସହଯୋଗରେ ଏକ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ଟୁର୍ନାମେଣ୍ଟ ସେପ୍ଟେମ୍ବର ୭ରୁ ୧୪ ପର୍ଯ୍ୟନ୍ତ ଥ୍ୟାଗରାଜ୍ ଷ୍ଟାଡିୟମରେ ଖେଳାଯିବ। ଏଥିରେ ବିଭିନ୍ନ କାଟେଗୋରୀରେ ଯଥା ସିନିୟର, ୧୯ ବର୍ଷରୁ କମ୍ ୧୭ ବର୍ଷରୁ କମ୍, ୧୫ ବର୍ଷରୁ କମ୍, ୧୩ ବର୍ଷରୁ କମ୍ ଏବଂ ୧୧ ବର୍ଷରୁ କମ୍ କାଟେଗୋରୀ ସମେତ ମୋଟ ୧୨ଟି କାଟେଗୋରୀରେ ଇଭେଣ୍ଟମାନ ହେବ। ପୁରୁଷ ବିଭାଗରେ ଜାତୀୟ ଚାମ୍ପିୟନ ସାଥିୟାଁ ହରମିତ୍, ଆନ୍ଥୋନୀ ଅମ୍‌ଲାରାଜ ଓ ସୌମ୍ୟଜିତ୍ ଘୋଷ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେବା ପରଠାରୁ ଜାତୀୟ ଦୃଶ୍ୟପଟ୍ଟରୁ ଦୂରେଇ ଯାଇଛନ୍ତି। ଭେଟେରାନ ମୌମା ଦାସ, ମାଧୁରିକା ପାଟ୍‌କର, ରିଥ୍ ରିଶ୍ୟା ଓ ଦିବ୍ୟା ଦେଶପାଣ୍ଡେ ପ୍ରମୁଖ ମହିଳା ବିଭାଗରେ ଫେଭରିଟ ରହିବେ। ଦିଲ୍ଲୀ ଭିତ୍ତିକ ଭାରତ ଷ୍ଟାର ମନିକା ବାତ୍ରା ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେଉ ନାହାନ୍ତି। ତାଙ୍କର ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକ ଉପରେ ନଜର ରହିଛି। ର୍‍ୟାଙ୍କିଙ୍ଗ ତାଲିକାରେ ସେ ବର୍ତ୍ତମାନ ୫୫ସ୍ଥାନକୁ ଖସିଆସିଛନ୍ତି। ଡିଏସ୍‌ଟିଟିଏ ସଭାପତି ଗୁରପ୍ରୀତ ସିଂ କହିଛନ୍ତି, ଗତ ଥର ଏହି ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ କେତେଜଣ ଖେଳାଳି ଭାଗ ନେଇଥିଲେ ଯଦିଓ ତାଙ୍କର ମନେ ପଡୁନି, ଏଥର କିନ୍ତୁ ଅନେକ ଖେଳାଳି ଏଥରେ ଭାଗ ନେଉଛନ୍ତି।



ବେଙ୍ଗାଲୁରୁସ୍ଥିତ କର୍ନାଟକ ରାଜ୍ୟ ହକି ଆସୋସିଏଶନ ଆରେନା ପରିଦର୍ଶନ ଅବସରରେ ଜଣେ ଶିଶୁ ସହ ବାର୍ତ୍ତାଳାପ କରୁଛନ୍ତି ଜର୍ମାନୀର ପୂର୍ବତନ ଫିଲ୍ଡ ହକି ଖେଳାଳି ମୋରିଜ୍ ଫର୍ଷ୍ଟି।



କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ତଥା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ୍ସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

# ରାଜସ୍ଥାନ ରୟାଲ୍ସକୁ ସୁପ୍ରିମକୋର୍ଟକୁ ଟାଣିଲେ

**ନୂଆଦିଲ୍ଲୀ,୨।୯**

ପୂର୍ବତନ ଭାରତୀୟ ପେସର ଏସ୍ ଶ୍ରୀସନ୍ଥ ଓ ଆଇପିଏଲ୍ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ସହ ଜଡ଼ିତ ଥିବା ଏକ ଦଶନ୍ଧି ପୁରୁଣା ୨୦୧୨ର ଇନସୁରାନ୍ସ ଦାବି ମାମଲା ପୁଣି ଥରେ ସୁପ୍ରିମକୋର୍ଟରେ ପହଞ୍ଚିଛି। ୨୦୧୨ରେ ଏକ ପ୍ରାକ୍ଟିସ ମ୍ୟାଚ୍ ବେଳେ ଶ୍ରୀସନ୍ଥଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା ଏବଂ ସେ ଆଇପିଏଲ୍ ସିଜନରୁ ବାଦ୍ ପଡ଼ିଥିଲେ।

**ଶ୍ରୀସନ୍ଥଙ୍କ ଇନସୁରାନ୍ସ ଦାବି ବିବାଦ**

ରୟାଲ୍ସ ପକ୍ଷରୁ ଏକ ସ୍ପେଶାଲ କଣ୍ଟିଜେନ୍ସି ପଲିସି ଅଧୀନରେ ଖେଳାଳିଙ୍କୁ ଇନସୁରାନ୍ସ ପ୍ରଦାନ କରାଯାଇଥିଲା, ଯାହାର ମୂଲ୍ୟ ଥିଲା ୮.୭ କୋଟି ଟଙ୍କା। ସେହି ଆଘାତ କାରଣରୁ ସେ ସେହି ବର୍ଷ ଆଇପିଏଲ୍‌ରେ ଖେଳିପାରିନଥିଲେ। ଏଥିଯୋଗୁ ରୟାଲ୍ସ ପକ୍ଷରୁ ପାଖାପାଖି ୮୨ ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ଇନସୁରାନ୍ସ କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ତାଙ୍କ ଦାବିକୁ ଖାରଜ କରି ଦେଇଥିଲା। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, ୨୦୧୧ରୁ ଶ୍ରୀସନ୍ଥଙ୍କ ଟୋରେ ଆହତ ସମସ୍ୟା ଥିଲା, ଯାହାକୁ ପଲିସୀ ନିଆଗଲା ବେଳେ ପ୍ରକାଶ କରାଯାଇନଥିଲା। ଏଣୁ ପୂର୍ବ ଇଞ୍ଜୁରି କାରଣରୁ ସେ ୨୦୧୨ ଆଇପିଏଲ୍‌ରେ ଖେଳିପାରିନଥିଲେ, ଯାହା ଫଳରେ ରୟାଲ୍ସ ପକ୍ଷରୁ କରାଯାଇଥିବା ଦାବି ଅବୈଧ। ଏହି ବିବାଦ ପ୍ରଥମେ ନ୍ୟାଶନାଲ କନଜ୍ୟୁମର ଡିସପ୍ୟୁଟ୍ସ ରିଡ୍ରେସାଲ କମିଶନ (ଏନ୍‌ସିଡିଆର୍‌ସି)ରେ ପହଞ୍ଚିଥିଲା। ଏନ୍‌ସିଡିଆର୍‌ସି ଫ୍ରାଞ୍ଚାଇଜର ପକ୍ଷ ନେବା ସହ ଇନସୁରାନ୍ସ କମ୍ପାନୀକୁ ଟଙ୍କା ଦେବାକୁ କହିଥିଲେ। ହେଲେ ସେବେଠାରୁ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟରେ ଏବେ ମାମଲାର ଆରମ୍ଭରୁ ଶୁଣାଣି କରାଯାଉଛି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ, ଟୋ ଇଞ୍ଜୁରି ସମ୍ପର୍କରେ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଥିଲା କି ନାହିଁ। ଯଦି କମ୍ପାନୀକୁ ଇଞ୍ଜୁରି ସମ୍ପର୍କରେ ଜଣାଥିଲା, ତେବେ ସେମାନେ କଭରେଜ ଦେବାକୁ ମନା କରିଥାନ୍ତେ କିମ୍ବା ଅଧିକ ପ୍ରିମିୟମ ଚାର୍ଜ କରିଥାନ୍ତେ। ବର୍ତ୍ତମାନ ମାମଲାର କୌଣସି ସମାଧାନ ହୋଇନାହିଁ। ଇନସୁରାନ୍ସ କମ୍ପାନୀକୁ ଶ୍ରୀସନ୍ଥଙ୍କ ଫିଟ୍‌ନେସ ପ୍ରମାଣପତ୍ର ଓ ପଲିସୀର ଅସଲ କପି ସହି ଅଧିକ ତଥ୍ୟ ଦାଖଲ କରିବାକୁ କୁହାଯାଇଛି।

**ଏସିଆ କପ୍ ହକି ସୁପର-୪**

# ଭାରତ-କୋରିଆ ମୁକାବିଲା ଆଜି

**ରାଜଗିରି (ବିହାର), ୨।୯ (ପି.ଟି.):** ଏସିଆ କପ୍ ପୁରୁଷ ହକି ସୁପର-୪ ପର୍ଯ୍ୟାୟରେ ଭାରତ ବୁଧବାର ଏହାର ପ୍ରଥମ ମ୍ୟାଚ ଗତଥରର ଟାଇଟଲ ବିଜେତା ତଥା ୫ଥର ଚାମ୍ପିୟନ କୋରିଆ ସହ ମୁକାବିଲା କରିବ। ପୁଲ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ବେଶ୍ ଉତ୍ସାହିତ ଅଛି। ଦଳ ବୁଧବାର ଦୃଢ଼ ଆତ୍ମବିଶ୍ୱାସର ସହିତ ପଡ଼ିଆକୁ ଓହ୍ଲାଇବ। ପୁଲ୍ 'ଏ'ରେ ଭାରତ ଏହାର ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା। ଦଳ ପ୍ରଥମେ ଚାଇନାକୁ ୪-୩, ଜାପାନକୁ ୩-୨ ଏବଂ ସୋମବାର କାଜାଖସ୍ତାନକୁ ୧୫-୦ ଗୋଲ୍‌ରେ ହରାଇ ଦେଇଥିଲା। ଟୁର୍ନାମେଣ୍ଟରେ ସବୁଠାରୁ ସଫଳ ଦଳ ଭାବେ ବିବେଚନା କରାଯାଉଥିବା କୋରିଆର ଦଳର ପ୍ରଦର୍ଶନ ସେତେଟା ପ୍ରଭାବୀ ମନେ ହେଉ ନାହିଁ। ପୁଲ୍ 'ବି'ରେ ଦଳ ମାଲେସିଆ ପଛକୁ ଦ୍ୱିତିୟ ସ୍ଥାନରେ ରହିଛି। କୋରିଆ ପୁଲ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିବ ବୋଲି ଆଶା କରୁଥିଲେ ମାତ୍ର ମାଲେସିଆ ଏହି ଦଳକୁ ୪-୧ ଗୋଲ୍‌ରେ ହରାଇ ଦେଇଥିଲା। ଭାରତୀୟ ଦଳ ଫରୱାର୍ଡ ଲାଇନ୍‌ରେ ଦିଲପ୍ରୀତ ସିଂଙ୍କ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛି।

# ରିୟଲ ମନି ଗେମିଂ, କ୍ରିପ୍ଟୋ କମ୍ପାନୀକୁ ମନା

**ନୂଆଦିଲ୍ଲୀ, ୨।୯(ପି.ଟି.)**

**ଟିମ୍ ଇଣ୍ଡିଆର ଟାଇଟଲ ସ୍ପନସରଶିପ**

**ବିସିସିଆଇ ବିଡ୍ସ ଆମନ୍ତ୍ରଣ କଲା**

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ୍ ୧୧ ଓହରିବା ପରେ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସରଶିପ୍ ଅଧିକାର ଲାଗି ବିସିସିଆଇ ମଙ୍ଗଳବାର ବିଡ୍ସ ଆମନ୍ତ୍ରଣ ଦେଇଛି। ସରକାରଙ୍କ ପକ୍ଷରୁ ବ୍ୟାନ୍ କରାଯିବା ପରେ ଏହି ବିଡ୍ସ ପ୍ରକ୍ରିୟାରୁ ରିୟଲ ମନି ଗେମିଂ ଓ କ୍ରିପ୍ଟୋ କରେନ୍ସି କମ୍ପାନୀକୁ ବ୍ୟାନ୍ କରାଯାଇଛି। ଆସନ୍ତା ୯ ତାରିଖରୁ ୟୁଏଇରେ ଆରମ୍ଭ ହେବାକୁଥିବା ଏସିଆ କପ୍‌ରେ ଭାରତୀୟ ଦଳ ବିନା ଟାଇଟଲ ସ୍ପନସର୍‌ରେ ଖେଳିବ। ବୋର୍ଡ ପକ୍ଷରୁ ଆସନ୍ତା ୧୬ ତାରିଖକୁ ବିଡ୍ସ ଦାଖଲର ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଛି।





ବିସିସିଆଇ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଇନ୍‌ଭାଟେଶନ ଫର ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଆଇଇଓଆଇ) କିଣିବା ପାଇଁ ଆସନ୍ତା ୧୨ ତାରିଖକୁ ଅନ୍ତିମ ଦିନ ଭାବେ ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟ ୫ ଲକ୍ଷ ଟଙ୍କା ରଖାଯାଇଛି। ଗୁଟ୍‌ଖା, ଆଲ୍‌କହଲ ଓ ସାର୍ବଜନୀନ ନୈତିକତାକୁ ଆଘାତ ଦେଉଥିବା ଭଳି କମ୍ପାନୀକୁ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ କରାଯାଇଛି। ଏଥିସହିତ ସ୍ପୋର୍ଟ୍ସୱେର ନିର୍ମାତା, ବ୍ୟାଙ୍କ, ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍‌ସିଆଲ ସର୍ଭିସେସ୍, ନନ୍-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ, ନନ୍-ଆଲ୍‌କହଲିକ୍ କୋଲ୍ଡ ବେଭରେଜ୍ସ, ଫ୍ୟାନ୍ସ ଓ ମିକ୍ସର ଗ୍ରାଇଣ୍ଡର, ସେଫ୍ଟି ଲକ୍ସ ଓ ଇନ୍‌ସୁରାନ୍ସ କମ୍ପାନୀକୁ ମଧ୍ୟ ବାରଣ କରାଯାଇଛି। ଏହିସମସ୍ତ କାଟେଗୋରିରେ ଆଡିଡାସ୍, କାମ୍ପାକୋଲା, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଓ ଏସ୍‌ବିଆଇ ଲାଇଫ୍ ଆଦି ବିସିସିଆଇ ସହ ଜଡ଼ିତ ରହିଛନ୍ତି।

ପ୍ରମୋଶନ ଓ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ କାରଣରୁ ଡ୍ରିମ୍ ୧୧ ଭଳି ରିୟଲ ମନି ଗେମିଂ ଦେଶରେ ବ୍ୟାନ୍ ହୋଇଯାଇଛି। ଡ୍ରିମ୍ ୧୧ ଓ ମାଇଁ ୧୧ ସର୍କଲ ଭଳି କମ୍ପାନୀଠାରୁ ବିସିସିଆଇକୁ ପ୍ରାୟ ୧୦୦୦ କୋଟି ଟଙ୍କା ମିଳୁଥିଲା। ଦୁହେଁ ଯଥାକ୍ରମେ ଭାରତୀୟ କ୍ରିକେଟ୍ ଦଳ ଓ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ଟାଇଟଲ ସ୍ପନସର ଥିଲେ।

ଅନ୍‌ଲାଇନ୍ ମନି ଗେମିଂ, ବେଟିଂ କିମ୍ବା ଗ୍ୟାମ୍ବଲିଂ ଭଳି ସେବା କିମ୍ବା ଭାରତ କି ବିଦେଶରେ ସମାନ ପ୍ରକାର ପ୍ଲାଟଫର୍ମ ସହ ଜଡ଼ିତ ଥିବା ବିଡର ଆବେଦନ କରିପାରିବେ ନାହିଁ। ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ ୨୦୨୫ ଆଇନ ଅଧୀନରେ ବାରଣ କରାଯାଇଥିବା କାର୍ଯ୍ୟ କିମ୍ବା ବ୍ୟବସାୟରେ ଜଡ଼ିତ ଥିବା ବିଡରଙ୍କୁ ବିଡ୍ସ ଦାଖଲ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି





ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ମଙ୍ଗଳବାର ଅନୁଷ୍ଠିତ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ଟେଷ୍ଟରେ ଭାଗ ନେଇଥିବା କରାଟେକା ଓ ଅନ୍ୟମାନେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ